# ସ୍ମରଣିକା

ଏକତ୍ରିଂଶତମ ନିଖିଳ ଉତ୍କଳ

## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

**୪, ୫, ୬ ଓ ୭ ଏପ୍ରିଲ୍ , ୨୦୦୧**

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ

**କଟକ - ୭୫୩୦୧୩**

# ସୂଚୀପତ୍ର


| | | |
|---|---|---|
| Prayer | | |
| Message | : | Sri Pranab Kumar Bhattachary |
| Message | : | Dr. Dillip Datta |
| ପୂର୍ଣ୍ଣାଙ୍ଗ ସ୍ୱାଧୀନତା | : | ଶ୍ରୀମା |
| ଆଶ୍ରମର ଶୃଙ୍ଖଳା | : | ଶ୍ରୀଅରବିନ୍ଦ |
| ପୂର୍ଣ୍ଣଯୋଗରେ ସମର୍ପଣ | : | ଶ୍ରୀ ରାମକୃଷ୍ଣ ଦାସ |
| ଏକ ପତ୍ରାଂଶ | : | ଶ୍ରୀ ପ୍ରପତ୍ତି |
| ଆମ ସଙ୍ଗଠନ | : | ଶ୍ରୀ ଗଦାଧର ମିଶ୍ର |
| ୨୪ ନଭେମ୍ବର ୧୯୨୬ | : | ଶ୍ରୀ ନଳିନୀକାନ୍ତ ଗୁପ୍ତ |
| ଭଗବାନ ଓ ଅବତାର | : | ଶ୍ରୀ ନଗୀନ ଦୋଶୀ |
| ପ୍ରଥମ ପ୍ରୟୋଜନ | : | ଶ୍ରୀ ନାରାୟଣ ପ୍ରସାଦ |
| କରୁଣାର ଦିଗନ୍ତ | : | ଶ୍ରୀ ମନୋଜ ଦାସ |
| ମାତୃଭବନ | : | ଶ୍ରୀମତୀ ନିରୁପମା ନାୟକ |
| ଦୁଇଟି କବିତା | : | ଶ୍ରୀ ନାରାୟଣ ବୀରବର ସାମନ୍ତ |
| ଅବତାରଙ୍କ କାମରେ ଅଂଶ ଗ୍ରହଣର ସୁଯୋଗ | : | ଶ୍ରୀ ବିଶ୍ୱମ୍ଭର ସାମନ୍ତ |
| ସୁଇଡେନ୍‌ର ପାଗଳ ବୃଦ୍ଧ | : | ଶ୍ରୀ ନିରଞ୍ଜନ ନାୟକ |
| ସଙ୍ଗତି ଫେରି ଆସିବ | : | ଶ୍ରୀ ପ୍ରସାଦ ତ୍ରିପାଠୀ |
| କଥା ହେଉ ହେଉ | : | ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ |
| ତୁମ କାର୍ଯ୍ୟ ହିଁ ତୁମ ସାଧନା | : | ଶ୍ରୀ ଅନାଦି ଚରଣ ସ୍ୱାଇଁ |
| The Spirit Behind | : | Sri Pranab Kumar Bhattacharya |


ତୁମର ହୃଦୟକୁ ଦିବ୍ୟକୃପା ନିମନ୍ତେ ଖୋଲି ରଖ ଯାହାଦ୍ୱାରା କି ଏହା ତୁମ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଘଟଣାମାନ ସଙ୍ଗଠିତ କରି ପାରିବେ ।

**- ଶ୍ରୀମା**

# Prayer

**Sweet Mother,**

Pranams at Thy Lotus Feet.

The **31st All Orissa Sri Aurobindo Study Circle Conference** will be held from 4th to 7th April 2001 at Matrubhaban, Cuttack. As the crisis increase, inner and outer, Thy express help and fortitude too are overwhelming. We bow in gratitude and offer ourselves for a true interaction, at this forum, with all Thy Children of Orissa to grow into all that The Lord has willed and Thou dost execute.

Praying for Thy constant loving concrete Presence, Grace, Protection, Guidance and Blessings for the Conference.

**With all our Love and consecration**

**at Thy Lotus Feet,**

**Thy Children**
**of**
**Matrubhaban**

# *Dada writes ...*

*Pranab Kumar Bhattacharya*

**Department of Physical Education**

SRI AUROBINDO ASHRAM

Telegram:
SRI AUROBINDO PONDICHERRY

PONDICHERRY - 605 002, INDIA

Dated : 24.2.2001

Dear brother Gadadhar,

I am glad to know that you are going to hold the 31 St. All Orissa Matrubhaban Study Circle Conference on 4th to 7th April 2001, at Matrubhan, Cuttack.

I have prayed to Mother for you all. Sending herewith Her Ashirvadi. May She help you for the success of your efforts!

With very best wishes.

Yours affectionately

"Dada"

# *Dillip Da's encouragement ...*

*Truely happy to learn that you will be meeting for 31st All Orissa Sri Aurobindo Study Circle Conference at Cuttack, on 4th April 2001.*

*Orissa, the Holy land that housed the Lord of the Universe over the centuries is chosen for the special work of Sri Aurobindo and the Mother in our times. The sadhana of the great predecessors like of Babaji Maharaj and Prapatiji have fortified the strong foundation. To them, we bow in gratitude. In the hands of many able and wonderful brothers and sisters today, the progress continues steadily. Obstacles are bound to raise their heads in all spiritual paths- the Grace is all powerful and always awaits to help.*

*We shall look forward for the details of your deliberations which may kindly be conveyed in due time.*

*With loving greetings and best wishes to all.*

*Yours sincerely*

**DR. DILLIP DATTA**

# ପୂର୍ଣ୍ଣାଙ୍ଗ ସ୍ୱାଧୀନତା

**ଶ୍ରୀମା**

ମୁଁ ତୁମକୁ କହେ 'ସମ୍ପୂର୍ଣ୍ଣ ସ୍ୱାଧୀନ ହୁଅ'; କିନ୍ତୁ ତୁମେ ଏହି ଶବ୍ଦଗୁଡ଼ିକର ପ୍ରକୃତ ଅର୍ଥ ବୁଝିବା ଆବଶ୍ୟକ । ଅନେକ ସମୟରେ ସ୍ୱାଧୀନତାକୁ ଲୋକମାନେ ଯଥେଚ୍ଛାଚାର ବୋଲି ଭୁଲ କରନ୍ତି । ସାଧାରଣ ମନ ପାଇଁ ସ୍ୱାଧୀନ ହେବା ଅର୍ଥ ହେଉଛି ସମସ୍ତ ଭୁଲ କାର୍ଯ୍ୟକୁ ଅବାଧରେ କରିପାରିବାର ସୁଯୋଗ । ଏହା ସ୍ପଷ୍ଟ ଯେ ଆମେ ସେହି ଧରଣର ସ୍ୱାଧୀନତା କଥା କହୁ ନାହୁଁ । ମୁଁ ଯେତେବେଳେ କହେ 'ସ୍ୱାଧୀନ ହୁଅ', ମୁଁ ଯଥାର୍ଥ ସ୍ୱାଧୀନତା କଥା କହେ, ଯାହାର ଅର୍ଥ ହେଉଛି ସମସ୍ତ ଆସକ୍ତିରୁ ମୁକ୍ତି ।

ସେଠାରେ ପହଞ୍ଚି ପାରିବା କିନ୍ତୁ ସହଜ ନୁହେଁ । ଉଦାହରଣ ସ୍ୱରୂପ ତୁମେ ନିଜକୁ ପଚାର ସମସ୍ତ ନିନ୍ଦା ପ୍ରଶଂସାର କେତେ ଊର୍ଦ୍ଧ୍ୱରେ ତୁମେ ରହିଛ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ତୁମେ ଅନ୍ୟମାନଙ୍କଠାରୁ ନିଜକୁ ଏତେ ଉପରେ ବୋଲି ଭାବିବ ଯେ ସେମାନଙ୍କର ମତାମତକୁ ଅବହେଳା ଦୃଷ୍ଟିରେ ଦେଖିବ, ନା, ତା' ନୁହେଁ; କିନ୍ତୁ ବର୍ତ୍ତମାନ ତୁମ ନିଜର ଅଜ୍ଞନତାସମେତ ଚାରିଆଡ଼େ ଯେଉଁ ଅଜ୍ଞାନତା ପୁରି ରହିଛି ତାହାକୁ ବିଚାରକୁ ନେଇ ତୁମର ଜାଣିରଖିବା ଉଚିତ ଯେ ଅନ୍ୟଜଣକୁ ଠିକ୍ ଭାବରେ ବିଚାର କରିବାର ସାମର୍ଥ୍ୟ କାହାର ନାହିଁ । ତୁମ ଭିତରେ ବା ତୁମ ଗୁରୁଙ୍କ ଭିତରେ ଥିବା ଦିବ୍ୟ ଚେତନାହିଁ ତୁମର ଏକମାତ୍ର ପଥପ୍ରଦର୍ଶକ ।

ଯଥାର୍ଥରେ ସ୍ୱାଧୀନ ହେବାର ଏକମାତ୍ର ବାଟ ହେଉଛି ଭଗବାନଙ୍କ ନିକଟରେ ତୁମର ସମର୍ପଣକୁ ଆହୁରି ସାମଗ୍ରିକ ଓ ସର୍ତ୍ତବିହୀନ କର । ତା'ହେଲେ ଦେଖିବ ତୁମକୁ ଯାହା ବାନ୍ଧି ରଖିଛି, ଆବଦ୍ଧ ଓ ଶୃଙ୍ଖଳିତ କରିଛି ସେସବୁର ଗୁରୁତ୍ୱ କୁଆଡ଼େ ଉଭାଇ ଯାଇଛି ଓ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମଠାରୁ ସେଗୁଡ଼ିକ ଖସିପଡ଼ିଛି ।

ତା' ବୋଲି ଏହାର ଅର୍ଥ ନୁହେଁ ଯେ ଅନ୍ୟମାନଙ୍କର ଜରିଆରେ ତୁମ ନିକଟକୁ ଯାହା ବି ଆସୁ ସେଥିରୁ କିଛି ଶିଖିବା ନାହିଁ, ବରଂ ଅନ୍ୟପକ୍ଷରେ ଜଣେ ଶିଶୁ ମଧ୍ୟ ତୁମକୁ ଅନେକ ଶିକ୍ଷା ଦେଇପାରେ । ଏହାର ଅର୍ଥ ନୁହେଁ ଯେ ଶିଶୁଟିର ଅଜ୍ଞାନତା ତୁମଠାରୁ କମ୍, କିନ୍ତୁ ସେ ତୁମର ପ୍ରତିକୃତିକୁ ଦେଖାଉଥିବା ଏକ ଦର୍ପଣ ପରି କାର୍ଯ୍ୟ କରିପାରେ ଏବଂ ଏପରି କିଛିକୁ ପ୍ରତିବିମ୍ବିତ କରିପାରେ, ଯାହା ସମ୍ପର୍କରେ ତୁମେ ସଚେତ ନଥିଲ । ତେଣୁ ତୁମେ ଏଥିରୁ ଏକ ମହତ୍ ଉପକାର ପାଇପାର, ଅବଶ୍ୟ ଏଥିପାଇଁ ତୁମେ ଅବାଞ୍ଛିତ ପ୍ରତିକ୍ରିୟା ବିନା କିପରି ଶିକ୍ଷା ଗ୍ରହଣ କରିବାକୁ ହୁଏ ତାହା ଜାଣିଥିବା ଉଚିତ ।

ତୁମର ଏପରି ଅଭିଜ୍ଞତା ହେବା ଉଚିତ ଯେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ଅନ୍ୟଠାରୁ କିଛି ଶିଖିପାର । ତଥାପି ସେମାନଙ୍କର ମତାମତଦ୍ୱାରା ବାନ୍ଧି ହେଲାପରି ଅନୁଭବ ନକରି ସବୁବେଳେ ମନେ ରଖିବ ଯେ ଗୋଟିଏ ମାତ୍ର ପରମ ସତ୍ୟ ରହିଛି ଯେ କି ଜାଣିପାରେ ଓ ବିଚାର କରିପାରେ ।

ତା' ହେଲେହିଁ ତୁମେ ମୁକ୍ତ ।

ମୁଁ ତୁମଠାରୁ ଏହି ସ୍ୱାଧୀନତା ଚାହୁଁଛି, ତୁମେ ଯେପରି ସମସ୍ତ ଆସକ୍ତିରୁ, ସମସ୍ତ ଅଜ୍ଞାନତାରୁ, ସମସ୍ତ ପ୍ରତିକ୍ରିୟାରୁ ମୁକ୍ତ ରୁହ- ଭଗବାନଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ବ୍ୟତୀତ ଅନ୍ୟ ସବୁଥିରୁ ମୁକ୍ତ ରୁହ, କାରଣ ଏହି ସମର୍ପଣ ସହିତହିଁ ପରମ ଆଧ୍ୟାତ୍ମିକ ସ୍ୱାଧୀନତା ଆସେ ।

ବିଭିନ୍ନ ପ୍ରକାରର ସ୍ୱାଧୀନତା ରହିଛି, ମାନସିକ ସ୍ୱାଧୀନତା, ପ୍ରାଣିକ ସ୍ୱାଧୀନତା, ଆଧ୍ୟାତ୍ମିକ ସ୍ୱାଧୀନତା ଯାହାକି ସେହି ସେହି ବିଷୟରେ ପ୍ରଭୁତ୍ୱର ଫଳସ୍ୱରୂପ ଆସେ । କିନ୍ତୁ ଅତିମାନସର ଅଭିବ୍ୟକ୍ତି ଫଳରେ ଆଉ ଏକ ନୂତନ ସ୍ୱାଧୀନତା ସମ୍ଭବପର ହୋଇଛି, ତା' ହେଉଛି ଶରୀରର ସ୍ୱାଧୀନତା ।

ଅତିମାନସ ଅଭିବ୍ୟକ୍ତିର ପରିଣାମମାନଙ୍କ ଭିତରୁ ଅନ୍ୟତମ ପ୍ରଥମ ପରିଣାମ ହେଉଛି ଶରୀରକୁ ଏପରି ଏକ ସ୍ୱାଧୀନତା ଓ ଆତ୍ମନିୟନ୍ତ୍ରଣର ଅଧିକାର ମିଳିଛି, ଯାହାକି ସେ ପୂର୍ବରୁ କେବେ ଜାଣି ନଥିଲା । ମୁଁ ଯେତେବେଳେ

ଏହି ସ୍ୱାଧୀନତା କଥା କହୁଛି ସେତେବେଳେ ଏକ ମାନସିକ ଅନୁଭୂତି ବା ଆନ୍ତର ଚେତନାର ଏକ ଅବସ୍ଥା ବିଷୟରେ କହୁ ନାହିଁ, ଏହା ଏକ ଅନ୍ୟ ଜିନିଷ ଏବଂ ସେସବୁ ଅପେକ୍ଷା ଉତ୍କୃଷ୍ଟତର- ଏହା ଶରୀରରେ, ଶରୀରର କୋଷମାନଙ୍କରେ ଏକ ନୂତନ ପ୍ରକ୍ରିୟା । ଶରୀରର କୋଷମାନେ ପ୍ରଥମଥର ପାଇଁ ଅନୁଭବ କରିପାରିଛନ୍ତି ଯେ ସେମାନେ ସ୍ୱାଧୀନ ଓ ସେମାନଙ୍କର ନିଷ୍ପତ୍ତି ନେବାର କ୍ଷମତା ରହିଛି । ଯେତେବେଳେ ନୂତନ ସ୍ପନ୍ଦନ ଆସିଲା ଓ ପୁରାତନ ସହିତ ମିଶିଗଲା, ତାହାହିଁ ମୁଁ ସଙ୍ଗେ ସଙ୍ଗେ ଅନୁଭବ କଲି ଏବଂ ତାହା ମୋତେ ଯଥାର୍ଥରେ ଦେଖାଇ ଦେଲା ଯେ ଏକ ନୂତନ ଜଗତ ଜନ୍ମ ନେଉଅଛି ।

ସାଧାରଣତଃ ଶରୀର ବରାବର ଏହିପରି ଏକ ଧାରଣା ନେଇ ରହିଥାଏ ଯେ ସେ ନିଜର ପ୍ରଭୁ ନୁହେଁ, ତା ଭିତରେ ରୋଗ ପ୍ରବେଶ କରେ ତାକୁ ଯଥାର୍ଥରେ ବିରୋଧ କରିବାର ଶକ୍ତି ତା'ର ନଥାଏ, ଏହିପରି ଶରୀର ଉପରେ ବଳପ୍ରୟୋଗ କରୁଥିବା ଓ ଚାପ ଦେଉଥିବା ହଜାର ହଜାର ଜିନିଷ ରହିଛି । ଏହାର ଯେଉଁ ଏକମାତ୍ର କ୍ଷମତା ରହିଛି ତା' ହେଉଛି ପ୍ରତିରକ୍ଷାର କ୍ଷମତା, କୌଣସି କ୍ରିୟା ବିରୋଧରେ କେବଳ ପ୍ରତିକ୍ରିୟାର କ୍ଷମତା । ଯେତେବେଳେ କୌଣସି ରୋଗ ପ୍ରବେଶ କରିଛି, ସେତେବଳେ ଏହା ଉକ୍ତ ରୋଗ ବିରୋଧରେ ଯୁଦ୍ଧ କରି ତାକୁ ପରାସ୍ତ କରିଦେଇପାରେ, ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ସ୍ୱୀକାର କରେ ଯେ ଶରୀର ଯଦି ଆରୋଗ୍ୟ ହେବାପାଇଁ ସ୍ୱୟଂ ସ୍ଥିର କରେ ତେବେ ତାହା ଆରୋଗ୍ୟ ହୋଇଯାଏ । ଔଷଧ କେବେ ଆରୋଗ୍ୟ କରେ ନାହିଁ, କାରଣ ଶରୀରର ସଙ୍କଳ୍ପ ବିନା ଯଦି ବି ଔଷଧଦ୍ୱାରା କୌଣସି ରୋଗ କିଛିଦିନ ପାଇଁ ଆରୋଗ୍ୟ ହୋଇଯାଏ ତେବେ ତାହା ଅନ୍ୟ କୌଣସି ଆକାରରେ ପୁଣି ବାହାରିପାରେ ଯେପର୍ଯ୍ୟନ୍ତ ସ୍ୱୟଂ ଶରୀର ଆରୋଗ୍ୟ ହେବା ପାଇଁ ନିଷ୍ପତ୍ତି ନ ନେଇଛି । ତଥାପି ଏସବୁ ସତ୍ତ୍ୱେ ଶରୀରର ଏହି ଶକ୍ତି ମାତ୍ର ଏକ ପ୍ରତିରକ୍ଷାର ଶକ୍ତି, । ପ୍ରବେଶ କରିସାରିଥିବା ଏକ ଶତ୍ରୁ ବିରୋଧରେ ପ୍ରତିକ୍ରିୟାର କ୍ଷମତା, ଏହା ଯଥାର୍ଥରେ ସ୍ୱାଧୀନତା ପଦବାଚ୍ୟ ନୁହେଁ ।

ବର୍ତ୍ତମାନ, ଅତିମାନସର ଅଭିବ୍ୟକ୍ତି ଫଳରେ ଶରୀରରେ ଏକ ନୂଆ ଜିନିଷ ଘଟିଛି; ସେ ଅନୁଭବ କରୁଛି ଯେ ସେ ନିଜେହିଁ ନିଜର ପ୍ରଭୁ, ଆତ୍ମନିୟନ୍ତ୍ରଣର ଅଧିକାରୀ ଓ ତାହାର ପାଦ ଭୂମି ଉପରେ ଦୃଢ଼ ଭାବରେ ସ୍ଥାପିତ ବୋଲି କୁହାଯାଇପାରେ । ପ୍ରଭୁର ଅଧିକାର ନେଇ ମସ୍ତକ ଉତ୍ତୋଳନ କରି ତା'ର ସମସ୍ତ ସତ୍ତା ଯେପରି ସିଧା ହୋଇ ଛିଡ଼ା ହୋଇଛି, ଶାରୀରିକଭାବେ ଏହା ଏହିପ୍ରକାର ଏକ ଅନୁଭୂତି ଦିଏ ।

ଏପର୍ଯ୍ୟନ୍ତ ଆମେ ବରାବର ଯେପରିକି ସ୍କନ୍ଧରେ ଏକ ଭାର ବହନ କରି ଚଳିଆସିଛୁ, ଯେଉଁ ଭାର କି ଆମ ମସ୍ତକକୁ ନୁଆଁଇ ଦିଏ; ଅପରିଚିତ ଓ ଅଜ୍ଞାତ ସମସ୍ତ ପ୍ରକାର ବାହ୍ୟଶକ୍ତିଦ୍ୱାରା ପରିଚାଳିତ ହୋଇ ଆମେ ଯେପରି ଟାଣି ହୋଇଯାଉ କେଉଁଠିକି ତା' ମଧ୍ୟ ଜାଣିପାରୁନାହିଁ- ଏହାକୁହିଁ ଭାଗ୍ୟ ବା ଦୈବ ବୋଲି କୁହାଯାଏ । ତୁମେ ଯେତେବେଳେ ଯୋଗ କର, ପ୍ରଥମରୁ ଯେଉଁସବୁ ଅନୁଭୂତି ମିଳେ ତାହା ଭିତରୁ ଅନ୍ୟତମ ହେଉଛି ଭାରତରେ ଯାହାକୁ କୁଣ୍ଡଳିନୀ ଜାଗରଣର ଅନୁଭୂତି ବୋଲି କୁହାଯାଏ; ପ୍ରକୃତରେ ଏହି ଅନୁଭୂତିର ଅର୍ଥ ହେଉଛି ଚେତନା ଉର୍ଦ୍ଧ୍ୱକୁ ଆରୋହଣ କରେ, କଠିନ ଆବରଣସବୁକୁ ଭେଦ କରି ମସ୍ତକର ଉର୍ଦ୍ଧ୍ୱରେ ପହଞ୍ଚେ ଏବଂ ତୁମେ ଶେଷରେ ଆଲୋକର ରାଜ୍ୟରେ ପ୍ରବେଶ କର । କେବଳ ସେତେବେଳେ ଜଣେ ଯଥାର୍ଥଭାବେ ଦେଖିପାରେ, ଜାଣିପାରେ, ନିଷ୍ପତ୍ତି ନେଇପାରେ ଓ ଉପଲବ୍ଧି କରିପାରେ । ତଥାପି ଅନେକ ବାଧାବିଘ୍ନ ରହିଥାଏ, କିନ୍ତୁ ତୁମେ ସେସବୁର ଉର୍ଦ୍ଧ୍ୱକୁ ଉଠିଯାଇଥାଅ । ବର୍ତ୍ତମାନ ଅତିମାନସ ଅଭିବ୍ୟକ୍ତି ଫଳରେ ସେହି ଅନୁଭୂତି ଶରୀରରେ ମଧ୍ୟ ସମ୍ଭବ ହେବ । ଶରୀରସତ୍ତା ତା'ର ମସ୍ତକ ଉତ୍ତୋଳନ କରିଅଛି ଏବଂ ନିଜର ମୁକ୍ତି ଓ ସ୍ୱାଧୀନତାର ଅନୁଭୂତିକୁ ପାଇଅଛି ।

(୧୫ ଅଗଷ୍ଟ ୧୯୬୫ ନବଜ୍ୟୋତିରୁ ସଂଗୃହୀତ)

*Space of this page is offered by*

**A Well Wisher**

# ଆଶ୍ରମର ଶୃଙ୍ଖଳା

**ଶ୍ରୀଅରବିନ୍ଦ**

ମୁଁ ଦେଖିପାରୁ ନାହିଁ ଯେ ନୀତି ଓ ଶୃଙ୍ଖଳା ବ୍ୟତିରେକେ କେଉଁ ଭିତ୍ତି ଉପରେ ସୁବ୍ୟବସ୍ଥା ଓ ସୁସଂହତି ସମ୍ଭବ ହୋଇ ପାରିବ । ମନେହେଉଛି ତୁମେ ବୋଧହୁଏ ଭାବୁଛ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ ଏବଂ ନିଜର ପସନ୍ଦ ଅନୁଯାୟୀ ନିଜେ କେବଳ ମାତ୍ର ଶୃଙ୍ଖଳାମାନିବାର ସୁବିଧା ଦିଆଯିବ । ତାହା ମଧ୍ୟ ହୋଇ ପାରନ୍ତା ଯଦି କେବଳ କିଛିଟା ଆନ୍ତର ଉପଲବ୍ଧି ପ୍ରତ୍ୟେକ ସାଧକ ପାଇଁ ବ୍ୟକ୍ତିଗତ ଭାବରେ ଏକମାତ୍ର ଲକ୍ଷ୍ୟ ହୋଇଥାଆନ୍ତା; ଆନ୍ତର ଜୀବନ ସହିତ କିଛି ସମ୍ପର୍କ ନଥାଆନ୍ତା, କିମ୍ବା ଯଦି କୌଣସି ସାମୂହିକ ଜୀବନ ବା କର୍ମ ନଥାଆନ୍ତା ଓ ସେଗୁଡ଼ିକର କୌଣସି ଗୁରୁତ୍ୱ ନଥାଆନ୍ତା । କିନ୍ତୁ ଏଠାକାର ପରିସ୍ଥିତି ସେପରି ନୁହେଁ । ଆମେ ଏପରି ଏକ କାର୍ଯ୍ୟର ଭାର ନେଇଛୁ, ଜୀବନ, କର୍ମ ଓ ଭୌତିକ ଜଗତ ମଧ୍ୟ ଯାହାର ଅନ୍ତର୍ଗତ । ମୁଁ ଯେଉଁଥିପାଇଁ ପ୍ରୟାସ କରୁଛି ସେଥିପାଇଁ ପ୍ରଥମ ଆବଶ୍ୟକ ହେଲା ଆଧ୍ୟାତ୍ମିକ ଉପଲବ୍ଧି । କିନ୍ତୁ ଏହା ଜୀବନରେ, ମନୁଷ୍ୟ ମଧ୍ୟରେ ଓ ଏହି ଜଗତରେ ଏକ ବାହ୍ୟ ଉପଲବ୍ଧି ବିନା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଅନ୍ତରରେ ଆଧ୍ୟାତ୍ମିକ ଚେତନା ଓ ତା' ସହିତ ବାହାରେ ମଧ୍ୟ ଆଧ୍ୟାତ୍ମିକ ଜୀବନ ନିଶ୍ଚୟ ଆବଶ୍ୟକ । ବର୍ତ୍ତମାନ ଅବସ୍ଥାରେ ଆଶ୍ରମ ଯେପରି ଅଛି, ସେଥିରେ ସେହି ଆଦର୍ଶ ରୂପ ପାଉ ନାହିଁ, କାରଣ ସେଥିପାଇଁ ସମସ୍ତ ଆଶ୍ରମବାସୀଙ୍କୁ, ସାଧାରଣ ଅହଂଗତ ମନ ଏବଂ ପ୍ରଧାନତଃ ରାଜସିକ ପ୍ରାଣିକ ପ୍ରକୃତି ମଧ୍ୟରେ ବାସ ନ କରି, ଆଧ୍ୟାତ୍ମିକ ଚେତନାରେ ବାସ କରିବାକୁ ହେବ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଆଶ୍ରମହିଁ ଆମ ପ୍ରୟାସର ପ୍ରଥମ ରୂପ ନେଇଛି ଓ ତାହାହିଁ ହେଉଛି କ୍ଷେତ୍ର ଯେଉଁଥିରେ ପ୍ରସ୍ତୁତିମୂଳକ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ । ମା ଏହାର ରକ୍ଷଣାବେକ୍ଷଣ କରିବେ ଏବଂ ସେଥିପାଇଁ ସମସ୍ତ ଶୃଙ୍ଖଳା ଓ ସଙ୍ଗଠନ ରଖାଯାଇଛି ଏବଂ ସେହି ବିଧାନ ଓ ଶୃଙ୍ଖଳା ବିନା କିଛି ହୋଇପାରିବ ନାହିଁ । ଅହଂଭାବ ଓ ମାନସିକ ରୁଚିବୋଧ ଏବଂ ରାଜସିକ ପ୍ରାଣିକ ପ୍ରକୃତିକୁ ଜୟ କରିବା ପାଇଁ ବା ଅନ୍ତତଃ ପକ୍ଷେ ସେ ଦିଗରେ ସାହାଯ୍ୟ କରିବା ପାଇଁ ଶୃଙ୍ଖଳାର ଆବଶ୍ୟକତା ରହିଛି । ଯଦି ଏଗୁଡ଼ିକ ଉପରେ ଜୟଲାଭ କରାହୋଇଥାଏ ତେବେ ବାହ୍ୟ ନିୟମ ପ୍ରଭୃତିର ଆବଶ୍ୟକତା ସେତେ ବେଶୀ ନଥାଏ । ସ୍ୱତଃସ୍ଫୂର୍ତ୍ତ ବୁଝାମଣା, ଏକତା, ସଙ୍ଗତି ଓ ସ୍ୱତଃସ୍ଫୂର୍ତ୍ତ ନିର୍ଭୁଲ କର୍ମ ପ୍ରଭୃତି ହୁଏତ ଏହାର ସ୍ଥାନ ନେଇପାରେ । କିନ୍ତୁ ଯେପର୍ଯ୍ୟନ୍ତ ବର୍ତ୍ତମାନ ଅବସ୍ଥା ରହିଛି ସେପର୍ଯ୍ୟନ୍ତ ନିଜର ପସନ୍ଦ ଅନୁସାରେ ନିଜ ଉପରେ ନେଇଥିବା ଶୃଙ୍ଖଳା ବ୍ୟତୀତ ଯଦି ଅନ୍ୟ ସମସ୍ତ ଶୃଙ୍ଖଳା ବର୍ଜନ କରାଯାଏ ବା ବାଦ୍ ଦିଆଯାଏ ତେବେ ତା' ଫଳରେ କାର୍ଯ୍ୟଟିରେ ଆସିବ ନିଷ୍ଫଳତା ଓ ବିପର୍ଯ୍ୟୟ ।..... ସେହି ନୀତି ଉପରେ କାର୍ଯ୍ୟ କରିଥିଲେ କାର୍ଯ୍ୟଟିର ସତ୍ୟାନାଶ ଘଟିଥାଆନ୍ତା; ସେଥିରେ ଲାଗିରହିଥାଆନ୍ତା କେବଳ ବିବାଦ ଓ ନିରନ୍ତର ସଂଘର୍ଷ ଓ ପ୍ରତ୍ୟେକ କର୍ମୀ ତା'ର ନିଜସ୍ୱ ଧାରଣା ଓ ସ୍ୱେଚ୍ଛାଚାରିତାକୁ ଜାହିର କରୁଥାଆନ୍ତେ । ଏପରିକି ବର୍ତ୍ତମାନ ଅବସ୍ଥାରେ ମଧ୍ୟ ଏହାର ପ୍ରାବଲ୍ୟ ରହିଛି ଏବଂ କେବଳ ମା'ଙ୍କର କର୍ତ୍ତୃତ୍ୱ, ତାଙ୍କ ପ୍ରଦତ୍ତ କର୍ମର ଢାଞ୍ଚା ଏବଂ ପରସ୍ପରବିରୋଧୀ ତତ୍ତ୍ୱସବୁକୁ ଏକସଙ୍ଗରେ କାର୍ଯ୍ୟ କରାଇବାରେ ତାଙ୍କର କୌଶଳ ଯୋଗୁହିଁ ସବୁ କାର୍ଯ୍ୟ ସୁରୁଖୁରେ ଚାଲିଛି ।

ସବୁକିଛିକୁ ସଙ୍ଗଠିତ କରିବା ଉଦ୍ଦେଶ୍ୟରେ ମା ନିଜେହିଁ (ବିଭାଗଗୁଡ଼ିକର) ମୁଖ୍ୟମାନଙ୍କୁ ବାଛିଥିଲେ । ସମସ୍ତ କାର୍ଯ୍ୟଧାରା ଓ ଅନ୍ୟସବୁ ଟିକିନିଖି ବ୍ୟବସ୍ଥା ମା କରିଥିଲେ ଏବଂ ତାଙ୍କର ପଦ୍ଧତି ଅନୁସରଣ କରିବାକୁ ମୁଖ୍ୟମାନଙ୍କୁ ଶିକ୍ଷା ଦିଆଯାଉଥିଲା । ପରେ ମା ନିଜେ ଅନ୍ତରାଳକୁ ଚାଲିଯାଇ ତାଙ୍କ ନିଜ ଧାରା ଅନୁସାରେ କାର୍ଯ୍ୟ ଚାଲିବାକୁ ଛାଡ଼ିଦେଲେ କିନ୍ତୁ ସର୍ବଦା ସେଥିପ୍ରତି ସତର୍କ ଦୃଷ୍ଟି ରଖିଥିଲେ । ମୁଖ୍ୟମାନେ ମା'ଙ୍କର ନୀତି ଓ ନିର୍ଦ୍ଦେଶକୁହିଁ କାର୍ଯ୍ୟକାରୀ କରୁଛନ୍ତି ଏବଂ ସମସ୍ତ ବିଷୟରେ ମା'ଙ୍କୁ ବରାବର ଖବର ଦିଅନ୍ତି । ସେମାନଙ୍କ କାର୍ଯ୍ୟକୁ ମା ଉଚିତ ମନେକଲେ ମଧ୍ୟେ ମଧ୍ୟେ ସଂଶୋଧନ କରନ୍ତି । ସେମାନଙ୍କର କାର୍ଯ୍ୟ ସର୍ବାଙ୍ଗ ପରିପୂର୍ଣ୍ଣ ନୁହେଁ, କାରଣ ସେମାନେ ନିଜେ ଏପର୍ଯ୍ୟନ୍ତ ପୂର୍ଣ୍ଣତାଲାଭ କରି ନାହାନ୍ତି ଏବଂ କର୍ମୀ ଓ ସାଧକମାନଙ୍କ ଅହଂଭାବ ସେମାନଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରେ । କିନ୍ତୁ କୌଣସି କିଛି ମଧ୍ୟ ପୂର୍ଣ୍ଣତା ପାଇପାରିବ ନାହିଁ ଯେପର୍ଯ୍ୟନ୍ତ ସାଧକମାନେ ଓ କର୍ମୀମାନେ ଉପଲବ୍ଧି କରି ନାହାନ୍ତି ଯେ ସେମାନେ ନିଜର ଅହଂଭାବ, ପ୍ରାଣିକ ଓ ଶାରୀରିକ ଦାବିର ଆତ୍ମତୋଷଣ ପାଇଁ ଏଠାରେ ରହି ନାହାନ୍ତି; ରହିଛନ୍ତି ଏକ ଉଚ୍ଚତର ଓ କଠୋର ଯୋଗପାଇଁ ଯାହାର ପ୍ରଥମ ଲକ୍ଷ୍ୟ ହେଉଛି କାମନାର ବିନାଶ କରିବା ଓ ତାହା ସ୍ଥାନରେ ଭାଗବତ ସତ୍ୟ ଓ ଭାଗବତ ସଙ୍କଳ୍ପର ସ୍ଥାପନା କରିବା ।

(୯.୧.୧୯୩୬)

ସ୍ୱାଧୀନ କର୍ମ ଆଶ୍ରମ ମଧ୍ୟରେ ନାହିଁ । ସବୁକିଛି ଶୃଙ୍ଖଳିତ ଓ ପରସ୍ପର ସହିତ ସମ୍ପର୍କିତ । ବିଭାଗଗୁଡ଼ିକର ମୁଖ୍ୟମାନେ ଓ କର୍ମୀମାନେ କେହି ମଧ୍ୟ ସ୍ୱାଧୀନ ନୁହନ୍ତି । ଅଧୀନତା ଓ ସହଯୋଗିତା ଶିକ୍ଷା ସମସ୍ତ ସାମୂହିକ କାର୍ଯ୍ୟ ପାଇଁ ଆବଶ୍ୟକ । ଏହା ବିନା ଚାରିଆଡ଼େ ବିଶୃଙ୍ଖଳା ଦେଖାଦେବ ।

(୧୦.୩.୧୯୩୬)

ବ୍ୟକ୍ତିଗତ ଧାରଣା ବା ମତ ଅନୁଯାୟୀ କାର୍ଯ୍ୟର ବ୍ୟବସ୍ଥା କରିବା ମା'ଙ୍କ ପକ୍ଷେ ସମ୍ଭବ ନୁହେଁ କାରଣ ସେତେବେଳେ ସମସ୍ତ କାର୍ଯ୍ୟ ଅସମ୍ଭବ ହୋଇଉଠିବ । (୨୫.୭.୧୯୩୪)

(୨୪ ନଭେମ୍ବର ୧୯୭୭ ନବଜ୍ୟୋତିରୁ ସଂଗୃହୀତ)

# ପୂର୍ଣ୍ଣଯୋଗରେ ସମର୍ପଣ

**ଶ୍ରୀ ରାମକୃଷ୍ଣ ଦାସ**

**ପ୍ରଶ୍ନ** - ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ତଥା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର । ଏହି ଲକ୍ଷ୍ୟପ୍ରାପ୍ତିର ଉପାୟ କ'ଣ ?

**ଉତ୍ତର** - ଏହି ଲକ୍ଷ୍ୟ-ପ୍ରାପ୍ତିର ଉପାୟ ହେଲା ଅଭୀପ୍ସା, ସମର୍ପଣ, ତଥା ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ଗତିବୃତ୍ତିର ତ୍ୟାଗ । ଅଭୀପ୍ସାର ଅର୍ଥ ତୀବ୍ରଭାବେ, ଭଗବତ୍ ପ୍ରାପ୍ତି, ଶାନ୍ତି, ଏକାଗ୍ରତା, ଆନନ୍ଦ, ସମର୍ପଣକୁ ମନ-ପ୍ରାଣରେ ପ୍ରତିଷ୍ଠା କରିବାକୁ ଚାହିବା । ପ୍ରାଣରେ ସ୍ୱାର୍ଥ ଥାଏ, ସେଥିରୁ କାମନା ବାସନାତୃପ୍ତି ସକାଶେ ଇଚ୍ଛାକୁ କୁହାଯାଏ ଚାହିବା । କିନ୍ତୁ ଆତ୍ମାରେ ସ୍ୱାର୍ଥ ନଥାଏ । ସେହି ସକାଶେ ତା ଚାହିବାର ନାମ ହୁଏ ଅଭୀପ୍ସା । ସମର୍ପଣର ଅର୍ଥ ନିଜେ ଏବଂ ନିଜର ଯାହାକିଛି ସମସ୍ତ- ପ୍ରତ୍ୟେକ କର୍ମ, ମନ-ପ୍ରାଣର ପ୍ରତ୍ୟେକ ଗତିବୃତ୍ତି, ଗୃହ-ପରିବାର, ସମ୍ପତ୍ତି ମା'ଙ୍କ ଚରଣରେ ସମର୍ପଣ । ଅର୍ଥାତ୍ ସମସ୍ତ କିଛି ମା'ଙ୍କର ଜାଣି, ମା'ଙ୍କ ସେବା ଭାବରେ ମା'ଙ୍କ ସକାଶେ କର୍ମ କରିବା ।

☆

**ପ୍ରଶ୍ନ** - ପ୍ରତ୍ୟେକ ଯୋଗରେ ତ ଭଗବାନଙ୍କୁ ସମର୍ପଣ କରାହୁଏ, ଏ ଯୋଗରେ ମା'ଶ୍ରୀଅରବିନ୍ଦଙ୍କୁ କାହିଁକି ସମର୍ପଣ କରାହେବ ?

**ଉତ୍ତର** - ଭଗବାନ, ମା' ଏବଂ ଶ୍ରୀଅରବିନ୍ଦ ଏକ ତତ୍ତ୍ୱ ତଥା ଅଭେଦ, ଏକ । ମା'ଙ୍କୁ ସମର୍ପଣ କରିବାର ଅର୍ଥ ଭଗବାନଙ୍କୁ ସମର୍ପଣ ।

'ଶ୍ୱେତ ଗୋଲାପ' (White Roses) ର ଗୋଟିଏ ପ୍ରଶ୍ନୋତ୍ତର ଏଠାରେ ଉଦ୍ଧାର କରିବା -

Q - Mother, to love you, to love the Lord or to love Sri Aurobindo ? Whom can I love ?

A - Love, love, love as much as you can- the Lord, Sri Aurobindo and me- None of this love is wasted.

(ପ୍ର : ମା', ମୁଁ କାହାକୁ ଭକ୍ତି କରିବି ? ଆପଣଙ୍କୁ ଭକ୍ତି କରିବି କି ପରାତ୍ପର ପରମେଶ୍ୱରଙ୍କୁ ଭକ୍ତି କରିବି କିମ୍ବା ଶ୍ରୀଅରବିନ୍ଦଙ୍କୁ ଭକ୍ତି କରିବି ?

**ଉତ୍ତର** - ଭକ୍ତି, ଭକ୍ତି, ଭକ୍ତି ଯେତେ ତୁ କରିପାରୁ କର- ପରାତ୍ପର ପରମେଶ୍ୱରଙ୍କୁ, ଶ୍ରୀଅରବିନ୍ଦଙ୍କୁ ଏବଂ ମୋତେ- ଏହି ଭକ୍ତି ବ୍ୟର୍ଥ ହେବ ନାହିଁ ।)

Love ର ଶବ୍ଦଗତ ଅର୍ଥ ପ୍ରେମ । କିନ୍ତୁ ପ୍ରାଚୀନ ଅଧ୍ୟାତ୍ମ ଗ୍ରନ୍ଥ ଏବଂ ବର୍ତ୍ତମାନ ବ୍ୟବହାରିକ ଦୃଷ୍ଟିରୁ Love ର ଅର୍ଥ ଭକ୍ତି; ଏହା ବିଶେଷ ଯୁକ୍ତିସଙ୍ଗତ । ଏଥିରୁ ସ୍ପଷ୍ଟ ହେଉଛି ଯେ ମା'ଶ୍ରୀଅରବିନ୍ଦ ଓ ଭଗବାନ ଏକ ତତ୍ତ୍ୱ ।

**ପ୍ରଶ୍ନ** - କେଉଁଠି ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ ''The Mother'' ପୁସ୍ତକରେ ଯେଉଁ ''Divine Mother'' (ଦିବ୍ୟ-ଜନନୀ)ଙ୍କ କଥା ଉଲ୍ଲେଖ କରାହୋଇଛି, ସେହି ହେଉଛନ୍ତି ଆଶ୍ରମର ମା' ?

**ଉତ୍ତର** - ମା'ଙ୍କ ସମ୍ବନ୍ଧେ ଯେଉଁ ପ୍ରଶ୍ନ କରାହୋଇଥିଲା ତାହାର ଉତ୍ତର ଶ୍ରୀଅରବିନ୍ଦ ପତ୍ରଦ୍ୱାରା ଦେଇଥିଲେ । ସେହି ପତ୍ରଗୁଡ଼ିକ ''Sri Aurobindo On Himself and On the Mother'' ପୁସ୍ତକରେ ପ୍ରକାଶିତ ହୋଇଛି ।

(pp. 431-438)

Q - Do you refer to the Mother (our Mother) in your book "The Mother" ?

(ପ୍ର : ଆପଣଙ୍କ ''ମା' ବହିରେ କ'ଣ ଆମ୍ଭର ଏହି ମା'ଙ୍କୁ ଭାଗବତୀ ଜନନୀ ବୋଲି ସମ୍ବୋଧନ କରିଅଛନ୍ତି ?

**ଉତ୍ତର** - ହଁ ।

☆

**ପ୍ରଶ୍ନ** - ଏହା ବ୍ୟତୀତ ଶ୍ରୀଅରବିନ୍ଦ ମା'ଙ୍କ ସମ୍ବନ୍ଧେ ଆଉ କିଛି କହିଛନ୍ତି କି ?

**ଉତ୍ତର** - ବହୁତ କିଛି କହିଛନ୍ତି । ସେଥିରୁ କେତୋଟି କଥା ନିମ୍ନରେ ପ୍ରଦତ୍ତ ହେଲା ।

ଯେତେବେଳେ ଶ୍ରୀଅରବିନ୍ଦ ଆଶ୍ରମର ସମସ୍ତ ଭାର ମା'ଙ୍କୁ ଦେଇ ଏକାନ୍ତବାସ ଗ୍ରହଣ କଲେ, ସେତେବେଳେ କେତେଜଣ ସାଧକ

ଶ୍ରୀଅରବିନ୍ଦଙ୍କର ଏହି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ସମର୍ଥ ହେଲେ ନାହିଁ । ସେମାନଙ୍କ ପତ୍ରର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ, ''ମା'ଙ୍କଠାରୁ ଯେଉଁମାନେ ସାହାଯ୍ୟ ପାଇପାରନ୍ତି ନାହିଁ, ମୋଠାରୁ ମଧ୍ୟ ସେମାନେ ସାହାଯ୍ୟ ପାଇପାରିବେ ନାହିଁ ।''

ଶ୍ରୀଅରବିନ୍ଦ ଅନେକ ସ୍ଥାନରେ କହିଛନ୍ତି- ''ବହୁତ ସାଧକ ମୋତେ ଓ ମା'ଙ୍କୁ ଜାଣନ୍ତି ନାହିଁ, ସେମାନଙ୍କୁ ଆମ୍ଭେମାନେ ସାହାଯ୍ୟ କରୁଅଛୁ, ଆମ୍ଭମାନଙ୍କ ସାହାଯ୍ୟ ପାଇ ସେମାନେ ସାଧନାରେ ଅଗ୍ରସର ହେଉଅଛନ୍ତି ।''

ଅନ୍ୟତ୍ର ପୁଣି ସେ କହିଛନ୍ତି - ''ଯଦି ତୁ ଚୈତ୍ୟ ନବଜନ୍ମକୁ ଅସ୍ୱୀକାର କରୁ, ଯଦି ତୁ ମା'ଙ୍କର ନବଜାତ ଶିଶୁ ହେବାକୁ ନ ଚାହୁ, ତୋର ବୁଦ୍ଧିଗତ ଜ୍ଞାନ କିମ୍ବା ମନର ଧାରଣାବଳୀ ଅଥବା ପ୍ରାଣର ବାସନା ରାଜି ପ୍ରତି ଆସକ୍ତ ରହୁ, ତାହାହେଲେ ସାଧନାରେ ବିଫଳତା ଆସିବ ।''

ଅନ୍ୟ ପକ୍ଷରେ ଯେପର୍ଯ୍ୟନ୍ତ ମନର ସୀମା ମଧ୍ୟରେ ମନୁଷ୍ୟ ବାସ କରେ ସେପର୍ଯ୍ୟନ୍ତ ମା'ଙ୍କୁ ଗୁରୁ ରୂପେ ଗ୍ରହଣ କରେ, ଶ୍ରଦ୍ଧା କରେ ଏବଂ ସାଧନା ଆରମ୍ଭ କରେ । କ୍ରମଶଃ ମନର ସୀମାକୁ ଅତିକ୍ରମ କଲେ ମା'ଙ୍କର ଯଥାର୍ଥ ସ୍ୱରୂପର ଝଲକ ପାଏ ଏବଂ ବିଶ୍ୱାସ କରେ । ଯେତେବେଳେ ଅତିମାନସ ସ୍ତରରେ ପହଞ୍ଚେ ସେତେବେଳେ ମା'ଙ୍କ ସ୍ୱରୂପକୁ ଯଥାର୍ଥଭାବେ ଉପଲବ୍ଧି କରେ । ତା' ପୂର୍ବରୁ ମା'ଙ୍କୁ ଭାଗବତୀ ଜନନୀ ରୂପେ ଗ୍ରହଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ପୂର୍ବଜନ୍ମର ସଂସ୍କାରରୁ ଯେଉଁମାନେ ମା'ଙ୍କୁ ଭାଗବତୀ ଜନନୀ ବୋଲି ମାନନ୍ତି ସେମାନଙ୍କ କଥା ଭିନ୍ନ ।

ଶ୍ରୀମା'ଙ୍କୁ Divine Mother (ଦିବ୍ୟ-ଜନନୀ) ରୂପେ ସାଧକମାନେ ଗ୍ରହଣ କରିଅଛନ୍ତି । କାରଣ ଶ୍ରୀଅରବିନ୍ଦ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ପରାପ୍ରକୃତି ଭାଗବତୀ ଜନନୀ, ମା'ଙ୍କ ରୂପେ ସ୍ୱେଚ୍ଛାରେ ଅଜ୍ଞାନର ବସନ ପରିଧାନ କରି ଏହି ଧରାତଳେ ଅବତୀର୍ଣ୍ଣା ହୋଇଅଛନ୍ତି ମନୁଷ୍ୟକୁ ଉଠାଇ ନେଇଯିବେ ବୋଲି ସେହି ଅତିମାନସ ଦିବ୍ୟଭୂମିକୁ ।

☆

**ପ୍ରଶ୍ନ -** ଯଦି ମା', ଶ୍ରୀଅରବିନ୍ଦ ଏବଂ ଭଗବାନ ଏକ ତତ୍ତ୍ୱ ତେବେ ଭଗବାନଙ୍କୁ ସମର୍ପଣ କଲେ ଶ୍ରୀଅରବିନ୍ଦ ଯୋଗସିଦ୍ଧି ହୋଇପାରିବ । ପୁଣି ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ କ'ଣ ?

**ଉତ୍ତର -** ମା'ଙ୍କୁ ସମର୍ପଣ କରିବାରେ ବିଶେଷତ୍ୱ ହେଲା - ଭଗବାନ ସ୍ଥୂଳ ଦୃଷ୍ଟିରେ ଅଦୃଶ୍ୟ, ମାତ୍ର ମା' ଆମ୍ଭ ସମ୍ମୁଖରେ ଶରୀର ଧାରଣ କରି ବିଦ୍ୟମାନ ଅଛନ୍ତି । ସେ ଆମରି ପରି ଶରୀର ଧାରଣ କରି ଆମରି ପରି କର୍ମ କରୁଅଛନ୍ତି; ଆମ୍ଭମାନଙ୍କର ଭଲମନ୍ଦ ଶୁଣୁ ଅଛନ୍ତି ଏବଂ ଆବଶ୍ୟକ ସ୍ଥଳେ ସାନ୍ତ୍ୱନା ଦେଉଅଛନ୍ତି ଓ ନିର୍ଦ୍ଦେଶ ଦେଉଅଛନ୍ତି । ଏହି ରୂପାନ୍ତର-ଯୋଗ ସିଦ୍ଧି କରିବା ସକାଶେ ଏହି ପୃଥିବୀକୁ ଆସିଅଛନ୍ତି । ନିଜେ ସାଧନା କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିଅଛନ୍ତି, ଆମ୍ଭଙ୍କୁ ଲକ୍ଷ୍ୟ ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ପରିଚାଳନ କରୁଅଛନ୍ତି । ଏହି କାରଣରୁ ମା'ଙ୍କୁ ସମର୍ପଣ କରିବା ସୁବିଧାଜନକ । ଭଗବାନଙ୍କୁ ଆମ୍ଭେମାନେ ଏହି ସ୍ଥୂଳ ଦୃଷ୍ଟିରେ ଦେଖିପାରୁ ନାହୁଁ, ତାଙ୍କ କଥା ଶୁଣିପାରୁ ନାହୁଁ, ତାଙ୍କ ନିର୍ଦ୍ଦେଶ ବୁଝିପାରୁ ନାହୁଁ, ସେ ସ୍ୱୟଂ କର୍ମ କରି ଆମ୍ଭ ସମ୍ମୁଖରେ ଆଦର୍ଶ ରଖିପାରୁ ନାହାନ୍ତି । ଏହି କାରଣରୁ ତାଙ୍କୁ ସମର୍ପଣ କରିବା ସେତେ ସହଜ ନୁହେଁ ।

ତୁମେ କହୁଛ, ''ମା', ଶ୍ରୀଅରବିନ୍ଦ ଓ ଭଗବାନ ଏକ ।'' ଏହା କେବଳ ତୁମର ଶବ୍ଦ ନା ଏଥିରେ କିଛି ଯଥାର୍ଥତା ଅଛି ? ଯଦି ଯଥାର୍ଥରେ ଏକ ମନେକରନ୍ତେ, ତେବେ ଏହି ପ୍ରଶ୍ନ କରିବାର ଆବଶ୍ୟକତା ନଥା'ନ୍ତା । ଭଗବାନ ସବୁ ସମୟରେ ସମସ୍ତ ସ୍ଥାନରେ ବିଦ୍ୟମାନ ଥାଆନ୍ତି । କିନ୍ତୁ ଆମ୍ଭେମାନେ ଦେଖିପାରୁ ନାହିଁ । ସେହି ସକାଶେ ଭଗବାନ ସର୍ବତ୍ର ବିଦ୍ୟମାନ ବୋଲି କେବଳ ଶବ୍ଦରେ କହିବା ଛଡ଼ା ଅନୁଭବ କରୁ ନାହିଁ । ପୃଥିବୀରେ ନୂତନ ସତ୍ୟ ତଥା ନୂତନ ଚେତନା ପ୍ରତିଷ୍ଠା କରିବାକୁ ହେଲେ ସର୍ବତ୍ର ବିଦ୍ୟମାନ ଥିବା ଭଗବାନଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ; ସେହି ସର୍ବମୟ ଭଗବାନ ମନୁଷ୍ୟ ଶରୀରରେ ଅବତାର ନେଇ ଆମ୍ଭମାନଙ୍କ ସହିତ ନିବାସ କରନ୍ତି । ଆମ୍ଭମାନଙ୍କ ସହିତ ମାତା, ପିତା, ଗୁରୁରୂପେ ସମ୍ବନ୍ଧ ସ୍ଥାପନ କରନ୍ତି । ସେ

ରହନ୍ତି ସର୍ବଦା ତାଙ୍କର ଉଚ୍ଚତର ଭଗବତ୍ ଚେତନାରେ, ବ୍ୟବହାର କରନ୍ତି ଆମ୍ଭମାନଙ୍କ ସହିତ ଆମ୍ଭମାନଙ୍କ ସ୍ତରରେ ଉତରି ଆସି । ଏହାରିଦ୍ୱାରା ସେ ଆମ୍ଭମାନଙ୍କୁ ଉଚ୍ଚତର ଚେତନାକୁ ଉଠାଇନିଅନ୍ତି । ଏଥିରେ ଆମ୍ଭମାନଙ୍କୁ ସାଧନାରେ ବିଶେଷ ସାହାଯ୍ୟ ମିଳେ । ଅତଏବ ମା'ଙ୍କୁ ସମର୍ପଣ କରିବା ଆବଶ୍ୟକ ।

ଭଗବାନ ସର୍ବସମର୍ଥ । କିନ୍ତୁ ନୂତନ ଆଦର୍ଶ ବା ନୂତନ ଚେତନାକୁ ପୃଥିବୀରେ ସ୍ଥାପନ କରିବା ସମୟରେ ସେ ତାଙ୍କର ସେହି ସର୍ବଶକ୍ତିମତ୍ତାକୁ ପ୍ରୟୋଗ କରନ୍ତି ନାହିଁ । ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସନ୍ତି ଏବଂ ଶିକ୍ଷା ଦିଅନ୍ତି । ସେ ସମୟ ଅତୀତ ହୋଇଗଲେ, ବ୍ୟକ୍ତିର ଚେତନା ବିକଶିତ ହୋଇଯାଏ । ସେହି ଅବତାରଙ୍କ ଶିକ୍ଷା ଥିବା ସତ୍ତ୍ୱେ ତଦ୍ଦ୍ୱାରା ବ୍ୟକ୍ତିର ଲାଭ ହୁଏ ନାହିଁ । ପୁନଶ୍ଚ ଭଗବାନ ଅବତାର ନିଅନ୍ତି ।

ତ୍ରେତୟାରେ ଭଗବାନ ଶ୍ରୀରାମରୂପେ ଅବତାର ନେଇ ଆଦର୍ଶ ଗାର୍ହସ୍ଥ୍ୟ ଧର୍ମ ଶିକ୍ଷା ଦେଇଥିଲେ । ମନୁଷ୍ୟ-ଚେତନାର ବିକାଶ ହେବା ପରେ ଶ୍ରୀରାମଙ୍କ ଶିକ୍ଷା ଥିବା ସତ୍ତ୍ୱେ ନୂତନ ଚେତନା ପ୍ରତିଷ୍ଠା କରିବା ସକାଶେ ଶ୍ରୀକୃଷ୍ଣ ଅବତାର ନେଲେ । ପୃଥିବୀରେ ଭଗବାନଙ୍କର ଅବତାର ନ ଥିବା ଅବସ୍ଥାରେ ଅଶରୀରୀ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଆଶ୍ରୟରେ ନିଜେ ପ୍ରଯତ୍ନ କରି ତାଙ୍କ ଶିକ୍ଷାଦ୍ୱାରା ବ୍ୟକ୍ତି ତାଙ୍କୁ ପ୍ରାପ୍ତ ହୋଇପାରେ । କିନ୍ତୁ ଏହି ପ୍ରଣାଳୀରେ ପୃଥିବୀରେ କୌଣସି ନୂତନ ଚେତନା ବା ନୂତନ ଆଦର୍ଶ ପ୍ରତିଷ୍ଠା ହୋଇପାରେ ନାହିଁ । ସେଥିସକାଶେ ଭଗବାନଙ୍କୁ ଏହି ଧରାଧାମକୁ ଆସିବାକୁ ହୁଏ । ସେ ସ୍ୱୟଂ ମନୁଷ୍ୟଜାତିର ସମସ୍ତ ଅପୂର୍ଣ୍ଣତା, ଦୋଷ-ତ୍ରୁଟିକୁ ଗ୍ରହଣ କରନ୍ତି, ଆମ୍ଭମାନଙ୍କର ଦୁଃଖକଷ୍ଟକୁ ବହନ କରନ୍ତି । ନୂତନ ଚେତନା ସ୍ଥାପନ କରିବା ସକାଶେ ପ୍ରତିକୂଳ ଶକ୍ତି ସହିତ ଘୋର ଯୁଦ୍ଧ କରନ୍ତି । ଆମ୍ଭମାନଙ୍କ ସକାଶେ ନୂତନ ମାର୍ଗ ନିର୍ମାଣ କରନ୍ତି, ନିଜେ ସାଧନା କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖନ୍ତି, ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ଆମ୍ଭମାନଙ୍କ ଅଙ୍ଗୁଳି ଧରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି ।

ଶ୍ରୀରାମ, ଶ୍ରୀକୃଷ୍ଣ ମନୁଷ୍ୟ ଶରୀରରେ ଅବତାର ନେଇ ମନୁଷ୍ୟ ମଧ୍ୟସ୍ଥ ମନସ୍ତର ଚେତନାର ବିକାଶ କରାଇଥିଲେ । ପୃଥିବୀରେ ଗୋଟିଏ ଏକବାରେ ନୂତନ ଚେତନା ସ୍ଥାପନ କରି ନଥିଲେ । ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଛି ଏକବାରେ ନୂତନ; ପଶୁ ପରେ ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ସଦୃଶ ମନୁଷ୍ୟ ପରେ ଅତିମାନବ ଜାତି ପ୍ରତିଷ୍ଠା, ମନୁଷ୍ୟର ଗୁଣଧର୍ମରୁ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ । ମାନବର ଅପୂର୍ଣ୍ଣତା, ଅଜ୍ଞାନତା, ଦୁଃଖ, କଷ୍ଟ ଦ୍ୱନ୍ଦ୍ୱ, ଅଶାନ୍ତି, ନିରାନନ୍ଦ, ଶୋକତାପ, ମୋହ-ମାୟା, ରୋଗ, ଜରା, ମୃତ୍ୟୁକୁ ଅତିମାନବ ଅତିକ୍ରମ କରିବ; ଏହା ଉପରେ ପୂର୍ଣ୍ଣତଃ ଅଧିକାର ପ୍ରାପ୍ତ କରି, ଏବଂ ନିବାସ କରିବ ପୂର୍ଣ୍ଣ ଜ୍ଞାନ, ଅଖଣ୍ଡ ଶାନ୍ତି, ରୋଗ-ଜରା-ମୃତ୍ୟୁ ମୁକ୍ତ ପୂର୍ଣ୍ଣ ଆନନ୍ଦରେ ।

ସେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବ । ସେହି ଏକହି ଅବସ୍ଥାରେ ଭାଗବତୀ ଶକ୍ତିଦ୍ୱାରା ଭଗବାନଙ୍କ ଯନ୍ତ୍ରରୂପେ ପରିଚାଳିତ ହେବ । ଏହା ଫଳରେ ସମସ୍ତ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିବ, ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି କାର୍ଯ୍ୟ ମହାନ୍ ଦୁରୂହ । ଏହି କାର୍ଯ୍ୟ ସାଧକ ପକ୍ଷେ ଏକବାରେ ଅସମ୍ଭବ । ସାଧକକୁ କେବଳ କରିବାକୁ ହୁଏ ମା'ଙ୍କ ଚରଣରେ ନିଜକୁ ସମର୍ପଣ । ରୂପାନ୍ତର କାର୍ଯ୍ୟ କରନ୍ତି ମା । ଏହି କାରଣରୁ ମା'ଙ୍କ ଚରଣରେ ସାଧକର ସମସ୍ତ ସତ୍ତାର ସମର୍ପଣ ଅନିବାର୍ଯ୍ୟ ।

ମା ଆଦ୍ୟାଶକ୍ତି । ଆଦ୍ୟାଶକ୍ତିଙ୍କ ଛଡ଼ା ସଂସାରରେ ନୂତନ ମାନବ ଜାତି ସ୍ଥାପନା ଅନ୍ୟ କୌଣସି ଶକ୍ତିଦ୍ୱାରା ସମ୍ଭବ ନୁହେଁ । ତଥାପି ଯେଉଁମାନେ ମା'ଙ୍କୁ ଆଦ୍ୟାଶକ୍ତି ବୋଲି ବିଶ୍ୱାସ କରିବାକୁ ଅକ୍ଷମ ସେମାନେ ମା'ଙ୍କ ମଧ୍ୟରେ ଆଦ୍ୟାଶକ୍ତିଙ୍କୁ ସହଜରେ କଳ୍ପନା କରିପାରନ୍ତି ।

(୨୧ ଫେବୃୟାରୀ ୧୯୬୬ ନବଜ୍ୟୋତିରୁ ସଂଗୃହୀତ)

# ଏକ ପତ୍ରାଂଶ

**ଶ୍ରୀ ପ୍ରପତ୍ତି**

ଆଧ୍ୟାତ୍ମିକତା ଓ ସାଧାରଣ ଜୀବନ କଥା ଲେଖିଛ । ତୁମକୁ ମନେ ହେଉଛି ତୁମେ ଯେପରି ଆଧ୍ୟାତ୍ମିକତାଠାରୁ ବହୁ ଦୂରରେ । ତୁମରି ଲେଖାରେ ଅଛି, ''ମୁଁ ଚାହେ ଏକାନ୍ତ ଭାବରେ ମୁକ୍ତି । କିନ୍ତୁ କେମିତି ? ଆଜିର ଏ ଯେଉଁ ସମାଜ- ଦୁର୍ନୀତିଘେରା, ସନ୍ଦେହଭରା, ବିପଦସଙ୍କୁଳ, ତା'ରି ଭିତରେ ଏକାନ୍ତ ମୁକ୍ତି ପାଇବାର ସ୍ୱପ୍ନ କେତେଦୂର ସଫଳ ହେବ, ମୁଁ ମୋଟେ ବୁଝିପାରୁନି ?... ଏଇ ସଂସାର ମଧ୍ୟରେ ଲିପ୍ତରହି ସତରେ କ'ଣ ସତ୍ୟର, ପୂର୍ଣ୍ଣତାର ସାଧନା କରାଯାଇପାରେ ? ଭାବିପାରୁନି । ମୁଁ କ'ଣ ସତରେ ମୋ ଆତ୍ମ-ପୁରୁଷଙ୍କୁ ଆଲୋକକୁ ଆଣିପାରିବି, ନୂତନ ଶକ୍ତି, ନୂତନ ଚେତନା, ନୂତନ ଜୀବନ ଦେଇପାରିବି ? କେଜାଣି । ମୁଁ କିନ୍ତୁ ସବୁବେଳେ ଅନୁଭବ କରୁଛି ଯେ ମୁଁ ଆଧ୍ୟାତ୍ମିକତାଠାରୁ ବହୁ ଦୂରରେ । ଆଧ୍ୟାତ୍ମିକତାକୁ ନିଜ ନିକଟକୁ ଆଣିବାକୁ ଆଗଭର ହେଲାବେଳେ ଅନୁଭବ କରୁଛି ଯେମିତି ମୁଁ ଲକ୍ଷ୍ୟପଥରୁ ଆସ୍ତେ ଆସ୍ତେ ଓହରି ଯାଉଛି । ଏମିତି କାହିଁକି ହେଉଛି ମୁଁ ମୋଟେ ଜାଣି ପାରୁନି ? ଏହାପାଇଁ କ'ଣ କିଛି ପ୍ରତିକାର ନାହିଁ ?

ଏତିକି ଲେଖାରେ ଅନେକ ପ୍ରଶ୍ନ ଓ ସମସ୍ୟା ରହିଛି । ପ୍ରଥମତଃ ତୁମେ ଯେ ମୁକ୍ତି ଚାହୁଁନ, ଅନ୍ତତଃ ଆଧ୍ୟାତ୍ମିକ ମୁକ୍ତି, ଏହା ନିଶ୍ଚିତ କଥା- ତାହାର ପ୍ରମାଣ ଏଇ ଲେଖାରେ ଅଛି । ତୁମର ମନ, ପ୍ରାଣ, ହୃଦୟ ଶରୀର ସବୁକିଛି ଏ ସଂସାରକୁ ଚାହେ । ଯେତେବେଳେ ମନ-ପ୍ରାଣ-ଶରୀର ନିଜ ଇଚ୍ଛା ମୁତାବକ ଏ ସଂସାରକୁ ଆୟତ୍ତ କରି ପାରୁନାହାଁନ୍ତି, ଯେତେବେଳେ ବାଧା, ବିରୋଧ ଓ ଆଘାତ ପାଉଛନ୍ତି, ସେତେବେଳେ ଆସୁଛି ବିତୃଷ୍ଣା, ବୈରାଗ୍ୟ (ଅବଶ୍ୟ ସାମାନ୍ୟ ମାତ୍ରାରେ) ଓ ମୁକ୍ତିର ପ୍ରୟୋଜନ । ଏଠି ମୁକ୍ତିର ଅର୍ଥ, ବାଧା-ବିରୋଧରୁ ମୁକ୍ତ ହୋଇ ଅସରନ୍ତି ଭୋଗ-ବିଳାସ ଓ ଆପ୍ରାଣ ତୃପ୍ତି ଓ ସନ୍ତୋଷ ଲାଭ । ବାଧା-ବିପଦରୁ ମୁକ୍ତି ଗୋଟାଏ କଥା, ଆଧ୍ୟାତ୍ମିକ ମୁକ୍ତି ଅନ୍ୟ କଥା । ଆଧ୍ୟାତ୍ମିକ ମୁକ୍ତି ହେଲା ଆସକ୍ତିରୁ ମୁକ୍ତି, କାମନା-ବାସନାରୁ ମୁକ୍ତି । ଏହି ମୁକ୍ତି ବାହାରେ ଘଟେ ନାହିଁ ଚେତନାରେ ଘଟେ । ଏହା ଚେତନାର ଗୋଟିଏ ଅବସ୍ଥା, ଶୁଦ୍ଧ, ନିର୍ମଳ, ନିର୍ବାକ୍, ନୀରବ, ବିଭୁ-ସମର୍ପିତ ଆନନ୍ଦମୟ ଅବସ୍ଥା । ଏହା ଆମରି ଅନ୍ତରରେ ଘଟେ । ଆମର ଯେଉଁ ଚେତନା ଅଛି, ଏହି ଅବସ୍ଥାଟି ତା'ର ଗୋଟିଏ ଉଚ୍ଚତର ଭୂମି । ଊର୍ଦ୍ଧ୍ୱକୁ ଉଠିଲେ ଯେପରି ବାୟୁମଣ୍ଡଳ ପତଳା (thin) ହୋଇଯାଏ ଚେତନାର ଊର୍ଦ୍ଧ୍ୱ ଭୂମିରେ ଉଠିଲେ କାମନା-ବାସନା ଚାପ ଲଘୁ ହୁଏ, ବନ୍ଧନ ଢିଲା ହୁଏ ଏବଂ ଶେଷରେ ଚେତନା ଓଲଟି ଯାଏ ଓ ମୁକ୍ତିର ସନ୍ଧାନ ମିଳେ । ଏପରି ଚେତନାର ବିକାଶ ସାଧନା-ସାପେକ୍ଷ, ଏହା ପ୍ରଯତ୍ନ ବା ତପସ୍ୟାଦ୍ୱାରା ଲାଭ ହୁଏ । ମୃତ୍ୟୁରେ ମୁକ୍ତି ହୁଏ ନାହିଁ । ଯେଉଁମାନେ ଆତ୍ମହତ୍ୟାରେ ମୁକ୍ତି ମିଳିବ ବୋଲି ଭାବି ଏପରି କ୍ରୂର ଓ ଜଘନ୍ୟ କର୍ମ କରନ୍ତି, ସେମାନେ ଅନ୍ଧକାରରେ ପଡ଼ନ୍ତି । ଏହା ନିଜପ୍ରତି ସର୍ବୋଚ୍ଚ ଅନ୍ୟାୟ । ଆତ୍ମହତ୍ୟାଦ୍ୱାରା ନିଜର ଅଗ୍ରଗତି ଓ ମୁକ୍ତିର ପଥ ଦୀର୍ଘକାଳ ପାଇଁ ରୁଦ୍ଧ ହୋଇଯାଏ । ଯାହାହେଉ ମୁକ୍ତି ପାଇବାକୁ ହେଲେ ତା'ର ପ୍ରଣାଳୀ ଖୋଜିବାକୁ ହେବ । ମାତ୍ର ତା'ତ ତୁମେ ଚାହୁଁନା ! ଏ ସଂସାରରେ ଲିପ୍ତ ରହି ସତ୍ୟ ଓ ପୂର୍ଣ୍ଣତାର ସାଧନା କରି ହେବ କି ନାହିଁ, ଏ ପ୍ରଶ୍ନ ତୁମେ ପଚାରିଛ । ଏହା ମୁକ୍ତିର କଥା ନୁହେଁ । ସଂସାରରେ ରହି ସତ୍ୟ ଓ ପୂର୍ଣ୍ଣତାର ସାଧନା ଏକ କଥା ଓ ସଂସାରକୁ ଛାଡ଼ି ମୁକ୍ତିରେ ଚାଲିଯିବା ଅନ୍ୟକଥା । ତେବେ ସଂସାରରେ ରହି ସତ୍ୟ ଓ ପୂର୍ଣ୍ଣତାର ଯେ ସାଧନା କରାଯାଇପାରେ- ଏହାର ପ୍ରଣାଳୀ ମଧ୍ୟ ଅଛି ଏବଂ ତାହାକୁ ଖୋଜି ବାହାର କରିବାକୁ ହେବ ।

ମୁକ୍ତିର ସାଧନା ହେଲା ସ୍ଥିତିଶୀଳ ଆଧ୍ୟାତ୍ମିକତା (Static spirituality), କିନ୍ତୁ ସଂସାର-କ୍ଷେତ୍ରରେ ଆଧ୍ୟାତ୍ମିକତାକୁ ପ୍ରୟୋଗ କରି ପୂର୍ଣ୍ଣତାର ଦିଗରେ ଅଗ୍ରସର ହେବା ହେଲା ଗତିଶୀଳ ଆଧ୍ୟାତ୍ମିକତା (Dynamic spirituality ) । ତୁମେ ଯାହା ଚାହୁଁଚ ତାହା ହେଲା ଗତିଶୀଳ ଆଧ୍ୟାତ୍ମିକତା । ଏହା କେବଳ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସମ୍ଭବ । ଅତିମାନସ ଦିବ୍ୟଶକ୍ତିର ଅବତରଣ ଫଳରେ ଗତିଶୀଳ ଆଧ୍ୟାତ୍ମିକତାହିଁ ସମ୍ଭବ ହେଲା । ସଂସାର-କ୍ଷେତ୍ରରେ ରହି ପୂର୍ଣ୍ଣାଙ୍ଗତାର ପଥ ହେଲା ଶ୍ରୀଅରବିନ୍ଦଙ୍କ ମାର୍ଗ, ମାତ୍ର ତାହା ଗଭୀରଭାବେ ବୁଝିବାକୁ ହେବ । ସାଧାରଣ ଜୀବନରେ ଆଧ୍ୟାତ୍ମିକତାର ଏହାହିଁ ପ୍ରଥମ ପ୍ରୟୋଗ ହେବ । ଅବଶ୍ୟ ଏସବୁ ବିଷୟ ବ୍ୟାପକ ଭାବରେ ଆଲୋଚନା କରିବାକୁ ଅନେକ ସମୟ ଲାଗିଯିବ ।

ଅନ୍ୟକଥା ହେଲା, ତୁମେ ଲେଖିଛ ଯେ ଯେତେ ଯେତେ ତୁମେ ଆଧ୍ୟାତ୍ମିକତା ଆଡ଼କୁ ଅଗ୍ରସର ହେଉଛ ସେତେ

ସେତେ ଯେପରି ତୁମେ ଆଧ୍ୟାତ୍ମିକତାଠାରୁ ଓହରି ଯାଉଛ । ଏହାର ଅର୍ଥ ଅବଶ୍ୟ ମୁଁ ବୁଝିପାରୁ ନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଜୀବନ ଅଧିକ ଜଟିଳ ଓ ପଙ୍କିଳ ବୋଧ ହେଉଛି ଏବଂ ଏପରି କାର୍ଯ୍ୟ ମଧ ହୋଇଯାଉଛି, ଯାହା ଉପରେ କର୍ତ୍ତୃତ୍ୱ ରହିପାରୁ ନାହିଁ । ସେଥିପାଇଁ ମନରେ ହତାଶା ଓ ନୈରାଶ୍ୟ ଆସୁଛି ଓ ମନେହେଉଛି ଆଧ୍ୟାତ୍ମିକ ବସ୍ତୁଠାରୁ ବ୍ୟକ୍ତି ବହୁ ଦୂରରେ । କିନ୍ତୁ ଏଥିରେ କିଛି ଯଥାର୍ଥତା ନାହିଁ । ଛାତ୍ର ଜୀବନରେ ଆଧ୍ୟାତ୍ମିକତା ଆଡ଼କୁ ଅଗ୍ରସର ହେବାର ଲକ୍ଷଣ କ'ଣ ହୋଇପାରେ ? ମନେରଖ ଆଧ୍ୟାତ୍ମିକତାକୁ ଗ୍ରହଣ କରିବାର ଅର୍ଥ ହେଲା ଏକ ବୃହତ୍ତର ବିଶାଳତର ସତ୍ୟମୟ ଓ ଆନନ୍ଦମୟ ଶକ୍ତି ବା ଆଲୋକ ପ୍ରତି ବିଶ୍ୱସ୍ତ ହେବା, ତାହା ଉପରେ ଅନ୍ତରରେ ନିର୍ଭରଶୀଳ ହେବା । ପ୍ରାଥମିକ ଅବସ୍ଥାରେ ଏହା ମନର ସଂସ୍କାରାନୁସାରେ କାର୍ଯ୍ୟକରେ- କୃଷ୍ଣ, ବିଷ୍ଣୁ, ଦୁର୍ଗା, ସରସ୍ୱତୀ, ବା ରାମକୃଷ୍ଣ, ବିବେକାନନ୍ଦ, ବା ଅନ୍ୟ କୌଣସି ଦେବାଦେବୀ ବା ମହାପୁରୁଷଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ଜ୍ଞାପନ କରିବାରେ, ତାଙ୍କୁ ପୂଜା କରିବାରେ, ନିର୍ଦ୍ଦିଷ୍ଟ ହୁଏ । ଦ୍ୱିତୀୟତଃ ଅନ୍ତରରେ ଗୋଟାଏ ଅତି ଗଭୀର ଆତ୍ମିକ ଆନନ୍ଦ ଓ ସରସତା ଉପଲବ୍ଧି କରିବାହିଁ ଅନ୍ୟ ଏକ ଆଧ୍ୟାତ୍ମିକ ଭାବ । ଗୋଟାଏ କିଛି ସୂକ୍ଷ୍ମ ଓ ଅଦୃଶ୍ୟ ବସ୍ତୁର ସ୍ପର୍ଶ ବା ଇଙ୍ଗିତ ଉପଲବ୍ଧି କଲାପରି ବୋଧହୁଏ । ତୃତୀୟରେ ଏହି ବସ୍ତୁଟି ଜୀବନକୁ ଏପରି ଅଧିକାର କରେ ଯେ ତାହା ଅନିବାର୍ଯ୍ୟ ଓ ଅଖଣ୍ଡ ବୋଲି ବୋଧହୁଏ । ପରିଶେଷରେ ସାଧନା ଓ ସମର୍ପଣଦ୍ୱାରା ବ୍ୟକ୍ତି ଏକ ନୂତନ ଦିଗନ୍ତ ଓ ଅନିର୍ଦ୍ଦେଶ୍ୟଙ୍କ ଉଦ୍ଦେଶ୍ୟ ନିଜ ମଧରେ ଆବିଷ୍କାର କରେ ।

ତୁମର ବର୍ତ୍ତମାନ ଛାତ୍ର ଜୀବନରେ କର୍ତ୍ତବ୍ୟ ହେଉଛି ମା' ଶ୍ରୀଅରବିନ୍ଦଙ୍କ ପ୍ରତି ମନରେ ଗଭୀର ଶ୍ରଦ୍ଧା, ଭକ୍ତି ଓ ଅକପଟ ନିର୍ଭରତା ରକ୍ଷା କରିବା । ଯଦି ମନ ଚଞ୍ଚଳ ଓ ଅସ୍ଥିର, ତେବେ ବି ତୁମେ ତାଙ୍କୁ ସ୍ମରଣ କରିବା, ତାଙ୍କର ଫଟୋ ନିକଟରେ ବସି ନୀରବରେ ଆନ୍ତରିକ ଶ୍ରଦ୍ଧା ଜ୍ଞାପନ କରିବା, ସୁଖ-ଦୁଃଖରେ ତାଙ୍କର ମଙ୍ଗଳମୟ ଶ୍ରୀଚରଣରେ ଆଶ୍ରୟ ଖୋଜିବା- ଏହାହିଁ ଯଥେଷ୍ଟ ହେବ । ମନେରଖ ପ୍ରତ୍ୟେକ ଅବସ୍ଥାରେ ଯଦି ମା'ଙ୍କ ପ୍ରତି ତୁମେ ଉନ୍ମୁକ୍ତ ରହ, ତେବେ ସେ ତାଙ୍କର କାର୍ଯ୍ୟ କରିପାରିବେ । ସେଥିପାଇଁ ଭାବିବାକୁ ହେବ ନାହିଁ । ଏହାଛଡ଼ା ଏଠାର ଆଶ୍ରମ ସଙ୍ଗେ ସମ୍ପର୍କ ରଖିବା, ଶ୍ରୀଅରବିନ୍ଦ ସାହିତ୍ୟ ଅଧ୍ୟୟନ (ପ୍ରତ୍ୟହ) କରିବା ଏବଂ ମା'ଙ୍କ ପୁଷ୍ପ-ପ୍ରସାଦ ନିଜ ପାଖରେ ରଖିବା- ଏତିକିରେ ଅଗ୍ରଗତି ଆରମ୍ଭ ହେବ । ତୁମେ ଦେଖିବ ଯେ ତୁମକୁ କେହି ବରାବର ଆଗକୁ ନେଇଯିବା ପାଇଁ ଅପେକ୍ଷା କରି ରହିଛି । ସବୁ ନିର୍ଭର କରିବ, ତୁମେ କ'ଣ ଚାହ ତା'ଉପରେ ।

☆

ଏବେ ତୁମ ଶେଷ ପ୍ରଶ୍ନର ଉତ୍ତର ଦେଉଛି । ଏ ବିଷୟରେ ଅବଶ୍ୟ ମୋର ବିଶେଷ ଗବେଷଣା ନାହିଁ । ତୁମେ ପଚାରିଛ ସ୍ମୃତିଶକ୍ତି ବଢ଼ିପାରିବ କିପରି ? ପାଠ ମୁଖସ୍ଥ କରି ମନେରଖିବାପାଇଁ ସ୍ମୃତିହିଁ ପ୍ରଧାନ ଅସ୍ତ୍ର । ମନେ ନ ରହିଲେ ସର୍ବନାଶ । ଯେ ଯେତେ ମନେ ରଖିପାରିବ, ସେ ସେତେ ଶକ୍ତିଶାଳୀ ଓ ପ୍ରତିଭାଶାଳୀ ବ୍ୟକ୍ତି ହୋଇପାରିବ । କିନ୍ତୁ ପ୍ରକୃତରେ ତାହା ନୁହେଁ । କେବଳ ଗୋଟିଏ ଯାନ୍ତ୍ରିକ ସ୍ମୃତି (Mechanical Memory) ଦ୍ୱାରା କିଛି ଲାଭ ହୋଇପାରେ ନାହିଁ । ଖାଲି ମନେରଖିଲେ ମଧ ତା'ର ସାମୟିକ ଉପଯୋଗ ହୋଇଥାଏ ।

ମନେରଖିବା ଦୁଇପ୍ରକାର, ମନଦ୍ୱାରା ମନେ ରଖିବା ଆଉ ହୃଦୟଦ୍ୱାରା ମନେରଖିବା (to remember with the mind and to remeber with the heart) । ହୃଦୟଦ୍ୱାରା ମନେରଖିବା ଅର୍ଥ ହୃଦୟପ୍ରତି ଆକର୍ଷଣୀୟ ବସ୍ତୁର ସ୍ୱତଃସ୍ଫୁର୍ତ୍ତ ମନେରଖିବା । ଯେଉଁ ବସ୍ତୁ ଆକର୍ଷଣୀୟ ନୁହେଁ ତାହା ମନେରଖି ହୁଏ ନାହିଁ । ମନ ସାହାଯ୍ୟରେ ମନେରଖିବା ଅର୍ଥ ଯୁକ୍ତି, ବୁଦ୍ଧି, ବିଚାରଦ୍ୱାରା ମନେରଖିବା । ମନର ବିକାଶ ଏ କ୍ଷେତ୍ରରେ ଆବଶ୍ୟକ ।

ସ୍ମୃତିଶକ୍ତି ବୃଦ୍ଧି କରିବାର ପ୍ରଧାନ ଉପାୟ ହେଲା ମନକୁ ନୀରବ ରଖିବାକୁ ଅଭ୍ୟାସ କରିବା, ଦ୍ୱିତୀୟରେ ମନ ମଧରେ ସଙ୍କଳ୍ପଦ୍ୱାରା ଗୋଟାଏ ବିଶେଷ ଶକ୍ତି ଜାଗ୍ରତ କରିବା । ନୀରବତା ପ୍ରାପ୍ତ ହେବା ସହଜ କଥା ନୁହେଁ, ପ୍ରତିଦିନ ଭୋରରୁ ଉଠି ମନକୁ ଯଦି ଶାନ୍ତଭାବେ ରଖି ଖାଲି କରିପାର, ତେବେ ସ୍ମୃତିଶକ୍ତି ବଢ଼ିପାରିବ । ସାଧାରଣତଃ ମନର ଅସ୍ଥିରତା ଓ ଉଦ୍‌ବିଗ୍ନତା ଯୋଗୁ ସ୍ମୃତିଶକ୍ତି ନଷ୍ଟ ହୋଇଯାଏ । ପୁଣି ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ମୃତି କ୍ଷୟ ହୋଇଯାଏ । ସ୍ମୃତି ଅପେକ୍ଷା ଯଦି ବୋଧିଶକ୍ତି (Intuitive Power) ଜାଗ୍ରତ କରାଯାଇପାରେ, ତେବେ ମନେରଖିବା ଅପେକ୍ଷାକୃତ ସହଜ ହୋଇପଡ଼େ । ଯାହାହେଉ ଉପରେ ଯାହା କହିଲି ତୁମେ ସେତିକି କରିପାର : ମନକୁ ନୀରବ ଓ ଅଚଞ୍ଚଳ ରଖିବାକୁ ଚେଷ୍ଟା କର ଏବଂ ଦ୍ୱିତୀୟତଃ ମନ ମଧରେ ଏପରି ଏକ ସଙ୍କଳ୍ପ ଜାଗ୍ରତ କର ଯାହା ସ୍ମରଣ ରଖିବାକୁ ଅଧିକ ତତ୍‌ପର ହୋଇପାରେ । ଏଥିପାଇଁ ଭଗବାନଙ୍କ ପାଖରେ ଗଭୀର ଭାବରେ ପ୍ରାର୍ଥନା ମଧ କର ।

(୨୧ ଫେବୃୟାରୀ ୧୯୬୯ ନବଜ୍ୟୋତିରୁ ସଂଗୃହୀତ)

# ଆମ ସଙ୍ଗଠନ

**ଶ୍ରୀ ଗଦାଧର ମିଶ୍ର**

ବହୁଦିନ ତଳର କଥା । ଓଡ଼ିଶାରେ ପାଠଚକ୍ର ସଂଖ୍ୟା ବଢ଼ିବା ଆରମ୍ଭ କରିଥାଏ । ଯେହେତୁ ଓଡ଼ିଶାବାସୀଙ୍କ ଅନ୍ତରାତ୍ମା ମା'ଙ୍କୁ ଗ୍ରହଣ କରିଥାଏ, ବାହାର ମନ, ପ୍ରାଣ ଯେତେ ଯୁକ୍ତି କଲେବି ଶେଷରେ ତାଙ୍କ ଚରଣ ପ୍ରତି ଆକର୍ଷଣକୁ ସେମାନେ ଏଡ଼ାଇ ପାରୁନଥାନ୍ତି । ଦିନେ ଶ୍ରୀ ଅମୃତ ସବୁଦିନ ପରି ମା'ଙ୍କ ନିକଟକୁ ଓଡ଼ିଶାରୁ ଆସିଥିବା ଚିଠିପତ୍ର ନେଇ ଯାଇଥା'ନ୍ତି । ଚିଠିଗୁଡ଼ିକ ମଧ୍ୟରେ ଅଳ୍ପ ଦିନ ତଳେ ଖୋଲା ଯାଇଥିବା ନୂଆ ପାଠଚକ୍ର ସବୁ ମା'ଙ୍କ ଆଶୀର୍ବାଦ ଚାହିଥାଆନ୍ତି ।

ସେଦିନ ମା' ଯାହା କହିଲେ, ତା'ର ଅର୍ଥ ହେବ ''ପାଠଚକ୍ରଗୁଡ଼ିକ ସଙ୍ଗଠିତ ହେବା ଉଚିତ ।'' ଅମୃତ ମା'ଙ୍କ ପାଖରୁ ଆସି ପ୍ରପତ୍ତିଙ୍କୁ ଏ ସମ୍ବାଦ ଦେଲେ । ବାବାଜୀ ମହାରାଜ ଓ ପ୍ରପତ୍ତି ବସି ଆଲୋଚନା କଲେ- ଓଡ଼ିଶାର ପାଠଚକ୍ରକୁ କିପରି ସଙ୍ଗଠିତ କରିବାକୁ ହେବ । ସେବେଠାରୁ ଠିକ୍ ହେଲା ପ୍ରତି ପାଠଚକ୍ର ପ୍ରତି ମାସରେ ଗୋଟିଏ ବିବରଣୀ ଆଶ୍ରମକୁ ପଠାଇବେ । ପ୍ରପତ୍ତି ସେ ବିବରଣୀ ସବୁକୁ ଏକାଠି କରି ମା'ଙ୍କ ନିକଟକୁ ଅମୃତଙ୍କ ମାଧ୍ୟମରେ ପଠାଇବେ । ସେହି ଅନୁସାରେ ପାଠଚକ୍ରମାନଙ୍କୁ ଜଣାଇ ଦିଆଗଲା । ନିୟମିତ ଭାବେ ପାଠଚକ୍ରମାନଙ୍କରୁ ରିପୋର୍ଟ ଆଶ୍ରମକୁ ଆସିବା ଆରମ୍ଭ କଲା । ମା' ଦେଖି କହିଲେ, ଠିକ୍ ଅଛି । ମା'ଙ୍କ ସମ୍ମତି ସମସ୍ତ କାର୍ଯ୍ୟକୁ ବିପୁଳ ଉତ୍ସାହ ପ୍ରଦାନ କଲା । ପରେ ଯେତେବେଳେ ଚିଠିପତ୍ରର ସଖ୍ୟା ବଢ଼ିଲା, ସବୁ ଚିଠିକୁ ବ୍ୟକ୍ତିଗତ ଭାବେ ଦେଖିବା ନିମନ୍ତେ ମା'ଙ୍କର ସମୟ ହେଲା ନାହିଁ, ମା'ଙ୍କ ଅନୁମତି କ୍ରମେ ସମସ୍ତ ଚିଠିକୁ ତାଙ୍କ ଟେବୁଲ ଉପରେ ରଖି ଦିଆଯାଏ ଏବଂ ସମସ୍ତଙ୍କ ପାଖକୁ ତାଙ୍କ ଆଶୀର୍ବାଦ ପଠାଇ ଦିଆଯାଏ । ଏ ବ୍ୟବସ୍ଥାର ଅସୀମ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସମଗ୍ର ଓଡ଼ିଶାକୁ ଭଗବତୀଙ୍କ ଦିବ୍ୟ ସ୍ପର୍ଶ ଆଣି ଦେଲା । ତେବେ ଆମ ମନରେ ଯେଉଁ ପ୍ରଶ୍ନ ବାରମ୍ବାର ଆମକୁ ଆନ୍ଦୋଳିତ କରୁଥିଲା, ତାହା ହେଲା ଯଦି ଭଗବାନଙ୍କୁ ପାଇବା ଆମ ଜୀବନର ଲକ୍ଷ୍ୟ ତେବେ ଏହି ସଙ୍ଗଠନର ମୂଲ୍ୟ କ'ଣ ? ଠିକ୍ ଏପରି ଏକ ପ୍ରଶ୍ନ ଶ୍ରୀ ପ୍ରପତ୍ତି ମୋ ନିକଟକୁ ଦେଇଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ ଏବଂ ତା'ର ଉତ୍ତର ମଧ୍ୟ ଦେଇଥିଲେ । ଯେତେଥର ଏ ପ୍ରଶ୍ନ ବାବାଜୀ ମହାରାଜଙ୍କୁ ମୁଁ ପଚାରିଛି ପ୍ରତ୍ୟେକ ଥର ସେ କହିଛନ୍ତି ଏ ଯୋଗ ସାଧନାର ଲକ୍ଷ୍ୟ ମୁକ୍ତି, ନିର୍ବାଣ ନୁହେଁ । ଏହାର ଲକ୍ଷ୍ୟ ପାର୍ଥିବ ପ୍ରକୃତିର ରୂପାନ୍ତର ଏବଂ ଦିବ୍ୟ ଜୀବନ ସ୍ଥାପନ । ତେଣୁ ସଙ୍ଗଠନର ଆବଶ୍ୟକତା ରହିଛି ।

ଯଥାର୍ଥରେ ଉଚ୍ଚରୁ ଯେଉଁ ଚେତନା ଓ ଶକ୍ତି ପ୍ରକାଶ ନିମନ୍ତେ କ୍ରମବର୍ଦ୍ଧିଷ୍ଣୁ ଚାପ ପ୍ରୟୋଗ କରୁଛି, ଏକ ସଙ୍ଗଠନ ହିଁ ହେଉଛି ତାହାର ଯନ୍ତ୍ର । ଆମ୍ଭେମାନେ ଯେତେ ଅହଂ ଓ ସ୍ୱାର୍ଥ ବିମୁକ୍ତ ହେବା ଆମ ସଙ୍ଗଠନ ମା'ଙ୍କ କାର୍ଯ୍ୟରେ ସେତେ ଅଧିକ ସଫଳ ଭାବେ ବ୍ୟବହୃତ ହୋଇପାରିବ ।

।

**ଯୋଗୀ ଓ ଅନ୍ୟ ମନୁଷ୍ୟ ମଧ୍ୟରେ ପ୍ରଭେଦ ଏହି ଯେ ଯୋଗୀ ଏକ ଉଚ୍ଚତର, ମହତ୍ତର ଆଧ୍ୟାତ୍ମିକ ଚେତନାରେ ବାସକରେ, ସେହି ଚେତନାରୁ ହିଁ ଉତ୍‌ଥିତ ହୁଏ ତାହାର ସୃଜନକର୍ମ ଓ ଜ୍ଞାନକର୍ମ, ମନରୁ ଉତ୍‌ଥିତ ହୁଏ ନାହିଁ କାରଣ ମନଠାରୁ ବଡ଼ ସତ୍ୟ ଓ ଦର୍ଶନକୁ ତାକୁ ବ୍ୟକ୍ତ କରିବାକୁ ହେବ । ଅର୍ଥାତ୍ ତାହାର ନିଜ ତୁଷ୍ଟି ନିମିତ୍ତ ନୁହେଁ ବରଂ ଭାଗବତ କର୍ମ ବୋଲି ତାହା ମଧ୍ୟଦେଇ ତାହା ସ୍ୱତଃ ବ୍ୟକ୍ତ ହୋଇ ତା'ର କର୍ମକୁ ଗଢ଼ିତୋଳିବ ।**

**- ଶ୍ରୀଅରବିନ୍ଦ**

# ୨୪ ନଭେମ୍ବର ୧୯୨୬

## (ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ)

ଶ୍ରୀ ନଳିନୀକାନ୍ତ ଗୁପ୍ତ

ଏହାର କିଛିଦିନ ପୂର୍ବରୁ ଶ୍ରୀଅରବିନ୍ଦ କ୍ରମଶଃ ବେଶୀ ବେଶୀ କରି ଅନ୍ତର୍ମୁଖୀ ଓ ଅନ୍ତର୍ବାସୀ ହୋଇ ଉଠିଥିଲେ । ବାହାରରୁ ଅର୍ଥାତ୍ ଆମ୍ଭମାନଙ୍କ ପାଖରେ ଯେଉଁ ଚିହ୍ନଟା ଦେଖା ଦେଇଥିଲା ତାହା ହେଲା ତାଙ୍କର ଦ୍ୱିପ୍ରହରର ଭୋଜନ ଯାହା ଧୀରେ ଧୀରେ ଉପରବେଳା ଆଡ଼କୁ ଗଡ଼ି ଚାଲିଥିଲା । ଆମ୍ଭେମାନେ ଏକସଙ୍ଗେ ବସି ଭୋଜନ କରୁଥିଲୁ । ଶ୍ରୀମା ମଧ୍ୟ ଆମ୍ଭମାନଙ୍କ ସଙ୍ଗେ ଭୋଜନ କରିବାକୁ ବସୁଥିଲେ । ଏହି ଲାଇବ୍ରେରୀ ହାଉସ୍‌ରେ ବର୍ତ୍ତମାନ ଯାହା ରବୀନ୍ଦ୍ରର ଫଳ ରୁମ୍, ସେହି ଘରେ ଆମ୍ଭେମାନେ ଆଠ ଦଶ ଜଣ । ୨୪ ତାରିଖ ପୂର୍ବଦିନ ଶ୍ରୀଅରବିନ୍ଦ ଭୋଜନ କରିବାକୁ ପ୍ରାୟ ଉପର ବେଳା ଦିନ ଚାରିଟା ପରେ ଆସିଲେ । ଆମ୍ଭେମାନେ ସମସ୍ତେ ଅପେକ୍ଷା କରି ରହିଥିଲୁ ।

ତା'ପରେ ସେହି ଦିନଟି ଆସିଗଲା । ଆମ୍ଭେମାନେ ଉପରବେଳା, ସନ୍ଧ୍ୟା ସମୟରେ, ନିଜ ନିଜ ଇଚ୍ଛାନୁସାରେ ବୁଲିବାକୁ ଚାଲିଗଲୁ । ମୁଁ ସମୁଦ୍ର ଧାରରେ ଥିଲି, ହଠାତ୍ ଜଣେ ଉର୍ଦ୍ଧ୍ୱଶ୍ୱାସରେ ଦୌଡ଼ିଆସି କହିଲା, ''ଯାଅ, ଯାଅ, ଶୀଘ୍ର ଯାଅ, ମା' ସମସ୍ତଙ୍କୁ ଡାକୁଛନ୍ତି ।'' ଆମ୍ଭେମାନେ କିଛି ବୁଝିପାରିଲୁ ନାହିଁ । କାହିଁକି ? ଦଉଡ଼ି ଆସିଲୁ, ଉଠିଗଲୁ ଉପର ମହଲାକୁ, ବର୍ତ୍ତମାନ ଯେଉଁଟା Prosperity ର ବାରଣ୍ଡା, ସେହିଠାକୁ । ସେଠାରେ ଶ୍ରୀଅରବିନ୍ଦ ପ୍ରତ୍ୟେକ ଦିନ ସନ୍ଧ୍ୟା ପରେ ସମସ୍ତଙ୍କ ସଙ୍ଗରେ ଆଳାପାଦି, ଅର୍ଥାତ୍ ପ୍ରଶ୍ନୋତ୍ତର ନିମିତ୍ତ ବସୁଥିଲେ । ମୁଁ ଉଠିଯାଇ ଦେଖିଲି ଏକ ଅପରୂପ ଦୃଶ୍ୟ । ଶ୍ରୀଅରବିନ୍ଦ ଚେୟାରରେ ବସି ଅଛନ୍ତି, ମା' ତାଙ୍କ ଚରଣ ପାଖରେ ବସି ଅଛନ୍ତି । ଦୁଇଜଣହିଁ ଆମ୍ଭମାନଙ୍କ ଆଡ଼କୁ ମୁଖ କରି ରହିଛନ୍ତି । ମୁଁ ଚାହିଁ ଦେଖିଲି ସମସ୍ତେ ଅଛନ୍ତି କି ନାହିଁ- ଦେଖିଲି 'ସତ୍ୟେନ୍' ନାହିଁ । କହିଲି, ''ସତ୍ୟେନ୍ ଆସିନାହିଁ, ଡାକିବି କି ?'' ମା' କହିଲେ, ''yes, all, all ''- ସକଳଙ୍କୁ ଡକା ହେଲା, ସମସ୍ତେ ଉପସ୍ଥିତ- ଆମ୍ଭେମାନେ ସମସ୍ତେ ବସିଲୁ,- ତାହା ଗୋଟାଏ ସ୍ୱର୍ଗୀୟ ଦୃଶ୍ୟ ଓ ପରିସ୍ଥିତି । ଶ୍ରୀଅରବିନ୍ଦ ଚୌକିରେ ଉପବିଷ୍ଟ, ସମ୍ମୁଖରେ ଶ୍ରୀଚରଣରେ ଶ୍ରୀମା ଭୂମି ଉପରେ ବସି ଆମ୍ଭମାନଙ୍କ ଆଡ଼କୁ ମୁଖ କରିଛନ୍ତି- ଆଉ ସମ୍ମୁଖରେ ଆମ୍ଭେମାନେ ସମସ୍ତେ । ଶ୍ରୀଅରବିନ୍ଦଙ୍କ ଗୋଟିଏ ହାତ, ବାମ ହାତ ରଖିଛନ୍ତି, ମା'ଙ୍କ ମଥା ଉପରେ, ଆଉ ଗୋଟିଏ ହାତ, ଦକ୍ଷିଣ,- ବଢ଼େଇ ଦେଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଛନ୍ତି । ସବୁ ନୀରବ, ସ୍ତବ୍ଧ, ଗମ୍ଭୀର ଓ ଉନ୍ମୁଖୀ । ଆମ୍ଭେମାନେ ସମସ୍ତେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଜଣେ ଜଣେ ପ୍ରଣାମ କରି ଛିଡ଼ା ହେଲୁ । କିଛିକ୍ଷଣ ପରେ ମା ଓ ଶ୍ରୀଅରବିନ୍ଦ ଭିତରକୁ ଚାଲିଗଲେ । ଏହିପରି ସମୟରେ ''ଦତ୍ତା'' ଆମ୍ଭମାନଙ୍କ ମଧ୍ୟରେ ଥିଲେ । ସେ କହି ଉଠିଲେ,— ଯେପରି ପ୍ରତ୍ୟାଦିଷ୍ଟ ହୋଇଛନ୍ତି —

''The Lord has descended, He has conquered death and sorrow, he has brought down immortality''.

ଏହାପରଠାରୁ ଶ୍ରୀଅରବିନ୍ଦ ଅନ୍ତରାଳରେ ଚାଲିଗଲେ ଅର୍ଥାତ୍ ଆଉ ବାହାରକୁ ଆସି ସାନ୍ଧ୍ୟ ବୈଠକ କଲେ ନାହିଁ, ବର୍ତ୍ତମାନ ଶ୍ରୀମା ପ୍ରକଟିତ ହେଲେ । ଆମ୍ଭମାନଙ୍କର ଆଦାନ ପ୍ରଦାନ ମା'ଙ୍କ ସଙ୍ଗେ ଆରମ୍ଭ ହେଲା ।

ଶ୍ରୀମା, ସେହିଦିନଠାରୁ, ପ୍ରତ୍ୟେକ ଦିନ ସମସ୍ତଙ୍କୁ ନେଇ ଧ୍ୟାନରେ ବସୁଥିଲେ, ସନ୍ଧ୍ୟାପରେ, ରାତ୍ରିରେ । ବସିବାର ଗୋଟାଏ ଧାରା ସେ ଠିକ୍ କରିଦେଇଥିଲେ । ତାଙ୍କର ଡାହାଣ ଦିଗରେ ବସିବେ ଜଣକ ପରେ ଜଣେ କରି ଏକ ଶ୍ରେଣୀ, ଆଉ ଏକ ଶ୍ରେଣୀ ତାଙ୍କର ବାମ ଦିଗରେ ଜଣକ ପରେ ଜଣେ । ମା'ଙ୍କର ଦକ୍ଷିଣ ଦିଗଟି ହେଲା ଜ୍ୟୋତିର ଦିଗ .... ଆଉ ବାମ ଦିଗଟି ହେଲା ଶକ୍ତିର ଦିଗ । ପ୍ରକୃତି ଅନୁସାରେ ଅଥବା ସ୍ୱଭାବ ଓ ସ୍ୱରୂପ ଅନୁସାରେ ସମସ୍ତେ ସ୍ଥାନ ପାଇଲେ ମା'ଙ୍କ ଦକ୍ଷିଣରେ ଓ ବାମରେ- ମୁଁ ଥିଲି ମା'ଙ୍କ ଦକ୍ଷିଣରେ ଅମୃତ ଥିଲେ ମା'ଙ୍କ ବାମରେ ।

ଧ୍ୟାନରେ ପ୍ରତ୍ୟେକ ଦିନ ଗୋଟାଏ ଅଦ୍ଭୁତ ବ୍ୟାପାର ଘଟୁଥିଲା । ଆମ୍ଭମାନଙ୍କ ମଧ୍ୟରେ 'ପୁରୁଷୋତ୍ତମ' ନାମକ ଜନୈକ ବ୍ୟକ୍ତି ଥିଲେ । ସେ ଠିକ୍ ମା'ଙ୍କ ସମ୍ମୁଖରେ ବସୁଥିଲେ- ଧ୍ୟାନ ଯେପରି ଆରମ୍ଭ ହେବ ଧ୍ୟାନସ୍ଥ ରହି ସେ ଦୋହଲିବାକୁ ଆରମ୍ଭ କରେ । ଚକ୍ଷୁ ନିମିଳିତ ଅନ୍ତଃପ୍ରଜ୍ଞା ଅବସ୍ଥାରେ ଚାଲିବାକୁ ଆରମ୍ଭ କରେ । ସେ ଆସି ଆମ୍ଭମାନଙ୍କ ମଧ୍ୟରୁ ଜଣ ଜଣକୁ ଧରି ବସେ ଏବଂ ହଲେଇବାକୁ ଓ ଦଳାଦଳି କରିବାକୁ ଆରମ୍ଭ କରେ । ଆମ୍ଭମାନଙ୍କର ଲମ୍ବ କେଶ, ଦାଢ଼ି, ନିଶ ଟାଣି ଛିଣ୍ଡାଇ ପକାଇବାକୁ ମଧ୍ୟ ଅପେକ୍ଷା କରେ ନାହିଁ । ଆମ୍ଭେମାନେ ସେତେବେଳେ ପ୍ରାୟ ସମସ୍ତେ ଲମ୍ବ କେଶ, ଦାଢ଼ି ଓ ନିଶ-ଶୋଭିତ ଥିଲୁ । ଥିଲୁ 'କେଶରୀ' । ସେ କହୁଥିଲା ଏହାହିଁ ତା'ର କାର୍ଯ୍ୟ, ପରିଶୋଧନ କରିବା, ପରିଶୋଧନରେ ସାହାଯ୍ୟ କରିବା । ଏହି ପୀଡ଼ନରେ କାହାରି କୌଣସି ଆପତ୍ତି କେବେ ବି ଉଠୁ ନଥିଲା, ସକଳେହିଁ ଅବିଚଳିତ, ନିର୍ବିକାର-ଚିତ୍ତ ଓ ସାନନ୍ଦରେ ଏହା ଗ୍ରହଣ କରୁଥିଲେ,- ପ୍ରୟୋଜନ ହିସାବରେ ଓ ମା'ଙ୍କ ଆଶୀର୍ବାଦରୂପେ । ତେବେ ଜଣେ ଦୁଇଜଣଙ୍କ ପ୍ରତି ତା'ର ବିଶେଷ ଆକର୍ଷଣ ଥିଲା । ମା' ଅବଶ୍ୟ ନିଃଶବ୍ଦରେ, ଧ୍ୟାନ ନିମିଳିତ ରହୁଥିଲେ, କିନ୍ତୁ ସବୁ କିଛି ହେଉଥିଲା ତାଙ୍କ ଚାଳନାରେ, ଆଉ ଭିତରରୁ । ଏକଦିନ ପୁରୁଷୋତ୍ତମ ମୁକ୍ତ କଣ୍ଠରେ ଶ୍ରୀମା'ଙ୍କୁ ଉଦ୍ଦେଶ୍ୟ କରି କହିଲେ,- ''ମା, ମୁଁ ସ୍ପର୍ଦ୍ଧା କରୁ ନାହିଁ, ଅତି ବିନୟାବନତଭାବେ ତୁମକୁ ଜଣାଉଛି, ମା, ତୁମେ ଯଦି ଊର୍ଦ୍ଧ୍ୱତମା ଆଦ୍ୟାଶକ୍ତି, ମୁଁ ହେଲି ନିମ୍ନତମା ଏ ପୃଥିବୀ-ଶକ୍ତି- ମୋତେ ତୁମେ ଅଧିକାର ଦେଇଛ- ତୁମ କାର୍ଯ୍ୟର ସହାୟକ ହେବାକୁ ।'' ସେ କହୁଥିଲା ଯେ 'ଶେଷନାଗ' ତା' ମଧ୍ୟରେ ଆବିର୍ଭୁତ ହୋଇଛି । ସେ ଶେଷନାଗ, ନିମ୍ନତମା ତାମସୀ-ଶକ୍ତି । ନିଶ୍ଚେତନାର ଅଧିଷ୍ଠାତ୍ରୀ ସେ । ତା'ର କାର୍ଯ୍ୟ ସେଇ ଅନ୍ଧକାରରେ କାର୍ଯ୍ୟ କରିବା, ତାକୁ ଝାଡୁଦେଇ ପରିଷ୍କାର କରି ଆଲୋକରେ ଊର୍ଦ୍ଧ୍ୱସ୍ଥ ମାତୃଶକ୍ତିରେ ସ୍ଥାନ ଦେବା । ଅର୍ଥାତ୍ ଏହି ଭାବରେ ଏହି କ୍ରିୟା କିଛିଦିନ ଚାଲିଲା । ତା'ପରେ ତାହା ବନ୍ଦ ହୋଇଗଲା, କେବଳ ଧ୍ୟାନ ହେବାକୁ ଲାଗିଲା ।

ମା'ଙ୍କର ସେତେବେଳେ ପ୍ରୟାସ ଥିଲା ଏକ ନବସୃଷ୍ଟି, ଏକ ଆନ୍ତର ଦିବ୍ୟ-ଚେତନାର ଜଗତ । ସେ ଊର୍ଦ୍ଧ୍ୱତର ଶକ୍ତିଗଣଙ୍କୁ ଓ ଦେବତାମାନଙ୍କୁ ଉତାରି ଆଣିଥିଲେ ଏହି ପାର୍ଥିବ ଆବହାଉଆ ମଧ୍ୟରେ ଆମ୍ଭମାନଙ୍କର ଅନ୍ତଃସତ୍ତା ଓ ଅନ୍ତଶ୍ଚେତନା ମଧ୍ୟରେ । ସେହି ସୃଷ୍ଟିର ବିଶେଷତ୍ୱ ଥିଲା ଏହି ଯେ ଆମ୍ଭମାନଙ୍କୁ ପ୍ରତ୍ୟେକଙ୍କୁ ସେ ସଂଯୁକ୍ତ କରି ଦେଇଥିଲେ, ପ୍ରତ୍ୟେକଙ୍କର ଅନ୍ତର୍ଦେବତାର ସଙ୍ଗେ । ପ୍ରତ୍ୟେକ ବ୍ୟକ୍ତିର ଅଛି, ଯାହାକୁ କୁହାଯାଇପାରେ ଆଧ୍ୟାତ୍ମିକ ବଂଶାନୁକ୍ରମ, ପ୍ରତ୍ୟେକ ବ୍ୟଷ୍ଟିଚେତନାରେ ଅବତରି ଆସିଅଛି ମହାଶକ୍ତିର ଏକ ଏକ ଭାଗବତ ବ୍ୟଷ୍ଟି-ସତ୍ତା, ଗୋଟିଏ ଗୋଟିଏ ଦେବତା, ଏକ ଏକ ବିଭୂତିର ପ୍ରକାଶଧାରା, ଅବଲମ୍ବନ କରି । ଅନ୍ତରର ଏହି ଦିବ୍ୟ ମହାଭାବକୁ ଆରମ୍ଭ କରିବା, ପ୍ରତିଷ୍ଠିତ କରିବା, ସେଥିରେ ଅଭିନିବିଷ୍ଟ, ଏକୀଭୂତ ହୋଇଯାଇ ତାକୁ ପ୍ରକାଶ କରିଚାଲିବା, ବାହ୍ୟ ଜୀବନରେ- ଏହା ଥିଲା ସେତେବେଳର ସାଧନାର ଲକ୍ଷ୍ୟ । ଏହି ସମୟଟା ଥିଲା ଏକାନ୍ତ ଏକାଗ୍ରତା ବା ଏକମୁଖୀତାର ଯୁଗ, ଯାହାକୁ କୁହାଯାଇପାରେ, କମଠୋ ବ୍ରତ ସାଧନା । କମଠୋ ଅର୍ଥ କୁର୍ମ୍ମ ବା କଚ୍ଛପ । କମଠୋ ବ୍ରତ ଅର୍ଥ କଚ୍ଛପର ତୁଲ୍ୟ ହାତ ପାଦ ମୁଖ ଭିତରକୁ ଗୋଟେଇ ନେଇ ଖୋଳ ମଧ୍ୟରେ ବୁଡି ରହିବା । ବାହ୍ୟ ସଙ୍ଗରେ ସକଳ ସଂସ୍ପର୍ଶ ବିଚ୍ଛିନ୍ନ କରି ବ୍ୟକ୍ତିଗତ ଏବଂ ଗୋଷ୍ଠିଗତ ଚେତନାକୁ ସର୍ବଦା ତା'ର ନିଜସ୍ୱ ଉଚ୍ଚସ୍ଥିତି ବଜାୟ ରଖିବା ନିମିତ୍ତ ତାକୁ ବିଶୁଦ୍ଧ ଓ ଅଟଳ ରଖିବା ନିମିତ୍ତ ଏହି ବ୍ୟବସ୍ଥା । ବାହ୍ୟ ଜଗତ ସଙ୍ଗରେ ଆମ୍ଭମାନଙ୍କର ଆଦାନ-ପ୍ରଦାନ ଥିଲା ଖୁବ୍ ଅଳ୍ପ, ଅତି ସନ୍ତର୍ପଣରେ ତାହା କରାହେଉଥିଲା । ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ ଦିଆହୋଇଥିଲା ଗୋଟାଏ ଶକ୍ତ ଘେରା (Cordon), Iron curtain ତୁମ୍ଭେମାନେ କହିପାର । ଏପରିକି ଆମ୍ଭମାନଙ୍କ ନିଜ ମଧ୍ୟରେ ପରସ୍ପର ମଧ୍ୟରେ ଦେଖା କରିବା ବା ଅନ୍ୟ ଘରକୁ ଯିବା ମନାଥିଲା । ଏହାକୁ ଏକେବାରେ କମେଇ ଦିଆହୋଇଥିଲା । ଆମ୍ଭେମାନେ ଫୁଟି ଉଠିଥିଲୁ, ରବୀନ୍ଦ୍ର ନାଥଙ୍କ ଭାଷାରେ,- କାବ୍ୟିକ ଢଙ୍ଗରେ କହିପାରେ, ''ବୃନ୍ତହୀନ ପୁଷ୍ପସମ ଆପନାତେ ଆପନି

ବିକଶି'',- ଇତ୍ୟାଦି ।

କିନ୍ତୁ ଏହି ଧାରାରେ କିଛିଦୂର ଯିବା ପରେ ଶ୍ରୀମା ଦେଖିଲେ ଯେ ଏହି ଭାବରେ ସାଫଲ୍ୟ ଲାଭ କଲେ ମଧ୍ୟ, ସେହି ସୃଷ୍ଟି ହେବ ଗୋଟାଏ ସଂକୀର୍ଣ୍ଣ ଗୋଷ୍ଠୀଗତ, ଏବଂ ବେଶୀ ଭାଗ ଅନ୍ତଃକ୍ରିୟାଗତ, କିନ୍ତୁ ତାଙ୍କର ଲକ୍ଷ୍ୟ ତ' ଏହାହିଁ ନୁହେଁ । ସମଗ୍ର ମାନବ ଜାତିକୁ ଆଲିଙ୍ଗନ କରି ଧରିବାକୁ ହେବ, ନବ-ମାନବ ଜାତି ସୃଷ୍ଟି କରିବାକୁ ହେବ, କେବଳ ଗୋଟାଏ ସଂକୀର୍ଣ୍ଣ ଗୋଷ୍ଠୀ ନୁହେଁ, ଆଉ ଅନ୍ତର୍ଭୁକ୍ତ କରି ନେବାକୁ ହେବ, ମନୁଷ୍ୟର ଅନ୍ତଶ୍ଚେତନା କେବଳ ନୁହେଁ, ତାହାର ପ୍ରାଣ-ବୃତ୍ତି ଓ ଦେହ-ବୃତ୍ତି ଅର୍ଥାତ୍ ଆମ୍ଭମାନଙ୍କୁ ଉତରି ଆସିବାକୁ ହେବ ନିମ୍ନତର ଚେତନା ମଧ୍ୟରେ । ସେଠାରେ ପରିଶୁଦ୍ଧିର କାର୍ଯ୍ୟ କରିବାକୁ ହେବ, ଉଚ୍ଚତର ଚେତନା ତା' ମଧ୍ୟରେ ଆନୟନ କରି ତାକୁ ଉନ୍ନୀତ ଓ ତାକୁ ଊର୍ଦ୍ଧ୍ୱର ଆଧାର କରି ଗଢ଼ି ତୋଳିବାକୁ ହେବ । ସେହି କାର୍ଯ୍ୟ ଆଜି ମଧ୍ୟ ଆମ୍ଭେମାନେ କରି ଚାଲିଛୁ, ପତନ ଓ ଅଭ୍ୟୁଦୟର ବନ୍ଧୁର ପନ୍ଥା ମଧ୍ୟଦେଇ ।

ଆମ୍ଭେମାନେ ଯେ କେତେଦୂର ଅନ୍ତସ୍ଥ, ଅନ୍ତର୍ବାସୀ ହୋଇ ପଡ଼ିଥିଲୁ, ତାହାର ଗୋଟାଏ ଉଦାହରଣ ଦେବି ମୋ ନିଜ ଅଭିଜ୍ଞତାରୁ । ଏହି ସମୟରେ ଦିନେ ମୁଁ କୌଣସି କାରଣରୁ ଆଶ୍ରମ ଛାଡ଼ି ତା'ର ଆବ୍‌ହାଉଆର ବାହାରକୁ ଯାଇଥିଲି । ଅର୍ଥାତ୍ ଏଠିକାର ବସତି ଓ ବଜାର ମଧ୍ୟଦେଇ ଚାଲିଥିଲି । ଅଦ୍ଭୁତ ମନେହେଲା, ମାଟିରେ ଯେପରି ଚାଲୁ ନାହିଁ, ପାଦରେ ଜୋର ନାହିଁ, ବୋଧହେଲା ବାୟୁମଣ୍ଡଳରେ, ସ୍ୱପ୍ନାବିଷ୍ଟ ତୁଲ୍ୟ କୁୟାସା ଭିତର ଦେଇ ଚାଲିଛି । ସେଠାରେ ବି କିଛି ଦୃଢ଼ ଓ ସ୍ଥିର ପଥ ନଥିଲା । ଭୟଙ୍କର ଅସ୍ୱସ୍ଥି ବୋଧ ହେଲା । ଜଳର ମାଛ ଜମିରେ ପଡ଼ିଲେ ଯେପରି ହୁଏ, ସେହି ଅବସ୍ଥା । ଯଥାସମ୍ଭବ ତ୍ରସ୍ତପଦରେ ଆଶ୍ରମ ଭିତରେ ନିଃଶ୍ୱାସ ନେଇ ପ୍ରବେଶ କରି ବଞ୍ଚିଗଲି । ବର୍ତ୍ତମାନ କିନ୍ତୁ ଏହି ଯୁଗ ଆମ୍ଭେମାନେ ଅନେକ ପଛରେ ଛାଡ଼ି ଆସିଛୁ । ତେବେ ବର୍ତ୍ତମାନ ହୁଏତ ସେ ଯୁଗର ଠିକ୍ ବିପରୀତ ପ୍ରାନ୍ତରେ ଆସି ଯାଇଛୁ । ବାହାରକୁ ଡେଇଁ ପଡ଼ିଛୁ । ବାହ୍ୟ ଜଗତ ସଙ୍ଗେ ଏକାତ୍ମ ହୋଇ ଯାଇଛୁ । ଏହା ସମ୍ବନ୍ଧେ ଉପନିଷଦ ଦିନେ ସାବଧାନ ବାଣୀ ଉଚ୍ଚାରଣ କରିଥିଲା- ପରାଞ୍ଚ୍ ଖାନି ବ୍ୟତୃଣତ୍' ।

ଆମ୍ଭମାନଙ୍କର ଇନ୍ଦ୍ରିୟଗୁଡ଼ିକ, ସ୍ୱଭାବତଃ ବହିର୍ମୁଖୀ ହୋଇଅଛି । ଏହାର ମଧ୍ୟ ପ୍ରୟୋଜନ ଥିଲା ଓ ଅଛି- ଆମ୍ଭେମାନେ ସମଗ୍ର ପୃଥିବୀର ଗୋଟାଏ ଅଂଶ ହୋଇଅଛୁ, ଅଭିନ୍ନ ଓ ସହଯୁକ୍ତ ହୋଇ । ସମଗ୍ର ପୃଥିବୀର ପ୍ରତିମା ଓ ପ୍ରତିଭୂ ବା ପ୍ରତିରୂପ ହୋଇ । ଆମ୍ଭେମାନେ ହୋଇଛୁ ବିଶ୍ୱର କର୍ମଭାଗୀ ଓ କର୍ମଭୋଗୀ (ଶ୍ରୀମା ଓ ଶ୍ରୀଅରବିନ୍ଦ ଏ ନିୟତିରୁ ନିଜକୁ ମୁକ୍ତି ଦେଇ ନାହାଁନ୍ତି, ତେବେ ସେ କଥା ସ୍ୱତନ୍ତ୍ର) ଆମ୍ଭେମାନେ ଏଠାରେ ଆମ୍ଭମାନଙ୍କ ମଧ୍ୟରେ ଯେଉଁ ପରିବର୍ତ୍ତନ ସାଧନ କରି ପାରିବୁ, ପୃଥିବୀରେ ସକଳ ମନୁଷ୍ୟ ମଧ୍ୟରେ ସେହି ପରିବର୍ତ୍ତନର ସୂତ୍ରପାତ ହେବ । ସୁତରାଂ ଏକାନ୍ତ ବହିର୍ମୁଖୀ ହୋଇ ନୁହେଁ, ବରଂ ଯେଉଁ ଦିଗରେ ଝୁଙ୍କ ବେଶୀ ହୋଇଛି ବର୍ତ୍ତମାନ, ମୁଁ କହୁଛି ସମବେତ ଜୀବନର କଥା । ଅନ୍ତର୍ମୁଖୀ ଅଧ୍ୟାତ୍ମ-ସାଧନାର ପଥ ଖୋଲା ରଖିବାକୁ ହେବ,- ଏ ଦୁଇଟି ଏକାନ୍ତର ଏକତ୍ୱ ସାଧନ କରିବାକୁ ହେବ, ଦୁଇଟିର ବିୟୋଗ ନୁହେଁ, ବରଂ ଯୋଗାଯୋଗ ।

(୨୪ ନଭେମ୍ବର ୧୯୬୨ ନବଜ୍ୟୋତିରୁ ସଂଗୃହୀତ)

*With Best Compliments From* :

**M/s. SHAH CYCLE STORE**

**Buxi Bazar, Cuttack - 753 001**

# ଭଗବାନ ଓ ଅବତାର

**ଶ୍ରୀ ନଗୀନ ଦୋଶୀ**

(୨୫.୯.୧୯୩୫ ରୁ ୨୫.୯.୧୯୩୬ ମଧ୍ୟରେ ଶ୍ରୀ ନଗୀନ ଦୋଶୀଙ୍କ କେତେକ ପ୍ରଶ୍ନର ଉତ୍ତର ରୂପେ ଲିଖିତ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ)

**ପ୍ରଶ୍ନ -** ଅବତାର କହିଲେ କ'ଣ ବୁଝାଯାଏ ? କେଉଁ ଭୂମିରୁ ଏହା ଘଟେ ?

**ଶ୍ରୀଅରବିନ୍ଦ •**

କୌଣସି ଶରୀର ମଧ୍ୟରେ ଅଭିବ୍ୟକ୍ତ ଦିବ୍ୟ ଚେତନା ଓ ସତ୍ତାକୁ ଅବତାର କୁହାଯାଏ । ଏହା ଯେକୌଣସି ଭୂମିରୁ ଘଟିବା ସମ୍ଭବପର ।

**ପ୍ରଶ୍ନ -**ଅବତୀର୍ଣ୍ଣ ଭଗବାନ ବା ଅବତାର ଅତି ଆରମ୍ଭରୁ, ଏପରିକି ଯୋଗକ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ଊର୍ଦ୍ଧ୍ୱସ୍ଥ ଭଗବାନଙ୍କ ସହ ଏକତ୍ୱ ସମ୍ବନ୍ଧେ ସଚେତନ ନଥାଆନ୍ତି କି ?

**ଶ୍ରୀଅରବିନ୍ଦ •**

ଯୋଗାଭ୍ୟାସ ଆରମ୍ଭ କରିବା ପୂର୍ବରୁ ଭଗବାନଙ୍କ ସହ ଏକତ୍ୱ ଲାଭ କରିଥିବାର କୌଣସି ଧରାବନ୍ଧା ନିୟମ ନାହିଁ । ପଶ୍ଚାତରେ ଥିବା (ଆବୃତ) ଭଗବତ୍‌ସତ୍ତା ସହିତ ଚେତନାର ସମ୍ପର୍କ ଥାଏ ଏବଂ ତହିଁରୁ ଏକ କ୍ରିୟା ମଧ୍ୟ ଘଟେ, କିନ୍ତୁ ଏହା ଯୋଗାଭ୍ୟାସ ଉପରେ ନିର୍ଭର କରେ ନାହିଁ ।

**ପ୍ରଶ୍ନ -**ଆମ୍ଭେମାନେ ବିଶ୍ୱାସ କରୁ ଯେ ଆପଣ ଓ ମା' ଉଭୟେହିଁ ଅବତାର । କିନ୍ତୁ ଆପଣମାନେ ଉଭୟେ କେବଳ ଏହି ଜୀବନରେ ଆପଣମାନଙ୍କର ଦିବ୍ୟତ୍ୱ ପ୍ରଦର୍ଶନ କରିଛନ୍ତି କି ? କୁହାଯାଏ ଯେ ଆପଣ ଓ ମା' ଉଭୟେ ସୃଷ୍ଟିର ପ୍ରାରମ୍ଭରୁ ନିରବଚ୍ଛିନ୍ନରୂପେ ପୃଥିବୀପୃଷ୍ଠରେ ବିଦ୍ୟମାନ । ତେବେ ପୂର୍ବବର୍ତ୍ତୀ ଜୀବନସବୁରେ ଆପଣ ଉଭୟେ କ'ଣ କରୁଥିଲେ ?

**ଶ୍ରୀଅରବିନ୍ଦ •**

ବିବର୍ତ୍ତନକ୍ରିୟାକୁ ଆଗେଇନେବା ସକାଶେ କାର୍ଯ୍ୟ କରୁଥିଲୁ ।

**ପ୍ରଶ୍ନ -**ଏହି ସଂକ୍ଷିପ୍ତ ଉତ୍ତରକୁ ବୁଝିବା ମୋ ପକ୍ଷରେ କଷ୍ଟକର । ଆପଣ ସ୍ପଷ୍ଟରୂପେ ବୁଝାଇଦେବେ କି ?

**ଶ୍ରୀଅରବିନ୍ଦ •**

ଏହାକୁ ବୁଝାଇବାକୁ ଗଲେ ସମଗ୍ର ମାନବ ଇତିହାସକୁ ଲେଖିବାକୁ ହେବ । ମୁଁ କେବଳ ଏତିକି କହିପାରେ ଯେ କ୍ରମ-ବିବର୍ତ୍ତନକୁ ପରବର୍ତ୍ତୀ ସ୍ତରକୁ ଆଗେଇନେବା ନିମିତ୍ତ ଯେପରି ବିଶେଷ ଅବତରଣ ଘଟିଥାଏ ସେହିପରି କ୍ରମ-ବିବର୍ତ୍ତନର ପ୍ରତ୍ୟେକଟି ସ୍ତରରେ ଆବଶ୍ୟକୀୟ ସହାୟତା ପ୍ରଦାନ ଏବଂ ଏକ ଦିଗରେ ବା ଅନ୍ୟ ଦିଗରେ ପରିଚାଳନା ନିମିତ୍ତ ଭଗବାନଙ୍କର କିଛି ନା କିଛି ଅଂଶ ସର୍ବଦା ବିଦ୍ୟମାନ ଥାଏ ।

**ପ୍ରଶ୍ନ -**ଅତୀତର ସାଧାରଣ ମାନବସମାଜ ସେମାନଙ୍କ ମଧ୍ୟରେ ଆପଣମାନଙ୍କ ଉପସ୍ଥିତି ଜାଣି ନ ଥାଇପାରେ, ବିଶେଷତଃ ଯେତେବେଳେ ଆପଣମାନେ ଉଭୟେ ସାଧାରଣ ମାନବର ବ୍ୟକ୍ତିତ୍ୱ ଧାରଣ କରିଥିଲେ । କିନ୍ତୁ ଶ୍ରୀକୃଷ୍ଣ, ବୁଦ୍ଧ ବା ଖ୍ରୀଷ୍ଟ କିପରି ଏହି ଜଗତରେ ଆପଣମାନଙ୍କ ଉପସ୍ଥିତି ଆବିଷ୍କାର କରି ନ ପାରିଲେ ?

**ଶ୍ରୀଅରବିନ୍ଦ •**

ଉପସ୍ଥିତି- କେଉଁଠାରେ ଓ କାହା ମଧ୍ୟରେ ? ଯଦି ସେମାନେ ଆମକୁ ସାକ୍ଷାତ୍ କରି ନଥିଲେ, ଚିହ୍ନି ନଥିଲେ ବା ଏପରିକି ଯଦି ସାକ୍ଷାତ୍ କରିଥିଲେ, ତହିଁରେ ଏପରି କିଛି କାରଣ ନଥିଲା ଯେଉଁଥିପାଇଁ ଶ୍ରୀମା ଏବଂ ମୁଁ ସେହିସବୁ ବ୍ୟକ୍ତିତ୍ୱମାନଙ୍କରେ ଥିବା ଆବରଣକୁ ଦୂର କରିଥାଆନ୍ତୁ ଏବଂ ଆମର ପଶ୍ଚାତ୍‌ରେ ଥିବା ଭଗବାନଙ୍କୁ ସେମାନଙ୍କ ନିକଟରେ ପ୍ରକାଶ କରିଥାଆନ୍ତୁ ? ଆମ ଅତୀତର ସେହିସବୁ ଜୀବନର ଏପରି କୌଣସି ଉଦ୍ଦେଶ୍ୟ ନଥିଲା ।

**ପ୍ରଶ୍ନ -**ଯଦି ଆପଣମାନେ ଉଭୟେ ପୃଥିବୀପୃଷ୍ଠରେ ସବୁ କାଳରେ ଉପସ୍ଥିତ ଥିଲେ ତେବେ ଏଥିରୁ ବୁଝାଯାଉଛି

ଯେ ଯେତେବେଳେ ସେହିସବୁ ମହାନ୍ ସତ୍ତା ଅବତରଣ କରିଥିଲେ ସେତେବେଳେ ମଧ୍ୟ ଆପଣମାନେ ଉପସ୍ଥିତ ଥିଲେ । ତେବେ ସେତେବେଳେ ଆପଣମାନଙ୍କ ବାହ୍ୟ ଆବରଣ ଯାହା କିଛି ହୋଇଥାଉ ନା କାହିଁକି, ଆପଣମାନଙ୍କ ଅନ୍ତରାତ୍ମାକୁ- ଯଥାର୍ଥ ଭଗବତ୍ ସତ୍ତାକୁ- କିପରି ସେମାନଙ୍କଠାରୁ ଲୁଚାଇ ରଖିପାରିଲେ ? ଏଥିରେ କିଛି ଯାଏ ଆସେ ନାହିଁ ଯଦି ଆପଣମାନେ ଓ ସେମାନେ ଏକ ଦେଶରେ ଜନ୍ମ ଗ୍ରହଣ କରିଥିଲେ ବା ନଥିଲେ । କିନ୍ତୁ ସେମାନେ ଅନ୍ତତଃ ସେମାନଙ୍କ ଊର୍ଦ୍ଧ୍ୱତର ଆଲୋକଦ୍ୱାରା ଆବିଷ୍କାର କରିପାରିଥାଆନ୍ତେ ଯେ ସେମାନେ ଯେଉଁ ଦିବ୍ୟ ଚେତନାକୁ ଅବତରଣ କରିଥିଲେ ତାହା ଏହି ପୃଥିବୀରେ ଭୌତିକ ରୂପରେ ଉପସ୍ଥିତ ଥିଲା ।

**ଶ୍ରୀଅରବିନ୍ଦ •**

କିନ୍ତୁ ସେହିସବୁ ଜୀବନରେ କାହିଁକି ଅନ୍ତରାତ୍ମା ସମସ୍ତଙ୍କଠାରୁ ଲୁକ୍‌କାୟିତ ହୋଇ ରହିପାରିବ ନାହିଁ ? ତୁମ ଯୁକ୍ତିର କିଛି ମୂଲ୍ୟ ରହନ୍ତା ଯଦି ସେତେବେଳେ ଆମେ ଅବତାରରୂପେ ଉପସ୍ଥିତ ରହିଥା'ନ୍ତୁ, କିନ୍ତୁ ଯଦି କେବଳ ''ବିଭୂତି'' ଭାବେ ଆମର ଉପସ୍ଥିତି ଥିଲା ତେବେ ତୁମ ଯୁକ୍ତିର କୌଣସି ମୂଲ୍ୟ ନାହିଁ ।

**ପ୍ରଶ୍ନ -**ଆପଣ ପଚାରିଛନ୍ତି, ''ଉପସ୍ଥିତି - କେଉଁଠାରେ ଓ କାହା ମଧ୍ୟରେ ?'' କାହିଁକି ଆପଣ ଏହି ପ୍ରଶ୍ନବାଚକ ଶବ୍ଦାବଳୀ ରଖିଛନ୍ତି ? ଏହାଦ୍ୱାରା ଯଥାର୍ଥରେ କ'ଣ ବ୍ୟକ୍ତ କରାଯାଇଛି ?

**ଶ୍ରୀଅରବିନ୍ଦ •**

ଏହି ''ଉପସ୍ଥିତି''ର ଅର୍ଥ କୌଣସି ବ୍ୟକ୍ତିର ମଧ୍ୟରେ ବା ପଶ୍ଚାତରେ ଏବଂ କୌଣସି ବାହ୍ୟ ବ୍ୟକ୍ତିତ୍ୱର ପଶ୍ଚାତରେ । ଆଉ ମଧ୍ୟ ଏହି ''ଉପସ୍ଥିତି'' ପୃଥିବୀର କେଉଁ ଅଂଶରେ ? ଯଦି ବୁଦ୍ଧଙ୍କ ଉପସ୍ଥିତି ସମୟରେ ଶ୍ରୀମା ରୋମ୍‌ରେ ଉପସ୍ଥିତ ଥିଲେ, ତେବେ ବୁଦ୍ଧ ଯେ କି ରୋମ୍‌ର ଅବସ୍ଥିତି ମଧ୍ୟ ଜାଣି ନଥିଲେ, ଶ୍ରୀମା'ଙ୍କୁ କିପରି ଜାଣିଥା'ନ୍ତେ ?

**ପ୍ରଶ୍ନ -**ମୁଁ ଏପରି ପଚାରି ନଥିଲି ଯେ ଆପଣଙ୍କୁ ବା ଶ୍ରୀମା'ଙ୍କୁ ବାହ୍ୟ ଆବରଣ ଦୂର କରିବାକୁ ହୋଇଥାଆନ୍ତା । ମୋ ପ୍ରଶ୍ନର ଅର୍ଥ ହେଲା- ସେହି ମହାପୁରୁଷଗଣ ଆପଣମାନଙ୍କୁ ଆପଣମାନଙ୍କ ବାହ୍ୟ ଆବରଣ ସତ୍ତ୍ୱେ ଚିହ୍ନିପାରିବା ଉଚିତ୍ ଥିଲା ।

**ଶ୍ରୀଅରବିନ୍ଦ •**

ସେହିପରି କୌଣସି ବିଷୟ ନ ଜାଣି ମଧ୍ୟ କୌଣସି ବ୍ୟକ୍ତି ମହାପୁରୁଷ ହୋଇପାରନ୍ତି । ମହାପୁରୁଷଗଣ ବା ଏପରିକି ବିଭୂତିଗଣ ମଧ୍ୟ ସର୍ବଜ୍ଞ ହେବା କିମ୍ବା ଯେଉଁସବୁ ବିଷୟ ସେମାନଙ୍କର ଅଦରକାରୀ ତାହା ଜାଣିବାର କୌଣସି ଆବଶ୍ୟକତା ନାହିଁ ।

**ପ୍ରଶ୍ନ -**ଆପଣ କହିଲେ, ''କିନ୍ତୁ ସେହିସବୁ ଜୀବନରେ କାହିଁକି ଅନ୍ତରାତ୍ମା ସମସ୍ତଙ୍କଠାରୁ ଲୁକ୍‌କାୟିତ ହୋଇ ରହିପାରିବ ନାହିଁ ? କିପରି କେହି ନିଜର ଅନ୍ତରାତ୍ମାକୁ ଅବତାର ବା ବିଭୂତିଙ୍କଠାରୁ ଲୁଚାଇ ରଖିପାରିବ- ଏକଥା ମୁଁ ବୁଝିପାରୁ ନାହିଁ ।

**ଶ୍ରୀଅରବିନ୍ଦ •**

କୌଣସି ଅବତାର ବା ବିଭୂତିଙ୍କର କାର୍ଯ୍ୟପାଇଁ ଯେତିକି ଆବଶ୍ୟକ କେବଳ ସେତିକି ଜାଣିବା ପାଇଁ ଜ୍ଞାନ ରହିବ, ତଦପେକ୍ଷା ବେଶୀ ଜାଣିବାର କୌଣସି ଆବଶ୍ୟକତା ନାହିଁ । ଯାହାକିଛି ରୋମ୍‌ରେ ଘଟୁଥିଲା ବୁଦ୍ଧ ତାହା ଜାଣିବାର ଆଦୌ କୌଣସି କାରଣ ନଥିଲା । କୌଣସି ଅବତାର ଦିବ୍ୟ ସର୍ବଜ୍ଞାତା ଓ ସର୍ବଶକ୍ତିମତ୍ତାକୁ ପ୍ରକାଶ କରନ୍ତି ନାହିଁ, ଏପରି କୌଣସି ଅନାବଶ୍ୟକ ଖେଳ ଦେଖାଇବାକୁ ସେ ଆସି ନଥା'ନ୍ତି; ସେସବୁ ତାଙ୍କର ପଶ୍ଚାତ୍‌ରେ ଥାଏ କିନ୍ତୁ ତାଙ୍କ ଚେତନାର ସମ୍ମୁଖରେ ନୁହେଁ । ବିଭୂତିଙ୍କ ବିଷୟରେ କହିବାକୁ ଗଲେ- ଯେ ବିଭୂତି, ସେ ନିଜ ଭଗବାନଙ୍କର ଏକ ଶକ୍ତି ବୋଲି ମଧ୍ୟ ଜାଣିବାର କୌଣସି ଆବଶ୍ୟକତା ନାହିଁ । ଉଦାହରଣସ୍ୱରୂପ ଜୁଲିଅସ୍ ସିଜାର (Julius Caesar)ଙ୍କ ପରି କେତେକ ବିଭୂତି ନାସ୍ତିକ ଥିଲେ । ନିଜେ ବୁଦ୍ଧ ମଧ୍ୟ କେବଳ କେତେକ ନୈର୍ବ୍ୟକ୍ତିକ (impersonal) ବା ଅବର୍ଣ୍ଣନୀୟ (indescribable) ଶାଶ୍ୱତ ସତ୍ତା ବ୍ୟତୀତ କୌଣସି

ବ୍ୟକ୍ତିଗତ ଭଗବାନଙ୍କର ବିଶ୍ୱାସ କରୁ ନଥିଲେ ।

**ପ୍ରଶ୍ନ** -ତଥାପି ମୁଁ ଗୋଟିଏ କଥା ବୁଝି ପାରୁନାହିଁ : ଯଦିଓ ଆପଣ ଆପଣଙ୍କର ବାହ୍ୟ ଆବରଣ ଦୂର କରି ନଥିଲେ, ତଥାପି ବୁଦ୍ଧ କିମ୍ବା ଖ୍ରୀଷ୍ଟଙ୍କ ଭଳି ବ୍ୟକ୍ତିଗଣ ଆପଣଙ୍କୁ ଚିହ୍ନିବା ପାଇଁ କାହିଁକି ସେମାନଙ୍କର ଅଜ୍ଞାନତାର ଆବରଣ ଦୂର କରିପାରିଲେ ନାହିଁ ?

**ଶ୍ରୀଅରବିନ୍ଦ •**

କାହିଁକି ସେମାନେ ସେପରି କରିଥା'ନ୍ତେ ? ସେମାନଙ୍କର କାର୍ଯ୍ୟପାଇଁ ସେହି ଆବରଣ ଆବଶ୍ୟକ ଥିଲା । କାହିଁକି ସେହି ଆବରଣ ଦୂର କରାଯାଇଥା'ନ୍ତା ? ଖ୍ରୀଷ୍ଟଙ୍କ ଜୀବନ-କାଳ ମଧ୍ୟରେ ଶ୍ରୀମା ଯଦି ଉପସ୍ଥିତ ଥିଲେ ତେବେ ସେତେବେଳେ ସେଠାରେ ସେ ଦିବ୍ୟ ଅଭିବ୍ୟକ୍ତି ରୂପେ ନୁହେଁ, ପୂର୍ଣ୍ଣତଃ ମାନବରୂପେ ଉପସ୍ଥିତ ଥିଲେ । ସେତେବେଳେ ଶ୍ରୀମା'ଙ୍କ ନିମିତ୍ତ ଭଗବାନରୂପେ ପରିଚିତ ହେବାପାଇଁ ଖ୍ରୀଷ୍ଟ ଯେଉଁ କାର୍ଯ୍ୟ କରିବାକୁ ଆସିଥିଲେ ତାହାର ସୀମା ଭଙ୍ଗ କରିବା ଦ୍ୱାରା ସେଥିରେ ଭୟଙ୍କର ବିଶୃଙ୍ଖଳା ସୃଷ୍ଟି ହୋଇଥା'ନ୍ତା ।

**ପ୍ରଶ୍ନ** -ଆପଣ ନିଶ୍ଚୟ ଶୁଣିଥିବେ ଯେ ଖ୍ରୀଷ୍ଟଙ୍କ ଜନ୍ମଗ୍ରହଣର ଠିକ୍ ପୂର୍ବରୁ ଭାରତର କେତେକ ଋଷି ଦିବ୍ୟ ଅବତରଣ ସମ୍ବନ୍ଧେ ଜାଣିପାରିଲେ ଏବଂ କେବଳ ସେମାନଙ୍କ ବୋଧିଚେତନା ଦ୍ୱାରା ଜେରୁଜେଲମ୍ ଅଭିମୁଖେ ଯାତ୍ରା କରିଥିଲେ ଯଦିଓ ସେମାନେ ଜେରୁଜେଲମ୍ କ'ଣ ଏବଂ କେଉଁଠାରେ ଅବସ୍ଥିତ ତାହା ଜାଣି ନଥିଲେ ।

**ଶ୍ରୀଅରବିନ୍ଦ •**

ଭାରତର କେତେଜଣ ଋଷି ସେଠାକୁ ଯାଇଥିବା କଥା ମୁଁ କେବେ ବି ଶୁଣି ନାହିଁ । ଏକ ପୌରାଣିକ ଉପାଖ୍ୟାନ ଅଛି ଯେ ପାରସ୍ୟର କେତେଜଣ ପୁରୋହିତ ସେମାନଙ୍କ ବୋଧିଚେତନା ଦ୍ୱାରା ପୃଥିବୀରେ ଭଗବାନ ଜନ୍ମଗ୍ରହଣ କରିବେ ବୋଲି ଜାଣିପାରି ଏକ ନକ୍ଷତ୍ରର ଅନୁସରଣ କରିଥିଲେ ଏବଂ ତାହାରି ଅନୁସରଣ ଦ୍ୱାରା ଖ୍ରୀଷ୍ଟ ଯେଉଁ ଗୋଶାଳା (Stable)ରେ ଜନ୍ମଗ୍ରହଣ କରିଥିଲେ ସେଠାରେ ସେମାନେ ପହଞ୍ଚିଥିଲେ । କିନ୍ତୁ ଏହା ଇତିହାସ ନୁହେଁ, ଏକ ପୌରାଣିକ ଉପାଖ୍ୟାନ ମାତ୍ର ।

**ପ୍ରଶ୍ନ** -ଯେହେତୁ ଆପଣ ଓ ଶ୍ରୀମା ଉଭୟେ ନିରବଚ୍ଛିନ୍ନଭାବେ ପୃଥିବୀ-ସୃଷ୍ଟିର ଆରମ୍ଭରୁ ରହି ଆସିଛନ୍ତି, ତେଣୁ ଜଣକ ପରେ ଜଣେ ଅବତାର ଏଠାରେ ଅବତୀର୍ଣ୍ଣ ହେବାର କି ଆବଶ୍ୟକତା ଥିଲା ?

**ଶ୍ରୀଅରବିନ୍ଦ •**

ଆରମ୍ଭରୁ ଆମେ ପୃଥିବୀରେ ଅବତାରରୂପେ ରହି ନଥିଲୁ ।

**ପ୍ରଶ୍ନ** -ଆପଣ କହୁଛନ୍ତି ଯେ ଆପଣମାନେ ଉଭୟେ ପ୍ରଥମରୁ ପୃଥିବୀରେ ଅବତାରରୂପେ ରହି ନଥିଲେ । କିନ୍ତୁ ତଥାପି ଆପଣମାନେ କ୍ରମ-ବିବର୍ତ୍ତନ କ୍ରିୟାକୁ ଆଗେଇ ନେଉଥିଲେ । ଯେହେତୁ ଭଗବାନ ନିଜେହିଁ ପୃଥିବୀପୃଷ୍ଠରେ ରହି କ୍ରମ-ବିବର୍ତ୍ତନକ୍ରିୟାକୁ ଆଗେଇ ନେଉଥିଲେ ତେଣୁ ଯେଉଁ ଅବତାରମାନେ ସ୍ୱୟଂ ଭଗବାନଙ୍କର କେବଳ ଏକ ଅଂଶସ୍ୱରୂପ ସେମାନଙ୍କର ଏହି ପୃଥିବୀରେ ଅବତରି ଆସିବାର କି ଆବଶ୍ୟକତା ଥିଲା ?

**ଶ୍ରୀଅରବିନ୍ଦ •**

ଯେତେବେଳେ କିଛି ବିଶେଷ କାର୍ଯ୍ୟ କରିବାର ଥାଏ ଏବଂ ବିବର୍ତ୍ତନର ସନ୍ଧିକ୍ଷଣ ଉପସ୍ଥିତ ହୁଏ ସେତେବେଳେ ଅବତାରଙ୍କର ଆବିର୍ଭାବ ଆବଶ୍ୟକ ହୁଏ । ଅବତାର ହେଲେ ଭଗବାନଙ୍କର ଏକ ବିଶେଷ କାଳର ଅଭିବ୍ୟକ୍ତି, ଅନ୍ୟ ସାଧାରଣ କାଳରେ ଭଗବାନ ସାଧାରଣ ମାନବର ସୀମିତତା ମଧ୍ୟରେ ବିଭୂତିରୂପେ କାର୍ଯ୍ୟ କରନ୍ତି ।

(୨୪ ନଭେମ୍ବର ୧୯୭୨ ନବଜ୍ୟୋତିରୁ ସଂଗୃହୀତ)

।

ବିଶ୍ୱାସ ଏବଂ ନିର୍ଭରତା ରଖ, ସବୁକିଛି ଠିକ୍ ହୋଇଯିବ ।

- ଶ୍ରୀମା

# ପ୍ରଥମ ପ୍ରୟୋଜନ

**ଶ୍ରୀ ନାରାୟଣ ପ୍ରସାଦ**

ସମର୍ପଣ ସହିତ ହିଁ ଶ୍ରୀଅରବିନ୍ଦଙ୍କ ଯୋଗ ଆରମ୍ଭ ହୋଇଛି । କିନ୍ତୁ ନିଜେ ଯଦି କୌଣସି ଜିନିଷର ଅଧିକାରୀ ନୁହେଁ ତେବେ ସେ ଭଗବାନଙ୍କୁ କ'ଣ ସମର୍ପଣ କରିବ ? ସମସ୍ତ ଅଶାନ୍ତ ଚିନ୍ତାଧାରା, ପରସ୍ପରବିରୋଧୀ ମତିଗତିଗୁଡ଼ିକ କିପରି ଭଗବତ୍‌ମୁଖୀ କରାଯିବ, ତାହା ନୂତନ ସାଧକ ପକ୍ଷେ ଏକ ବିଶେଷ ସମସ୍ୟା ।

''... ... ତୁମେ ଭଗବାନଙ୍କୁ ତୁମର ଶରୀରଟି ଦେଇ ଦେଇପାର, କିନ୍ତୁ ପ୍ରାୟ କେହି ସେଇଟାହିଁ ଦିଅନ୍ତି ନାହିଁ । ତୁମର ସମସ୍ତ କାର୍ଯ୍ୟ, ଶାରୀରିକ ପରିଶ୍ରମ ସବୁକିଛିକୁ ଭଗବାନଙ୍କୁ ନିବେଦନ କରିବାର ଚେଷ୍ଟା କର... ... ।''

ସେଥିପାଇଁ ବୋଧହୁଏ ଏଠାରେ କାର୍ଯ୍ୟ ସହିତ ସାଧନାର ଆରମ୍ଭ ହୋଇଥାଏ । ଆହୁରି ମଧ୍ୟ ଅନେକ କାରଣ ଅଛି ତାହା କେବଳ ଶ୍ରୀମା ହିଁ କହିପାରିବେ; କିନ୍ତୁ ଆଶ୍ରମରେ କୌଣସି ବ୍ୟକ୍ତିକୁ ଗ୍ରହଣ କରାଯିବାମାତ୍ରେ ତାକୁ ପ୍ରଥମରୁହିଁ କୌଣସି କାର୍ଯ୍ୟ କରିବାକୁ ହୁଏ ।

ଏଠାରେ ସାଧନାର ପ୍ରଗତି ବେଶି ପରିମାଣରେ ନିର୍ଭର କରେ ତାହାର ଉନ୍ମୀଳନ ଓ ଗ୍ରହଣଶୀଳତା ଉପରେ ।

ଦଶବର୍ଷର ସାଧନାକାଳ ମଧ୍ୟରେ 'ସ' ନାମକ ଜନୈକ ସାଧକ, ବଜାରରୁ ପଇସାକର ଜିନିଷ ମଧ୍ୟ କିଣି ନାହିଁ । 'ର' ନାମକ ଅନ୍ୟ ଏକ ସାଧକ ଭଲ ଖାଇବା ପାଇଁ କେବେ ମଧ୍ୟ ଲୋଭ କରିନି, ସେଥିପାଇଁ ତାଙ୍କୁ କୌଣସି ସଂଯମ କରିବାକୁ ମଧ୍ୟ ହୋଇନାହିଁ । ଯଦି କେହି ତାଙ୍କୁ ଗୋଟାଏ ଭଲ ଜିନିଷ ଦେଉଥିଲା, ତେବେ ସେ ତାକୁ ଅନ୍ୟ କାହାକୁ ଦେଇଦେଉଥିଲେ । ଅନ୍ୟପକ୍ଷରେ, ଆଉଜଣେ ସାଧକ କେବଳ ମୁଖରୋଚକ ଖାଦ୍ୟ ଖାଇବାକୁ ଇଚ୍ଛା କରେ ଏବଂ ନ ଖାଇବା ଦ୍ୱାରା ଅତୃପ୍ତ ଅନୁଭବ କରେ ।

ଅତି ଉତ୍କୃଷ୍ଟ ପ୍ରକାରର ତରଭୂଜ ମିଳୁଥିବା ଏକ ସ୍ଥାନକୁ ଥରେ 'ଦ' ନିମନ୍ତ୍ରିତ ହୋଇଥିଲେ । ସେ କଥା ଜାଣିପାରି ସେ ମନେ ମନେ ଠିକ୍ କଲେ ଯେ ସେ ଥରେ ମାତ୍ର ତରଭୂଜ ଚାଖିବେ ବି ନାହିଁ । କିନ୍ତୁ ଏପରି ସଙ୍କଳ୍ପ ଯଥେଷ୍ଟ ନୁହେଁ । ସେପରି ଇଚ୍ଛାକୁ ଚେତନାରୁ ବାହାର କରିଦେବାକୁ ହେବ । ଖାଦ୍ୟ ଦେଖିଲେ ସେପରି ଲୋଭ ବା ଇଚ୍ଛା ଜାଗ୍ରତ ମଧ୍ୟ ଯେପରି ନ ହୁଏ । ଅନ୍ୟଜଣେ ସାଧକ ଭାବିଲେ ଯେ ତାଙ୍କ ଜୀବନରେ ଏଇ ଉଚ୍ଚାବସ୍ଥାକୁ ସେ ପ୍ରାପ୍ତ କରିପାରିବେ ନାହିଁ । ଏହା ଠିକ୍ ସାଇଲକ୍‌ର ବିନାରକ୍ତପାତରେ ଶରୀରରୁ ନିର୍ଦ୍ଦିଷ୍ଟ ପରିମାଣର ମାଂସ କାଟିନେବାଭଳି ହେବ । ଏହା କିପରି ସମ୍ଭବ ? ସେ ନିଜକୁ ବାରମ୍ବାର ସେଇଆ କହିବାରେ ଲାଗିଲେ ? ବହୁଦିନର ସଂଗ୍ରାମ ଓ ପ୍ରଚେଷ୍ଟା ଫଳରେ ସେ ଦେଖିଲେ ଖାଦ୍ୟଲୋଭ ତାଙ୍କର କ୍ରମେ କମି ଯାଇଛି ।

ଖାଦ୍ୟପାଇଁ ଆମକୁ କି ନୀତି ଅବଲମ୍ବନ କରିବାକୁ ହେବ, ତାହା ଶ୍ରୀଗୁରୁଙ୍କ ବାଣି ଅନୁସାରେ ହେଲା -

''ଯୋଗୀ କାମନାର ବଶହୋଇ ଖାଦ୍ୟ ଖାଇବ ନାହିଁ; ସେ ଖାଏ ଶରୀର-ରକ୍ଷା ପାଇଁ । ଶରୀରକୁ ଅଯତ୍ନ କରି କ୍ଷୟକରିବା ଏକ ବିରାଟ ଭୁଲ; ଶରୀର ହେଲା ସାଧନାର ମାଧ୍ୟମ ଏବଂ ଯତ୍ନର ସହିତ ଏହାକୁ ରକ୍ଷା କରିବା କର୍ତ୍ତବ୍ୟ ।''

- *ଶ୍ରୀଅରବିନ୍ଦ*

''ରସନା ତୃପ୍ତିର କାମନା ଓ ଖାଦ୍ୟପ୍ରତି ଲୋଭ ଓ ଆସକ୍ତି ମଧ୍ୟରୁ ମୁକ୍ତ ରହିବାର ଆଭ୍ୟନ୍ତରୀଣ ମନୋଭାବଟାହିଁ ପ୍ରୟୋଜନ, ଅଯଥା ଖାଦ୍ୟର ମାତ୍ରା କମ୍ କରି ଶରୀରକୁ ଦୁର୍ବଳ କରିବା ଉଚିତ ନୁହେଁ । ପ୍ରତ୍ୟେକେ ଶରୀର-ରକ୍ଷା ପାଇଁ ତାହାର ଶକ୍ତି ଓ ସ୍ୱାସ୍ଥ୍ୟ ପାଇଁ ପ୍ରୟୋଜନ ଯଥେଷ୍ଟ ପରିମାଣରେ ଖାଦ୍ୟ ଖାଇବା ଉଚିତ... ।''

''ଏହା ମଧ୍ୟ କୁହାଯାଇପାରେ ଯେ ଖାଇବାପାଇଁ ଭୁଲି ଯିବାଟା ହେଲା ଭଲ କଥା । ଭୁଲିହୋଇଯାଏ କାରଣ ସତ୍ତାର ସମସ୍ତ ଶକ୍ତି ଆଭ୍ୟନ୍ତରୀଣ ଉପଲବ୍ଧିରେ କେନ୍ଦ୍ରୀଭୂତ ହୋଇଥାଏ... ।''

ଯଦି ନୌକାର ନିମ୍ନରେ ଜଳ ଥାଏ ତେବେ ଥରେ ମାତ୍ର ବଳପ୍ରୟୋଗରେ ଏହା ନଦୀରେ ଭାସିଚାଲେ । ଯଦି

ଏହା କର୍ଦ୍ଦମରେ ଲାଖିରହିଥାଏ, ସହସ୍ରବାର ବଳପ୍ରୟୋଗ କଲେ ମଧ୍ୟ ତାହା ସାମାନ୍ୟ ଇଞ୍ଚେବି ଘୁଞ୍ଚେନାହିଁ । ଉନ୍ମୀଳନ କ୍ଷେତ୍ରରେ ଠିକ୍ ଏଇଆହିଁ ଘଟେ ।

'କ' ଏଠାକୁ ତୃତୀୟବାର ଆସିବାପରେ ଯେଉଁ ଅନୁଭୂତି ପ୍ରାପ୍ତହେଲେ, 'ଖ' ଏଠାରେ ରହିବାର ଅନେକ ବର୍ଷପରେ ତାହା ପ୍ରାପ୍ତ ହେଲେ । ଥରେ କେହିଜଣେ 'ଖ' କୁ କହିଲେ ଯେ ସେ ଯୁଆଡ଼େ ଗଲେ ମଧ୍ୟ (Words of The Mother) ''ଶ୍ରୀମାଙ୍କ ବାଣୀ'' ପୁସ୍ତକଟି ସାଙ୍ଗରେ ରଖନ୍ତି, ଏବେ କେବେବି ଭୁଲନ୍ତି ନାହିଁ । ଏହି ବହିଟି 'ଖ' ସେହିପରି ଛ' ବର୍ଷଧରି ପାଖରେ ରଖିଲେ; କିନ୍ତୁ ସେ କେବେବି ଏହାକୁ ଖୋଲିନାହାନ୍ତି; ନିଜର ସମର୍ପଣଭାବକୁ କିପରି ଠିକ୍‌ଭାବରେ କରିବେ- ସେ ବିଷୟରେ ମଧ୍ୟ ତାଙ୍କ ମନରେ କୌଣସି ଧାରଣା ଉଦ୍ରେକ ହୋଇନାହିଁ ।

ସବୁକିଛିହିଁ ସମୟର ଅପେକ୍ଷାରେ ଥାଏ । ଯଦି ସମୟ ଆସିଯାଇଥାଏ କିମ୍ବା ସତ୍ୟର ସନ୍ଧାନରେ କିଛି ଆନ୍ତରିକତା ଥାଏ: ତେବେ ସେତେବେଳେ ଶ୍ରୀମା ଏବଂ ଶ୍ରୀଗୁରୁଙ୍କ ବାଣୀରେ ଥିବା ସତ୍ୟ ସହିତ ନିଜର ଏକତ୍ୱ ଅନୁଭୂତ ହୁଏ ।

''ସମର୍ପଣ କରିବା ଅର୍ଥ ତୁମ ଜୀବନର ସମସ୍ତ ଦାୟିତ୍ୱ ଭଗବାନଙ୍କୁ ଦେଇଦେବାର ସିଦ୍ଧାନ୍ତ.... ''ମୁଁ ମୋର ନୁହେଁ'' ଏହି କଥା କହି ତୁମ ସତ୍ତାର ସମସ୍ତ ଦାୟିତ୍ୱ ଦିବ୍ୟସତ୍ୟର ହାତରେ ଟେକିଦିଅ । ତା'ପରେ ଆସେ ଆତ୍ମନିବେଦନ- ''ନାନା ଦୋଷଗୁଣ, ଭଲମନ୍ଦ, ଆଲୋକ ଅନ୍ଧକାରଯୁକ୍ତ ମୁଁ ଏକ ପ୍ରାଣୀ । ମୁଁ ନିଜକୁ ତୁମରି ହୋଇ ତୁମଠାରେ ସମର୍ପଣ କରୁଛି । ମୋର ସମସ୍ତ ଉତ୍‌ଥାନ, ପତନ, ଅନୁକୂଳ, ପ୍ରତିକୂଳ ଅବସ୍ଥା ସହିତ ମୋତେ ତୁମେ ଗ୍ରହଣ କର - ତୁମ ଇଚ୍ଛାର ଅନୁରୂପ କରି ମୋତେ ଗଢ଼ିତୋଳ ।''

(ମାତୃବାଣୀ, ୩ୟ ଖଣ୍ଡ) **-ଶ୍ରୀମା**

-ଏବଂ ଏହାହିଁ ହେଲା ପ୍ରଥମ ପଦକ୍ଷେପ ।

ଏହି ପ୍ରାର୍ଥନାଟିକୁ ଅବଲମ୍ବନ କରି ଉକ୍ତ ସାଧକ ଜଣଙ୍କ ତାଙ୍କ ଆତ୍ମନିବେଦନକୁ ସାର୍ଥକ କରିବାରେ ଚେଷ୍ଟା କଲେ । କିନ୍ତୁ କିଛି ସମୟ ପରେ ସେଇ ଚେଷ୍ଟାର ଉତ୍ସାହଟା କ୍ରମେ କମିଆସିଲା । ପୁନଶ୍ଚ ସାଧନା ନୀରସ ଓ ପ୍ରାଣହୀନରୂପେ ଦେଖାଦେଲା । ଏପରି କାହିଁକି ହୁଏ ?- ଏହି ପ୍ରଶ୍ନହିଁ ଅନେକଙ୍କ ମନରେ ଉଠେ । ଶ୍ରୀମା ଏହାର ଏକ ସରଳ ଓ ତୀକ୍ଷ୍ଣ ଉତ୍ତର ଦେଇଛନ୍ତି ।

-''ଯଦି ଏହି ଆନନ୍ଦ ସ୍ତିମିତ ହୋଇଯାଏ, ତାହାର ଅର୍ଥ କିଛିଟା ଅହଂଭାବ ଥାଏ- ଗୋଟାଏ ଦାବି ଯାହାକୁ ସେ ପ୍ରୟୋଜନ ବୋଲି ଭାବେ- ସେଇସବୁ ସେହି ସମର୍ପଣ ସହିତ ମିଶି ରହିଥାଏ । ନଚେତ୍ ଆନନ୍ଦ କଦାପି ଦୂରେଇ ଯାଏ ନାହିଁ ।...''

''ଯେତେଦିନ ପର୍ଯ୍ୟନ୍ତ, ସ୍ଥିର, ଶାନ୍ତ, ନୀରବ, ପ୍ରଦୀପ୍ତ ଓ ଅନିବାର୍ଯ୍ୟ ଆନନ୍ଦର ଅଧିକାରୀ ତୁମେ ହୋଇପାରିନାହଁ, ତା'ର ଅର୍ଥ ତୁମକୁ ଆହୁରି ଅନେକ କଠିନ ପରିଶ୍ରମ କରିବାକୁ ଅଛି ।''

''ଆଭ୍ୟନ୍ତରୀଣ ଆସ୍ପୃହା ଏବଂ ଆଭ୍ୟନ୍ତରୀଣ ସ୍ଥିର ପ୍ରଚେଷ୍ଟା'' ମାଧ୍ୟମରେ ଆମ୍ଭମାନଙ୍କୁ ଏପରି ଏକ ''ଚେତନାର ଅବସ୍ଥା''ରେ ପହଞ୍ଚିବାକୁ ହେବ ଯେ ଯେତେବେଳେ ଆମ୍ଭମାନଙ୍କର ''ସକଳ କ୍ରିୟାହିଁ ହୋଇଉଠିବ ଭଗବାନଙ୍କଠାରେ ନିବେଦିତ ।'' ଏବଂ ସମର୍ପଣ କେବଳ ଧ୍ୟାନ ମଧ୍ୟରେ ନୁହେଁ, କିନ୍ତୁ ସାରା ଜୀବନକୁହିଁ ନିୟନ୍ତ୍ରିତ କରିପାରିବ ।

ଶ୍ରୀଅରବିନ୍ଦଙ୍କ ଲେଖାରୁ ଠିକ୍ ଏହିପରି କଥା ଉଦ୍ଧୃତ କରାଯାଇପାରେ । ''ଆମ୍ଭମାନଙ୍କର ସମଗ୍ର ସତ୍ତା- ଆମ୍ଭମାନଙ୍କ ଆତ୍ମା, ମନ, ହୃଦୟ, ଇନ୍ଦ୍ରିୟ, ଇଚ୍ଛା, ଦେହ, ଜୀବନ, - ଓ ତାହାର ସମସ୍ତ କ୍ରିୟାଶକ୍ତିକୁ ଏପରି ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବାକୁ ହେବ ଯଦ୍ଦ୍ୱାରା ଏହା ଭଗବାନଙ୍କର ଉପଯୁକ୍ତ ଯନ୍ତ୍ର ସ୍ୱରୂପ କାର୍ଯ୍ୟ କରିବ ।''

ଏହା ନିହାତି ସହଜ କଥା ନୁହେଁ । ପାର୍ଥିବ ସୁଖଭୋଗରେ ଏପର୍ଯ୍ୟନ୍ତ ଲିପ୍ତ ଦେହର କୋଷଗୁଡ଼ିକୁ, ସେମାନଙ୍କର ପ୍ରତିରୋଧ ସତ୍ତ୍ୱେ, ଭଗବାନଙ୍କ ଦିଗରେ ଫେରାଇ ଆଣିବାକୁ ହେବ ।

ସତ୍ୟସନ୍ଧ ବ୍ୟକ୍ତିମାନେ ସାଧୁସନ୍ଥମାନଙ୍କ ଜୀବନୀ ପଢ଼ିବାକୁ ଭଲ ପାଆନ୍ତି; କାରଣ ସେଥିରୁ ସେମାନେ ଜାଣିବାକୁ ଚାହାନ୍ତି କିପରି ସେମାନଙ୍କ ଜୀବନରେ ପ୍ରବଳ ଝଡ଼ଝଞ୍ଜା ମଧ୍ୟରେ ଭଗବତ୍ କୃପାର ଆଲୋକ ପ୍ରବେଶ କରିଥାଏ । ''ଆନନ୍ଦମୟୀ ମା''' ସାଧନା ସମୟରେ ଦେରାଦୁନ୍‌ର ନିର୍ଜନ ପର୍ବତରେ ସାମାନ୍ୟ କିଛି ଆହାର ପୂର୍ବକ ସର୍ବଦାହିଁ ଗଭୀର ତପସ୍ୟାରେ ନିମଗ୍ନ ରହୁଥିଲେ । ଏହି ଘଟଣାଦ୍ୱାରା ଅନୁପ୍ରାଣିତ ହୋଇ 'ମ' ଅନ୍ତତଃ ମାସେ ପର୍ଯ୍ୟନ୍ତ ନିଜକୁ ଭଗବତ୍ ଚିନ୍ତାରେ ନିମଗ୍ନ ରଖିବା ପାଇଁ ମନସ୍ଥ କଲେ । କିନ୍ତୁ ଏହି ଅବସ୍ଥାରେ ଏକାଦିକ୍ରମେ ପାଞ୍ଚ,

ଛଅ ଘଣ୍ଟାରୁ ଅଧିକ କାଳ ସେ ରହିପାରିଲେ ନାହିଁ । କାରଣ ସେଥିରୁ ଅଧିକ ସମୟ ପର୍ଯ୍ୟନ୍ତ ତାଙ୍କ ସତ୍ତା ଭଗବତ୍ ଚିନ୍ତାରେ ରହିବାକୁ ନାରାଜ ହେଲା । ଏହି ଘଟଣାରୁ ତାଙ୍କର ଏହି ଜ୍ଞାନ ହେଲା ଯେ ଭଗବତ୍ ସାନ୍ନିଧ୍ୟଠାରୁ ସେ କେତେ ଦୂରରେ ।

ତିନି ସପ୍ତାହ ପରେ ସେ ହୃଦୟଚକ୍ରରେ ଧ୍ୟାନ କରିବାର ମନସ୍ଥ କଲେ । ଏହା ମଧ୍ୟ ତାଙ୍କ ପକ୍ଷେ କଠିନ ବୋଧ ହେଲା, ଯଦିଓ ସେ ସ୍ୱେଚ୍ଛାରେ ନିଜର ମନକୁ ସମ୍ପୂର୍ଣ୍ଣ ଶୂନ୍ୟ କରିପାରୁଥିଲେ । ଚେଷ୍ଟା କଲେ ମଧ୍ୟ ସେ କେବେବି ହୃଦୟରେ ଏକାଗ୍ର ରହିପାରୁ ନ ଥିଲେ; ଚେଷ୍ଟା କରିବାକୁ ଯାଇ ଦେଖନ୍ତି ସମ୍ମୁଖରେ ଏକ ଅଲଙ୍ଘ୍ୟ ଅନ୍ଧକାର ପ୍ରାଚୀର ଆସି ଦଣ୍ଡାୟମାନ ହୋଇ ପଥରୋଧ କରେ । ହୃଦୟ ମଧ୍ୟରୁ ପ୍ରାର୍ଥନା କରିବାର ଶତ ଚେଷ୍ଟା ସତ୍ତ୍ୱେ ସେ ଦେଖନ୍ତି ପ୍ରାର୍ଥନାଗୁଡ଼ିକ ମନସ୍ତରରୁହିଁ ଆସେ । ମାନସ ସ୍ତରର ଏକ ଉନ୍ମୀଳନ ମଧ୍ୟଦେଇ ଜଣେ ନିଜ ସତ୍ତାର ଉପଲବ୍ଧି କରିପାରିବ, କିନ୍ତୁ ଚୈତ୍ୟସତ୍ତାର ନୁହେଁ, ଅଥଚ ଚୈତ୍ୟସତ୍ତା ହେଲା ଶ୍ରୀଅରବିନ୍ଦଙ୍କ ଯୋଗର ମୂଳଭିତ୍ତି ସ୍ୱରୂପ ।

ଏକବର୍ଷରୁ ଅଧିକ ସମୟ ପରେ ଗୋଟିଏ ମନ୍ତ୍ରର ବାରମ୍ବାର ଆବୃତ୍ତି ଫଳରେ ସେ ହୃଦୟକେନ୍ଦ୍ରରେ ଏକାଗ୍ର ହେବା ପାଇଁ ପ୍ରଥମ ଥରପାଇଁ ସକ୍ଷମ ହେଲେ; ଏବଂ ପରେ ପରେ ସେ କେତେକ ଅନୁଭୂତି ମଧ୍ୟ ପାଇଲେ । ଅବଶ୍ୟ ସେଗୁଡ଼ିକ ସାଧନାସମୟରେ ସାମୟିକ ଭାବରେ ଆସିଥାଏ । ବାରମ୍ବାର ସେହି ଶୁଷ୍କ ଓ ନୀରସ ସମୟ ମଧ୍ୟ ଆସିବାକୁ ଲାଗିଲା । ସ୍ୱୀୟ ଅନ୍ତର୍ଦୃଷ୍ଟି ବଳରେ ସେ ଦେଖିପାରିଲେ ଯେ କେବଳ ଭଗବାନଙ୍କ ପ୍ରତି ଉନ୍ମୁଖ ରହିବାର ଇଚ୍ଛାଶକ୍ତି ସେପର୍ଯ୍ୟନ୍ତ ମଧ୍ୟ ସେଠାରେ ଜାଗ୍ରତ ହୋଇପାରି ନାହିଁ । ଉଚ୍ଚତର ଚେତନା ସହିତ ସ୍ଥାୟୀ ଭାବରେ ବାସ କରିବା ବା କାର୍ଯ୍ୟ କରିବା ପ୍ରାଣସତ୍ତା ପକ୍ଷେ ଅତ୍ୟନ୍ତ କଠିନ । ଶ୍ରୀଅରବିନ୍ଦ କହିଛନ୍ତି- ''ଭଗବାନ ଯେତେବେଳେ ଯୋଗଫଳ ଦିଅନ୍ତି ସେତେବେଳେ ସେ ସାଧନାର ପରିମାଣ ଅନୁସାରେ ଦିଅନ୍ତି ନାହିଁ, ସେ ଦିଅନ୍ତି ଆତ୍ମାର ଐକାନ୍ତିକତା ଓ ଅଭୀପ୍ସାକୁ ବିଚାର କରି ।'' ପ୍ରଥମ ଅବସ୍ଥାରେ ବ୍ୟକ୍ତିଗତ ପ୍ରଚେଷ୍ଟାର ପ୍ରୟୋଜନୀୟତା ଥାଏ । କ୍ରମେ ତାହା ସାଧକର ପ୍ରଚେଷ୍ଟା ଇତ୍ୟାଦିରୁ ଅଧିକ ଉଚ୍ଚକୁ ନେଇଯାଏ । ''ବ୍ୟକ୍ତିଗତ ପ୍ରଚେଷ୍ଟା କ୍ରମେ ଦିବ୍ୟଶକ୍ତିର କ୍ରିୟାରେ ରୂପାନ୍ତରିତ ହେବ ।''

## ସାଧନାରେ ପ୍ରଗତି

''ବାହ୍ୟ ଅବସ୍ଥାସକଳ ଅପେକ୍ଷା ଆଧ୍ୟାତ୍ମିକ ବାତାବରଣର ଗୁରୁତ୍ୱ ଅଧିକ, ଯଦି ତାହା ଜଣେ ପ୍ରାପ୍ତ ହୋଇଥାଏ ଏବଂ ଯଦି ଜଣେ ନିଜେ ନିଜର ଏକ ଆଧ୍ୟାତ୍ମିକ ବାୟୁମଣ୍ଡଳ ସୃଷ୍ଟି କରି ତାହାରି ମଧ୍ୟରେ ବାସ କରିପାରେ, ତାହାହିଁ ପ୍ରଗତିର ପ୍ରକୃତ ଅବସ୍ଥା ।''

*- ଶ୍ରୀଅରବିନ୍ଦ*

ଜଣେ ପରିଦର୍ଶକ କହିଥିଲେ (୧୯୬୨ ଜୁନ୍‌ରେ), ''ମୋର ପ୍ରଥମ ଏବଂ ତୃତୀୟବାର ଆଶ୍ରମକୁ ଆସିବା ମଧ୍ୟରେ ମୁଁ ବହୁତ ପରିବର୍ତ୍ତନ ଲକ୍ଷ୍ୟ କରିପାରୁଛି । ଆଶ୍ରମର ଶାନ୍ତ, ନୀରବ ବାତାବରଣ ଏପରି ଭାବରେ ଆପେ ଆପେ କାର୍ଯ୍ୟ କରେ ଯେ ତାହା ଆଭ୍ୟନ୍ତରୀଣ ଉନ୍ମୀଳନ ପଥରେ ଯିବା ପାଇଁ ସତତ ସାହାଯ୍ୟ କରେ ।'' ସେ ଜଣେ ସରକାରୀ କର୍ମଚାରୀ ଥିଲେହେଁ ସରଳ ଓ ସଂଯତ ଜୀବନଯାପନ କରୁଥିଲେ । ସେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ କିପରି ପ୍ରତ୍ୟେକ ବାର ଜୀବନର ସନ୍ଧିକ୍ଷଣରେ ଭଗବତ୍ କୃପା ତାଙ୍କୁ ସାହାଯ୍ୟ କରିଛି ଓ ଭୟଙ୍କର ବିପଦରୁ ରକ୍ଷା କରିଆସିଛି ।

ସାଧାରଣ ବ୍ୟକ୍ତି ଭଗବାନଙ୍କୁ ହୁଏତ ପାଞ୍ଚ ମିନିଟ୍ ପାଇଁ ସ୍ମରଣ କରେ ଏବଂ ଅନୁଭବ କରେ ଯେ ଭଗବାନଙ୍କ ପ୍ରତି କର୍ତ୍ତବ୍ୟ ତଦ୍ୱାରା ଯଥେଷ୍ଟ କରାଗଲା । କିନ୍ତୁ ବର୍ଷକ ମଧ୍ୟରେ ଗୋଟିଏ ଦିନ ମଧ୍ୟ ସେ ଭଗବାନଙ୍କ ପାଇଁ ଖର୍ଚ୍ଚ କରିବାର ପ୍ରୟୋଜନୀୟତା ଅନୁଭବ କରେ ନାହିଁ । ଧର୍ମ ସହିତ ସଂଶ୍ଲିଷ୍ଟ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ଏକହିଁ କଥା ପ୍ରଯୁଜ୍ୟ । ଆମ ପରିବାରର ଏକ ପୁରୋହିତ ସାରାଜୀବନ ଧରି ପ୍ରତିଦିନ ଗଙ୍ଗାସ୍ନାନ କଲେ ମଧ୍ୟ ତାଙ୍କ ପ୍ରକୃତି ବା ଅଭ୍ୟାସରେ କୌଣସି ପରିବର୍ତ୍ତନ ଦେଖାଦେଇ ନଥିଲା ।

ପ୍ରକୃତ ସତ୍ୟସନ୍ଧାନୀମାନଙ୍କ ମଧ୍ୟରୁ ଅଧିକାଂଶ ଉପଯୁକ୍ତ ପଥନିର୍ଦ୍ଦେଶକ ଅଭାବ ଯୋଗୁ ଆଗେଇ ପାରନ୍ତି ନାହିଁ । ମୋର ଜଣେ ପରିଚିତ ବ୍ୟକ୍ତି ସଂଯତ ଖାଦ୍ୟ ଖାଇ ଓ ପ୍ରତ୍ୟହ ଗୀତାପାଠ କରି ପ୍ରାୟ ତିରିଶବର୍ଷକାଳ ସାଧନାରେ କଟାଇଲେ ।

ଦୈବଯୋଗକୁ ସେ ଏହି ଆଶ୍ରମକୁ ଥରେ ଆସିଥିଲେ । କିନ୍ତୁ ତାଙ୍କର ୧୮ ଦିନର ପ୍ରଥମ ରହଣୀରେ ସେ ଆତ୍ମାର କୌଣସି ସ୍ପର୍ଶ ପାଇପାରିଲେ ନାହିଁ । ଗୃହକୁ ପ୍ରତ୍ୟାବର୍ତ୍ତନ କରି ସେ ଆଶ୍ଚର୍ଯ୍ୟ ହେଲେ ଯେ କିପରି ଶୂନ୍ୟ ହୋଇ ସେ ଏଠାରୁ ଫେରିଗଲେ ।

''ତୁମର ଏକ ଅହଂଭାବ ଅଛି ଯେ ତୁମେ ତିରିଶବର୍ଷ ସାଧନାରେ ବିତାଇଛ । ସେଇଥିପାଇଁ ତୁମେ ଶୂନ୍ୟ ଭାବରେ ଫେରିଆସିଲ ।''- ତାଙ୍କ ହୃଦୟରୁ ଏକ କୋମଳକଣ୍ଠରୁ ସେ ଶୁଣିପାରିଲେ ଏହି ଉତ୍ତର ।

ଦିନେ ସେ ଏକ ସୂକ୍ଷ୍ମଦର୍ଶନରେ ଦେଖିଲେ ଯେ ତାଙ୍କର ହୃଦୟ ମଧ୍ୟରେ ଶ୍ରୀମା' ଚାଲୁଅଛନ୍ତି । ତାଙ୍କର ଚତୁର୍ଥବାର ଆଶ୍ରମ ଆସିବାରେ ସେ ଏଠାରେ ରହିବାର ଅନୁମତି ପାଇଲେ । ତାଙ୍କର ଠିକ୍ ପରବର୍ତ୍ତୀ ଜନ୍ମଦିନରେ ଶ୍ରୀମା' ତାଙ୍କ ପାଖକୁ ଲେଖିଲେ ଯେ ତାଙ୍କର ସାଧନାର ପ୍ରଗତିରେ ସେ ଖୁସି ହୋଇଛନ୍ତି ।

କିନ୍ତୁ ଏଠାରେ ଯଦି ଜଣେ ଉନ୍ମୀଳିତ ହୋଇ ରହେ ଏବଂ ନିଜର ଗତିବୃତ୍ତିକୁ ନିରୀକ୍ଷଣ କରେ, ସେ ନିଜ ସାଧନାର ପ୍ରଗତିର ପରିମାଣ କେତେ ଜାଣିପାରିବ । ସେତେବେଳେ ଦେଖିପାରିବ ବର୍ଷକ ପୂର୍ବରୁ ଯାହା ଅସମ୍ଭବ ଥିଲା, ବର୍ତ୍ତମାନ ତାହା ସମ୍ଭାବନା ସ୍ତରର ଅନ୍ତର୍ଗତ । କିନ୍ତୁ ଯୋଗ ପାଇଁ ପ୍ରୟୋଜନ ଦୀର୍ଘ ସମୟ । ଶ୍ରୀଅରବିନ୍ଦ କହିଛନ୍ତି- ''ଯେତେବେଳେ ସମର୍ପଣ ନିଃଶେଷରେ ହୋଇପାରେ ସେତେବେଳେ ସାଧନାର ପୂରାପୂରି ଉନ୍ନତି ମଧ୍ୟ ସମ୍ଭବ ।''

ପୁଷ୍କରିଣୀର ଜଳ ଉପର ଦିଗରୁ ଦେଖିଲେ ମନେହୁଏ ତାହା ଅତ୍ୟନ୍ତ ସ୍ୱଚ୍ଛ, ନିର୍ମଳ, ପରିଷ୍କାର; କିନ୍ତୁ ସେହି ଜଳ ମଧ୍ୟରେ ଖଣ୍ଡେ ଛୋଟ ପଥର ପକାଇ ଦେବା ମାତ୍ରେ ସମସ୍ତ ଜଳ କର୍ଦ୍ଦମମୟ ହୋଇଯାଏ । ଆମର ମନର ଅବସ୍ଥା ଠିକ୍ ଏହିଭଳି । ଜଣେ ଯେତେ ଧ୍ୟାନ କଲେ ମଧ୍ୟ, ଆଣ୍ଠୁଏ କାଦୁଅ ସେହି ସ୍ୱଚ୍ଛ ଜଳ ତଳେ ଲୁକ୍କାୟିତ ହୋଇଥାଏ ।

ଜଣେ ସାଧକ ନିଜର ଅନୁଭୂତି ବର୍ଣ୍ଣନାକରି ପ୍ରଶ୍ନ କରିଥିଲେ, ''ପ୍ରାଣସତ୍ତାରେ ଶାନ୍ତି ସ୍ଥାପନର କ'ଣ ଏହା ସୂଚନା ଦିଏ ?'' ସେ ନିମ୍ନଲିଖିତ ଉତ୍ତରଟି ପାଇଥିଲେ । -''ହଁ, ଯେତେବେଳେ ଜଣେ ଶରୀରସତ୍ତା ଓ ଅବଚେତନାରେ ଅବତରଣ କରି ତାକୁ ପରିବର୍ତ୍ତନ କରିବାକୁ ଚାହିବ, ସେତିକିବେଳେହିଁ ସମସ୍ତ କଷ୍ଟ ଦେଖାଦେବ । ଚେତନା ସେତେବେଳେ ଶରୀର ସତ୍ତାରେହିଁ ରହିବ; ଏବଂ ସେତେବେଳେ ଏହିଭଳି ବିଳମ୍ବ, ମନ୍ଥରଗତି ଓ କ୍ରିୟାବିରତି ସାଧାରଣତଃ ଦେଖା ଦେବ । ଏହି ଅବସ୍ଥାରେ ନୀରବ ଓ ପ୍ରଫୁଲ୍ଲଚିତ୍ତରେ ରହିବା ଉଚିତ୍ ।''

ଉକ୍ତ ସାଧକ ବର୍ଷ ବର୍ଷ ଧରି ଅନେକ କଷ୍ଟ ଓ ବାଧା ମଧ୍ୟରେ ସମୟ କଟାଇଥିଲେ । ଶ୍ରୀମା'ଙ୍କ ଶକ୍ତି ଦେହରେ କାର୍ଯ୍ୟ କରିବା ସତ୍ତ୍ୱେ ଏପରି କାହିଁକି କଷ୍ଟ ହେଲା ବୋଲି ସେ ପ୍ରଶ୍ନ କରିବାରୁ ଶ୍ରୀଅରବିନ୍ଦ ଉତ୍ତରରେ ତାଙ୍କୁ କହିଲେ :

''ତୁମେ ଖୁବ୍ ଉନ୍ନତି କରିଛ । ଏହି ବିରକ୍ତିରେ ଶାରୀରିକ ସାଧନା ସମୟରେ ମଧ୍ୟ ଦେଇ, ଅଧୈର୍ଯ୍ୟ ଓ ନିରାଶା ନ ହୋଇ, ଆଗେଇ ଯିବାପାଇଁ ତୁମର ଯଥେଷ୍ଟ ପ୍ରଶାନ୍ତି ଓ ଚୈତ୍ୟସତ୍ତାର ସହାୟତା ଥିବା ପ୍ରୟୋଜନ । ପ୍ରାଣସତ୍ତାର ଉଦ୍‌ବେଗ ମଧ୍ୟଦେଇ ଯେପରି ଗତି କରିବାକୁ ହୁଏ, ଠିକ୍ ସେହିଭଳି ଜଡ଼ର ପରିବର୍ତ୍ତନ ପାଇଁ ଶାରୀରିକ ଚେତନାର ନିଶ୍ଚେଷ୍ଟତା ମଧ୍ୟଦେଇ ଗତି କରିବାକୁ ହେବ । ତୁମର ଅଭୀପ୍‌ସାକୁ ସ୍ଥିର ବା ଅଟଳ ରଖ, ଯଦି କିଛିବି କାର୍ଯ୍ୟ ନକରେ, ଶ୍ରୀମା'ଙ୍କ ପ୍ରତି ଉନ୍ମୀଳିତ ହୋଇ ତାଙ୍କ ଉପରେ ବିଶ୍ୱାସ ରଖ; ତାହାହେଲେ ଉଚ୍ଚତର ଚେତନା ଶରୀର-ଚେତନାର ସ୍ତରସକଳ ମଧ୍ୟକୁ ଅବତରଣ କରିବ ଏବଂ ତାହାକୁ ଚରମ କ୍ରିୟା ପାଇଁ ପ୍ରସ୍ତୁତ କରି ରଖିବ ।''

ମାନସସତ୍ତା ଅପେକ୍ଷା ପ୍ରାଣସତ୍ତାର ବାଧାସକଳ ସହସ୍ରଗୁଣ ଅଧିକ ଶକ୍ତିଶାଳୀ; ଅବଚେତନାର ଅସଂଖ୍ୟ ସର୍ପକୁଣ୍ଡଳୀ କଥା ଏଠି କୁହାହେଉନି । ଅଜ୍ଞାନତା, ମିଥ୍ୟାଚାର, କଦର୍ଯ୍ୟ, ଏବଂ ଆହୁରି ଅନେକ ଭାବେ ବିଷାକ୍ତରେ ପୂର୍ଣ୍ଣ ଏହି ମଣିଷ ଜୀବନଟାକୁ ଯଦି ଦିବ୍ୟତ୍ୱର ଛାଞ୍ଚରେ ଢାଳିଦେବାକୁ ହୁଏ, ତେବେ ବାଧାବିପତ୍ତିଗୁଡ଼ିକ ନିଶ୍ଚୟହିଁ କଳ୍ପନାତୀତଭାବରେ ଆସିବେ ।

ଆମ୍ଭମାନଙ୍କର ଅନମନୀୟ ପ୍ରକୃତିକୁ ବରଦାସ୍ତ କରିବାରେ ଶ୍ରୀମା'ଙ୍କର ଧୈର୍ଯ୍ୟ ଆମ ଧାରଣାର ବହିର୍ଭୁତ । ଥରେ ଜଣେ ସାଧକ ଲେଖିଲେ-

''ଆମ୍ଭମାନଙ୍କର କପଟତା, ଅବାଧ୍ୟତା ଇତ୍ୟାଦି ଖରାପଗୁଣସବୁକୁ ଆପଣମାନେ ଯେଉଁ ଧୈର୍ଯ୍ୟ ଓ ଅନୁକମ୍ପାର ସହିତ ସହ୍ୟ କରନ୍ତି, ତାହା ଦେଖି ମୁଁ ବିହ୍ୱଳ ହୋଇଯାଇଛି ।'' ଶ୍ରୀଗୁରୁ ଉତ୍ତର ଦେଲେ - ''ମଣିଷ ପ୍ରକୃତି ମୂଳତଃ ଏହି ପ୍ରକାର, ତେଣୁ ଆମେ ଯଦି ଧୈର୍ଯ୍ୟଶୀଳ ନ ହେବୁ ତେବେ ପରିବର୍ତ୍ତନର ଆଶା ଖୁବ୍ କମ୍ ହୋଇଯିବ । କିନ୍ତୁ ମଣିଷ ମଧ୍ୟରେ ଆହୁରି କିଛି ଅଛି ଯାହା ଐକାନ୍ତିକ ଏବଂ ତାହା ପରିବର୍ତ୍ତନ ପାଇଁ ଏକ ଶକ୍ତିଭାବରେ କାର୍ଯ୍ୟ କରିପାରେ । କିନ୍ତୁ 'କ' ପରି ଲୋକ ପକ୍ଷରେ ଏହା ଏତେ ବେଶୀ ଆବୃତ ଥାଏ ଯେ ତାକୁ କାର୍ଯ୍ୟରେ ଲଗାଇବା କଷ୍ଟକର ହୁଏ ।''

ଅନ୍ଧକାର ସହିତ ସଂଗ୍ରାମ କରିବା ପରିବର୍ତ୍ତେ ଶ୍ରୀଗୁରୁ ଆମର ହୃଦୟକୁ ଆଲୋକରେ ପୂର୍ଣ୍ଣ କରି ରଖିଥା'ନ୍ତି ।

କ୍ରମେ ''.... ସାଧନାର ଦାୟିତ୍ୱ ନେବାପାଇଁ ଯେଉଁ ଉଚ୍ଚଶକ୍ତି ଆସେ'' ତାହା ବ୍ୟକ୍ତିଗତ ପ୍ରଚେଷ୍ଟାର ସ୍ଥାନକୁ ଅଧିକାର କରେ । ତାହାହିଁ ହେଲା ଏଠାକାର ସାଧନାର ଗୂଢ଼ତତ୍ତ୍ୱ ।

ସମର୍ପଣରେ ଥାଏ ସମ୍ପୂର୍ଣ୍ଣ ନିର୍ଭରତା । ଯେତେ ବେଶୀ ନିର୍ଭରତା ରହିବ, ଉଚ୍ଚତର ଶକ୍ତି ପ୍ରବେଶ କରିବା ପାଇଁ ସତ୍ତା ମଧ୍ୟରେ ସେତେ ବେଶୀ ଉନ୍ମୀଳନ ଘଟିବ ଏବଂ ସାଧକ ଶିଖିଯାଏ କିପରି କ୍ରମେ କ୍ରମେ ସାଧନାର ଦାୟିତ୍ୱ ତାହାରି ହାତରେ ଛାଡ଼ିଦେବାକୁ ହେବ । ଯେତେବେଳେ ଏହିପରି ଘଟେ ସାଧକ ଅନୁଭବ କରେ ଯେ ଶ୍ରୀମାହିଁ ତାହାରି ମଧ୍ୟରେ ସାଧନା କରୁଛନ୍ତି । ନିଜ ତରଫରୁ କୌଣସି ପ୍ରତିବନ୍ଧକ ନ ରହିଲେ ସାଧକ ଅନୁଭବ କରିପାରେ କିପରି ଶ୍ରୀମା'ଙ୍କ ଶକ୍ତି ତା'ର ସତ୍ତାର ସମସ୍ତ ଅଂଶ ମଧ୍ୟକୁ ଅବତରଣ କରୁଛି । ସାଧାରଣତଃ ସେହି ଶକ୍ତି ମଥାର ଉପରୁ ଅବତରଣ କରିଥାଏ, କିନ୍ତୁ ଅନ୍ୟ ଅଂଶରୁ ମଧ୍ୟ ଆରମ୍ଭ ହୋଇପାରେ । 'କ' ଏହି ଶକ୍ତିର କାର୍ଯ୍ୟ ତାଙ୍କର ନିମ୍ନତର ଅଂଶରୁ ପ୍ରଥମେ ଅନୁଭବ କଲେ ଏବଂ ତା'ପରେ ଏହା କ୍ରମେ ଉଚ୍ଚରୁ ଉଚ୍ଚତର ସ୍ତରକୁ ଉଠିଲା । ଥରେ ଧ୍ୟାନ ସମୟରେ ସେ ଶରୀରର ସମସ୍ତ ଚେତନା ହରାଇଥିଲେ, ଯଦିଓ ଆନ୍ତର ଚେତନା ସମ୍ପୂର୍ଣ୍ଣ ଜାଗ୍ରତ ଥିଲା । ପରେ ସେ ଅନୁଭବ କଲେ ତାଙ୍କ ଚେତନା ଶରୀରରୁ ବାହାରି ଆସି ଆକାଶ ଆଡ଼କୁ ଉଠିଗଲା । ଶରୀର ମୃତବତ୍ ନିଷ୍କ୍ରିୟ ହୋଇ ପଡ଼ିରହିଲା । ପରଦିନ ସେ ଗୋଟିଏ ବାଣୀ ଶୁଣିପାରିଲେ : ''ଆଜି ତୁମର ପ୍ରକୃତ ସମାଧି ଅବସ୍ଥାର ଅନୁଭୂତି ହେବ ।'' ତତ୍‌କ୍ଷଣାତ୍ ତାଙ୍କର ଅନ୍ତର ମଧ୍ୟରୁ ଏକ ପ୍ରାର୍ଥନା ଜାଗିଉଠିଲା, ''ସମାଧି ଅବସ୍ଥାକୁ ନେଇ ମୁଁ କ'ଣ କରିବି ମା' ? ମୁଁ ତୁମରି କାର୍ଯ୍ୟ କରିବାକୁ ଜନ୍ମ ହୋଇଛି ।''

ପରମୁହୂର୍ତ୍ତରେ ତାଙ୍କର ସମ୍ମୁଖରେ ଦେଖାଦେଲା ଗଭୀର, ବିରାଟ ଏକ ଅନ୍ଧକାର ଗର୍ତ୍ତ । ସେହି ଭୟଙ୍କର ଗର୍ତ୍ତକୁ ଦେଖି ତାଙ୍କର ସ୍ନାୟୁଗୁଡ଼ିକ କମ୍ପିଉଠିଲା । ବର୍ତ୍ତମାନ ପୁଣି ଏକ ପ୍ରାର୍ଥନା ତାଙ୍କ ମଧ୍ୟରେ ଜାଗିଉଠିଲା : ''ଯଦି ମୋ ଭିତରେ କାଣିଚାଏ ହେଲେ ପ୍ରକୃତ ଐକାନ୍ତିକତା ଥାଏ, ତାହାହେଲେ ଶ୍ରୀମା ମୋତେ ତାଙ୍କ ଇଚ୍ଛାନୁଯାୟୀ ପଥ ନିର୍ଦ୍ଦେଶ କରନ୍ତୁ ।'' ଏବଂ ସେ ସେଇ ଗର୍ତ୍ତ ମଧ୍ୟକୁ ଲମ୍ଫ ପ୍ରଦାନ କଲେ । ସୂତାପରି ସୂକ୍ଷ୍ମ ଏକ ଆଲୋକରଶ୍ମି ତାଙ୍କ ସହିତ ପଥ ଦେଖାଇ ସେଇ ଗର୍ତ୍ତର ଗଭୀରତମ ପ୍ରଦେଶକୁ ଚାଲିଲା । ଯେଉଁ ମୁହୂର୍ତ୍ତରେ ଆଲୋକର ଗତି ବନ୍ଦହୋଇଗଲା, ତାଙ୍କର ଧ୍ୟାନଭଗ୍ନ ହେଲା । ଏହାପରେ ଗୋଟାଏ ସ୍ଥିର ଅବସ୍ଥାରେ ତାଙ୍କର କେତେବର୍ଷ କଟିଗଲା ଏବଂ ତା'ପରେ ଗୋଟାଏ ଭୟଙ୍କର ସଂଗ୍ରାମର ସମୟ ଆସିଲା । ସେ ଯଦି ସମାଧି ଅବସ୍ଥା ପ୍ରାପ୍ତ ହୋଇ ସେଇଥିରେ ସନ୍ତୁଷ୍ଟ ହୋଇ ରହିବାପାଇଁ ଇଚ୍ଛା କରିଥାଆନ୍ତେ, ତେବେ ସେ ହୁଏତ ଅନ୍ୟମାନଙ୍କ ଆଖିଆଗରେ ବହୁ ଉଚ୍ଚରେ ଆସନ ପାଇଥାଆନ୍ତେ, କିନ୍ତୁ ତଦ୍ୱାରା ତାଙ୍କର କୌଣସି ମୌଳିକ ପରିବର୍ତ୍ତନ ହୋଇନଥାଆନ୍ତା । ଏହିପରି ପରିବର୍ତ୍ତନର କାର୍ଯ୍ୟ ଚାଲିଥିବାବେଳେ ସ୍ୱାଭାବିକଭାବରେ ପ୍ରଗତିର ଗତି ମନ୍ଥର ହୁଏ ।

ଋଷିମାନେ କହିଛନ୍ତି, ଯୋଗପଥ ହେଲା ''କ୍ଷୁରସ୍ୟ ଧାର'' ବା କ୍ଷୁର ଧାରପରି । କିନ୍ତୁ ସେଇ ପଥରେ ଆମର ଶ୍ରୀମା ଆମକୁ କିପରି ସରଳ ଓ ସହଜଭାବେ ଆଗେଇ ନେଇଯାଉଛନ୍ତି, ତାହା ପ୍ରେମ ଓ କୃତଜ୍ଞତାର ସହିତ ଯୁଗଯୁଗାନ୍ତ ପର୍ଯ୍ୟନ୍ତ ସ୍ମରଣକରାହେଉଥିବ । ଆଧ୍ୟାତ୍ମିକତାର ଇତିହାସରେ ଏହା ଅପୂର୍ବ, ଅତୁଳନୀୟ ।

ଆମେ ଯେତେବେଳେ କଷ୍ଟପାଉ, ସେତେବେଳେ ଆମେ ଭୁଲିଯାଉ ଯେ ଶ୍ରୀମା ହେଲେ ଭଗବତୀ । ଯେତେବେଳେ ଆମ ଭିତରେ କିଛି ବିଦ୍ରୋହ କରେ ବା ପ୍ରତିରୋଧ କରେ, ଶ୍ରୀମା ସେତେବେଳେ ଭୁଲିଯାଆନ୍ତି ସେ ନିଜେ ଭଗବତୀ ଏବଂ ଆମ୍ଭମାନଙ୍କ ସ୍ତରକୁ ଅବତରଣ କରିଆସି ଆମ୍ଭମାନଙ୍କର ରକ୍ତାକ୍ତ କ୍ଷତ ଉପରେ ତାଙ୍କର ଅଭୟ ହସ୍ତଚାଳନା କରନ୍ତି । ସେ ଜାଣନ୍ତି ଯେ ଜଣେ ପ୍ରକୃତ ସାଧକକୁ କେତେ କଷ୍ଟ ଓ ଯନ୍ତ୍ରଣା ମଧ୍ୟଦେଇ ଯିବାକୁ ହୁଏ ।

ଶ୍ରୀମା'ଙ୍କୁ ବିଶ୍ୱାସ କରିବା ପାଇଁ ମଣିଷ-ମନ ଖୋଜେ କୌଣସି ଅଲୌକିକ ଘଟଣା (Miracle) । ''କିନ୍ତୁ ସେହି ପ୍ରକାରର ଅଲୌକିକ ଘଟଣାଗୁଡ଼ିକ କେବଳ ମୁହୂର୍ତ୍ତକର ବିସ୍ମୟ ମାତ୍ର ।'' ଯୋଗ ହେଲା ଏକ ଆଧ୍ୟାତ୍ମିକ ସଂଗ୍ରାମ, ତାହା ପାଇଁ ଅସୀମ ସାହସିକ ହେବା ଦରକାର ।

ମୁହୂର୍ତ୍ତକରେ ଏକ ଅଲୌକିକ ଘଟଣାର ସ୍ପର୍ଶ ପାଇ ଯଦି କୌଣସି ପରିବର୍ତ୍ତନ ଘଟେ, ତାହାର ତୁଳନାରେ ଜୀବନରେ ପ୍ରକୃତ ଆଧ୍ୟାତ୍ମିକ ଭିତ୍ତିସ୍ଥାପନ କରିବା ଯେ କେତେ କଷ୍ଟକର, ତାହା ସହଜରେ ଅନୁମେୟ । ସେହି ସାଧନାର ଧାରା ଯେ କିପରି, ତାହାର କିଞ୍ଚିତ୍ ଅବତାରଣା ଉପରୋକ୍ତ ଘଟଣାଗୁଡ଼ିକରେ କରାହୋଇଛି । ରୂପାନ୍ତର ସମ୍ପର୍କରେ ଇତିହାସ ଲେଖିବା ପାଇଁ ଏପର୍ଯ୍ୟନ୍ତ ହୁଏତ ସମୟ ହୋଇନାହିଁ ବା କେହି ଜନ୍ମ ନେଇନାହାଁନ୍ତି ।

(୨୪ ଅପ୍ରେଲ ୧୯୬୮ ନବଜ୍ୟୋତିରୁ ସଂଗୃହୀତ)

# କରୁଣାର ଦିଗନ୍ତ

**ଶ୍ରୀ ମନୋଜ ଦାସ**

ନଭେମ୍ବର ୩୦, ୧୯୭୨

**ଶ୍ରୀମା :** ନୂଆ ବର୍ଷଟିଏ ତେବେ ଆରମ୍ଭ ହେବାକୁ ଯାଉଛି...

**ପ୍ରଶ୍ନ :** ଆପଣ ଏ ନୂଆ ବର୍ଷ ସମ୍ପର୍କରେ ବିଶେଷ କିଛି ଅନୁଭବ କରୁଛନ୍ତି କି ?

**ଶ୍ରୀମା :** (ନିରବତା ପରେ) ସବୁ କିଛି ଏକ ଚରମ ରୂପ ନେଇଛି । ବାତାବରଣ ଏକ ଉଜ୍ଜ୍ୱଳ ଐଶ୍ୱର୍ଯ୍ୟ ଆଡ଼କୁ ଉନ୍ମୁଖ ହୋଇ ରହିଛି... ତାହା ପ୍ରାୟ ଅକଳ୍ପନୀୟ । ପୁଣି ତାହା ସାଥିରେ ମିଶି ରହିଛି ଏହି ଅନୁଭବ ଯେ ହୁଏତ- ହୁଏତ ମୃତ୍ୟୁ ଆସିପାରେ- ଠିକ୍ 'ମୃତ୍ୟୁ' ନୁହେଁ, କିନ୍ତୁ ଦେହ ବିସର୍ଜିତ ହୋଇପାରେ । ଏ ଉଭୟ ଏକତ୍ର ଏକ ଚେତନାର ରୂପ ନେଇଛନ୍ତି ।... ସମସ୍ତ ପୁରୁଣା କଥା ମନେ ହେଉଛି ଅର୍ଥହୀନ, ପିଲାଳିଆ, ଅଜ୍ଞାନ । ଏ ଅଭିଜ୍ଞତା ବିଶାଳ ଓ ଅପୂର୍ବ ।

ଅତଏବ ଏ ଦେହ, ଏ ଦେହର କେବଳ ଗୋଟିଏ ପ୍ରାର୍ଥନା- ସର୍ବଦା ସେଇ ଗୋଟିଏ :
ମୋତେ ତୁମକୁ (ପରମଙ୍କୁ) ଜାଣିବାକୁ ଯୋଗ୍ୟତା ଦିଅ ମୋତେ ତୁମ କାମ କରିବାକୁ ଯୋଗ୍ୟତା ଦିଅ ମୋତେ ତୁମ ସତ୍ତାରେ ପରିଣତ ହେବାର ଯୋଗ୍ୟତା ଦିଅ ।

ମୁଁ ନିଜ ଭିତରେ ଅନୁଭବ କରୁଛି ଏକ ବର୍ଦ୍ଧିଷ୍ଣୁ ଶକ୍ତି... କିନ୍ତୁ ସେ ଶକ୍ତି ଏକ ନୂତନ ଗୁଣ ପାଇଁ- ନିରବତା ଓ ଏକାଗ୍ରତା ଭିତରେ ।

କିଛିହିଁ ଅସମ୍ଭବ ନୁହେଁ ।

DECEMBER 30, 1972

**The Mother :** So it is going to be the new year ....

**Question :** Do you feel anything for the new year ?

(After a silence)

**The Mother :** Things have taken an extreme form, so there is as it were an uplift of the atmosphere towards a splendour.... almost inconceivable and at the same time the feeling that at any moment one may ... ... one may die- not "die" but the body may be dissolved. And so the two at the same time form a consciousness (Mother shakes her head) all the old things seem querile, childish, unconscious- within there it is tremendous and wonderful.

So, the body, the body has one prayer- and it is always the same :
Make me worthy of knowing You
Make me worthy of serving You,
Make me worthy of being You.

I feel in myself a growing force but it is of a new quality... in silence and in contemplation.

Nothing is impossible (Mother opens her hands upward).

(Silence)

BULLETIN, FEBRUARY, 1973

ଚଳିତବର୍ଷ (୧୯୭୩)ର ପ୍ରାକ୍‌କାଳରେ ଶ୍ରୀମା ଏଇ ଆଭାସ ଦେଇଥିଲେ । -୧୯୭୩ ଭିତରେ ଶରୀର ବିସର୍ଜନ ଦେବା ଅସମ୍ଭବ ନୁହେଁ । ତାହାହିଁ ହୋଇଛି ।

ଗୋଟିଏ ସରଳ ପ୍ରଶ୍ନ ଅନେକଙ୍କ ମନକୁ ଆସୁଛି । ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଯୋଗର ଆଭିମୁଖ୍ୟ ମୃତ୍ୟୁ ଉପରେ ବିଜୟ । ଅଥଚ ସେହି ଯୋଗର ଉଭୟ ମହାନ୍ ତପସ୍ୱୀଙ୍କୁ ଦେହ ଛାଡ଼ିବାକୁ ପଡ଼ିଲା କାହିଁକି ?

ଏହି ସରଳ ପ୍ରଶ୍ନ ପଛରେ ରହିଛି ଶ୍ରୀଅରବିନ୍ଦଙ୍କ ଯୋଗକୁ ଅତି ସରଳ ଓ ସଂକ୍ଷିପ୍ତ ଭାବରେ ବୁଝିନେବାର ତୁଷ୍ଟି । ଗତାନୁଗତିକ ଅର୍ଥରେ ମୃତ୍ୟୁ ଉପରେ ବିଜୟ ପୂର୍ଣ୍ଣଯୋଗର ଆଭିମୁଖ୍ୟ ନୁହେଁ । ବିବର୍ତ୍ତନର ଏକ ଉଚ୍ଚ ସୋପାନକୁ ଏ ସୃଷ୍ଟିକୁ ନେଇଯିବା ଏହାର ଆଭିମୁଖ୍ୟ । ସେ ଉତ୍ତରଣ ହେବ ଅନ୍ଧକାର ଭିତରୁ ଆଲୋକକୁ, ଅଜ୍ଞାନ ଭିତରୁ ଜ୍ଞାନକୁ । ଅଜ୍ଞାନରହିଁ ଏକ ରୂପ ଓ ପରିଣତ ହେଲା ମୃତ୍ୟୁ । ବାରମ୍ବାର ମୃତ୍ୟୁ ଜରିଆରେ ଗୋଟାଏ ଅଜ୍ଞାନ ଜୀବନକୁ ବାତିଲ୍ କରି ଆମେ ଏକ ମହତ୍ତର ଜୀବନକୁ ପାଇବାକୁ ଚେଷ୍ଟା କରୁଛୁଁ, କିନ୍ତୁ ଯାହା ପାଉଛୁଁ, ତାହା ବି ସେହି ଅଜ୍ଞାନ ଜୀବନ । ଅତଏବ ଆମ ଅନ୍ତଃସତ୍ତା ପୁଣି ତାହାକୁ ବାତିଲ୍ କରୁଛି । (Death is a question Nature puts Continuously to Life and her reminder to it that it has not yet found itself. *– Sri Aurobindo)*

କିନ୍ତୁ ଏହା ଚିରକାଳ ଚାଲିବ ନାହିଁ । ଦିନେ ମଣିଷ ସତ୍ୟ ଜୀବନ, ଦିବ୍ୟ ଜୀବନର ଅଧିକାରୀ ହେବ, ମିଥ୍ୟା

ଓ ଅଜ୍ଞାନ କବଳରୁ ମୁକ୍ତ ହେବ । ଦୁଃଖ ଓ ଅଜ୍ଞାନର ପ୍ରତୀକ ଯେଉଁ ମୃତ୍ୟୁ ତା'ର ନିର୍ମମ, ଅନ୍ଧ ଏକନାୟକତ୍ୱରୁ ମଧ୍ୟ ସେତେବେଳେ ଆମେ ଉତ୍ତୀର୍ଣ୍ଣ ହେବୁ । ତାହା ସମୟସାପେକ୍ଷ କିନ୍ତୁ ଅନିବାର୍ଯ୍ୟ ।

ଅତଏବ ଅମରତ୍ୱ ବୋଇଲେ ବର୍ତ୍ତମାନ ଚେତନାରେ ଆମେ ଯାହା ବୁଝୁଁ, ତାହା ଶ୍ରୀଅରବିନ୍ଦଙ୍କ ଯୋଗର ଆଭିମୁଖ୍ୟ ନୁହେଁ । ବରଂ ଏହା କହିବା ଠିକ୍ ହେବ ଯେ ବିବର୍ତ୍ତନର ସେହି ଅନାଗତ ପର୍ଯ୍ୟାୟର ବହୁ ଲକ୍ଷଣ ଭିତରେ ଅମରତ୍ୱ ହେବ ଅନ୍ୟତମ ଲକ୍ଷଣ ।

ସେହି ଅନାଗତ ପର୍ଯ୍ୟାୟ ଶ୍ରୀଅରବିନ୍ଦଙ୍କ ଭାଷାରେ ଅତିମାନସ ପର୍ଯ୍ୟାୟ । ଅତିମାନସ ଏକ ଅବର୍ଣ୍ଣନୀୟ ଦିବ୍ୟଶକ୍ତି । ଏହି ଶକ୍ତି ଜଡ଼ ଜଗତ ଭିତରକୁ ଆଣି ତାକୁ ପ୍ରତିଷ୍ଠିତ କରିପାରିଲେ ଯେଉଁ ବ୍ୟାପାରଟି ସାଧିତ ହେବ ଶ୍ରୀଅରବିନ୍ଦଙ୍କ ଭାଷାରେ ତାହା ରୂପାନ୍ତର । ଅର୍ଥାତ୍ ଏବର ଅର୍ଦ୍ଧ-ପଶୁ ମାନବ ପରିଣତ ହେବ ଏକ ନୂତନ ମାନବରେ, ଦିବ୍ୟ-ମାନବରେ । ଜନ୍ମ ହୋଇ ନ ଖାଇ ନ ପିଇ ଦୁଃଖରେ ରହି ମରିବା ଯେମିତି ଜୀବନର ଶେଷ କଥା ନୁହେଁ, ଜନ୍ମ ହୋଇ ଖାଇ ପିଇ ସୁଖରେ ରହି ମରିବା ମଧ୍ୟ ସେମିତି ଜୀବନର ଶେଷ କଥା ନୁହେଁ । ଏକ ଭାସ୍ୱର ଜୀବନର ପ୍ରତିଶୃତି ନିହିତ ରିହିଛି ଆଜିର ଭଙ୍ଗୁର ଓ ବିକଳାଙ୍ଗ ଜୀବନ ଭିତରେ । ବର୍ତ୍ତମାନର ଦେହ ନୁହେଁ କି ତାହା ଶ୍ରେୟ ନୁହେଁ କି ସମ୍ଭବ ନୁହେଁ । ଦିନ ଆସିବ ଯେତେବେଳେ ଏକ ନୂଆଧରଣର ତନୁ ମୃତ୍ୟୁହୀନ ସତ୍ୟ ଚେତନାକୁ ଧାରଣ କରିବ ।

ଶ୍ରୀଅରବିନ୍ଦଙ୍କ ବାଣୀ ସେହି ଭବିତବ୍ୟ ସମ୍ପର୍କରେ ପୃଥିବୀକୁ ଅବହିତ କରି ଦେଇଛି । ଶ୍ରୀଅରବିନ୍ଦ ଓ ଶ୍ରୀମା ସେହି ପ୍ରତିଶୃତିକୁ କାର୍ଯ୍ୟକାରୀ କରିବା ଦିଗରେ ତପସ୍ୟା କରିଛନ୍ତି । ଅତିମାନସ ଶକ୍ତିର ଅବତରଣ ଓ ତାକୁ ନିଜ ସତ୍ତା ଓ କଳେବରରେ ଧାରଣ କରି ସତ୍ତା ଓ କଳେବରକୁ ରୂପାନ୍ତର କରିବା ଦିଗରେ ସେମାନେ କେତେଦୂର କ'ଣ କରିଛନ୍ତି, ସତକଥା କହିଲେ ସେକଥା କହିବାର ଯୋଗ୍ୟତା କାହାରି ନାହିଁ । ଯେଉଁ ମହତ୍ ସାଧକ ଓ ଯୋଗୀମାନେ ସେ ବିଷୟରେ କିଞ୍ଚିତ୍ ଜାଣିଥିବେ, ସେମାନେ ତାକୁ ପ୍ରକାଶ କରିବାକୁ ଭାଷା ପାଇବେ ନାହିଁ । ସେହି ଅଶ୍ରୁତପୂର୍ବ ଅଭିଜ୍ଞତାର ବର୍ଣ୍ଣନା ଦେବାକୁ ଗଲାବେଳେ ସ୍ୱୟଂ ଶ୍ରୀମା ମଧ୍ୟ ଆମର ବୋଧଗମ୍ୟ ଭାଷା ଯଥେଷ୍ଟ ସୂକ୍ଷ୍ମ ହୋଇ ନଥିବା ଯୋଗୁଁ ଅସୁବିଧା ଅନୁଭବ କରନ୍ତି ।

ଅତିମାନସ ଶକ୍ତିହିଁ ଆମର ଏଇ ଦୁର୍ବଳ, ମରଣଶୀଳ ତନୁକୁ ରୂପାନ୍ତର କରିପାରିବ; ପୁଣି ତନୁ ରୂପାନ୍ତରିତ ନ ହେଲେ ଅତିମାନସ ଶକ୍ତି ତହିଁ ଭିତରେ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏହି ପରସ୍ପର ବିରୋଧି ତଥା ପରସ୍ପର ସମନ୍ୱୟ-ସାପେକ୍ଷ ଜଟିଳ ପଟ୍ଟଭୂମିରେ ଶ୍ରୀଅରବିନ୍ଦ ଓ ଶ୍ରୀମା ତପସ୍ୟା କରିଛନ୍ତି ଏକ ସମୟରେ ସେ ଶକ୍ତିକୁ ଧାରଣ କରି ସତ୍ତାକୁ ତାହାଦ୍ୱାରା ଯଥା ସମ୍ଭବ ରୂପାନ୍ତର କରି ସେ ଶକ୍ତିର ଭବିଷ୍ୟତ କାର୍ଯ୍ୟକାରୀତା ଦିଗରେ ପଥ ପ୍ରସ୍ତୁତ କରିବା ନିମନ୍ତେ ।

ଶ୍ରୀଅରବିନ୍ଦଙ୍କ ସମାଧିରେ ତାଙ୍କ କଳେବରକୁ ଉଦ୍ଦେଶ୍ୟ କରି ଶ୍ରୀମା'ଙ୍କ ଯେଉଁ ବାଣୀ ଲିପିବଦ୍ଧ ରହିଛି, ସେଥିରେ ସେ ଦେହ କେତେ ତୀବ୍ର ସଂଗ୍ରାମ କରିଛି, କେତେ ତ୍ୟାଗ କରିଛି, ଭବିଷ୍ୟତରେ କିଭଳି ଅସମ୍ଭବ ସମ୍ଭବ ହେବାର ନିଶ୍ଚୟତା ରଖିଯାଇଛି, ତାହାର ସୂଚନା ଦିଆଯାଇଛି, ଶ୍ରୀମା'ଙ୍କ ଦେହ ପ୍ରତି ମଧ୍ୟ ଏକହିଁ କଥା ପ୍ରଯୁଜ୍ୟ । ତାଙ୍କ ଦେହ ସତ୍ତାରେ ସେ ଯେତିକି ସିଦ୍ଧି ଅର୍ଜନ କରିଛନ୍ତି, ସେଥିଦ୍ୱାରା ଲାଭବାନ୍ ହେବା ପାଇଁ ବର୍ତ୍ତମାନର ମଣିଷର ଯୋଗ୍ୟତା, ଅଧିକାର ଓ ଏପରିକି ଆସ୍ପୃହା ମଧ୍ୟ ବୋଧହୁଏ ଅତି ସାମାନ୍ୟ । କିନ୍ତୁ ସେ ସିଦ୍ଧି-ଉଦଭୂତ ଶକ୍ତି ବିଶ୍ୱ-ଚେତନାରେ କାର୍ଯ୍ୟକାରୀ ହୋଇ ଚାଲିଥିବ । ସେଥିରେ ଅନ୍ୟଥା ହେବା ଅସମ୍ଭବ ।

କେତେଦିନ ଲାଗିବ ? ଭବିଷ୍ୟତବାଣୀ ସମ୍ଭବ ନୁହେଁ । ଅଗଣିତ ନରନାରୀ ପୁରୁଷ ପୁରୁଷ ଧରି ମନ୍ଦିର, ଗୀର୍ଜା ଓ ମସଜିଦ୍‌କୁ ଯାଇଥିଲେ ବି, ବ୍ୟକ୍ତିଗତ ଭାବରେ ବହୁ ମଣିଷ ସତ୍ୟାଶ୍ରୟୀ ହୋଇଥିଲେ ବି ମଣିଷ ସଚେତନ ଭାବରେ ଭଗବାନଙ୍କ ଆଡ଼କୁ ମୁହାଁଇବାକୁ ଶହ ଶହ ବା ହଜାର ହଜାର ବର୍ଷ ଲାଗିଯାଇ ପାରେ ବୋଲି ଶ୍ରୀମା ଥରେ କହିଥିଲେ । ଅବଶ୍ୟ ପରେ ସେ ପୁଣି କହିଥିଲେ ଯେ ଏତେ ଦୀର୍ଘ ସମୟ ନ ଲାଗିପାରେ । (ଅତିମାନସ ଶକ୍ତିର କ୍ରିୟା ହୁଏତ ଏତେ ଦୀର୍ଘ ସମୟ ଲାଗିବାକୁ ଦେବନାହିଁ ।) ତେବେ ଶ୍ରୀଅରବିନ୍ଦ ଦେହ ତ୍ୟାଗ କରିବାର ଅନ୍ୟତମ କାରଣ ସତ୍ୟ ଦିଗରେ ମଣିଷର ଗ୍ରହଣଶୀଳତାର ଅଭାବ ବୋଲି ଶ୍ରୀମା କହିଥିଲେ । ଏକହିଁ କଥା ଶ୍ରୀମା'ଙ୍କ ଦେହ ତ୍ୟାଗ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ବୋଲି କହି ହେବ ନାହିଁ । ମୋଟାମୋଟି ଭାବରେ, ଆମେମାନେ ଏପର୍ଯ୍ୟନ୍ତ ଆମ ଗତାନୁଗତିକ ଜୀବନଯାତ୍ରାକୁ ନେଇ ସନ୍ତୁଷ୍ଟ । ଯୁଦ୍ଧ, ଧ୍ୱଂସ,

ତଥାକଥିତ ବିଜୟ, ବ୍ୟକ୍ତିଗତ ସାଫଲ୍ୟ, ମୂଲ୍ୟହୀନ ଅଭିଳାଷ ଏଇସବୁକୁ ନେଇ ଆମେ ମୁଗ୍ଧ । ଶ୍ରୀମା'ଙ୍କ ପରମ ସତ୍ୟ ଚେତନା ଯେ ଆଜିଯାଏ ଦେହ ଧରି ଆମ ଭିତରେ ରହିଥିଲା, ଏହାହିଁ ପ୍ରଚଣ୍ଡ ବିସ୍ମୟ ।

ସେ ଯାହା ହେଉ, ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆବିର୍ଭାବ ପରେ ପୃଥିବୀ ଆଉ ସେହି ପୁରୁଣା ପୃଥିବୀ ହୋଇ ରହିନାହିଁ । ଆମେ ଯେତେ ସଂସ୍କାର-ସର୍ବସ୍ୱ, ଅବୋଧ ହେଲେ ବି ସେମାନଙ୍କ ଆନୀତ ଆଲୋକ ପ୍ରତି ପୁରାପୁରି ଅନ୍ଧ ହୋଇ ରହିପାରିବୁ ନାହିଁ । ଧିରେ ଧିରେ ତା'ର ନିଜସ୍ୱ ଧର୍ମ ଅନୁସାରେ ସେ ଆଲୋକ ଆମ ଚେତନାରେ ସ୍ଥାନ କରିନେବ ।

## ଦୁଇ

ଆଜିକୁ ଦଶବର୍ଷରୁ କିଛି ଅଧିକ କାଳ ତଳେ, ୧୯୬୩ ମସିହାର ଫେବୃୟାରୀ ୨୧ ତାରିଖ ଦିନ ସୂର୍ଯ୍ୟାସ୍ତର ସମସାମୟିକ ଶ୍ରୀମା'ଙ୍କ ପ୍ରଥମ ଦର୍ଶନ ଲାଭ କରିଥିଲି- ଶ୍ରୀଅରବିନ୍ଦ ଆଶ୍ରମର ପୂର୍ବ ପ୍ରାନ୍ତସ୍ଥ ପଥ ଉପରେ ଠିଆ ହୋଇ ତ୍ରିତଳର ଟେରାସ୍‌ରୁ । କୌଣସି ଅତିରଞ୍ଜନର ଭୟ ବିନା ଏତକ କହିପାରେ; ସେ କେତୋଟି ମୁହୂର୍ତ୍ତ ଥିଲା ପରମ ପୁଲକ ମିଶ୍ରିତ ବିସ୍ମୟର ମୁହୂର୍ତ୍ତ । ସେଦିନ ମୁଁ ଶ୍ରୀମା'ଙ୍କୁ ଦେଖିଥିଲି ଅଲୌକିକ ସୌନ୍ଦର୍ଯ୍ୟର ଉତ୍ସ ରୂପେ । ଏକ 'ମାନବିକ' ମୁଖମଣ୍ଡଳ ଭିତରୁ ଏଭଳି ଦିବ୍ୟ ସୌନ୍ଦର୍ଯ୍ୟ ବିକିରୀତ ହୋଇପାରେ, ତାହା ପ୍ରତ୍ୟକ୍ଷ ଭାବରେ ଅନୁଭବ କରି ନଥିଲେ ମୁଁ କସ୍ମିନ୍‌କାଳେ କଳ୍ପନା କରିପାରି ନଥାନ୍ତି ।

ମୋର ଅତି ସାଧାରଣ ଜୀବନର ସେଇ ପରମ ମୁହୂର୍ତ୍ତଟିରେ ମୁଁ ଅନୁଭବ କଲି- ନିର୍ଭୁଲ ନିଶ୍ଚିତ ଅନୁଭବ- ଶ୍ରୀମା ଦିବ୍ୟ ଜନନୀ ।

ଏହି ଏକାନ୍ତ ବ୍ୟକ୍ତିଗତ ଅନୁଭୂତି ଟିକକ ଏଠାରେ ନିଃସଙ୍କୋଚରେ ବ୍ୟକ୍ତ କରିବାର ଏକ ବିଶେଷ ହେତୁ ଅଛି । ମୋର ମନ ଆଧ୍ୟାତ୍ମ-ଭାବ-ପ୍ରବଣ ମନ ନୁହେଁ, ଅବତାରକୁ ସ୍ୱୀକାର କରି ନେବାର ପ୍ରସ୍ତୁତି ମୋ ମନରେ ନଥିଲା । ତେଣୁ ଏ ଅନୁଭୂତି ମୋ କ୍ଷେତ୍ରରେ ଥିଲା ଏକ ବିପ୍ଳବ । କୌଣସି ଏକ Miracle ମୋ ଭିତରେ ସର୍ବୋତ୍ତମ Miracle ସଂଘଟିତ କରିଥିଲା । ପରବର୍ତ୍ତୀକାଳରେ ବୁଝିଥିଲି, ଏହାହିଁ ଦିବ୍ୟଶକ୍ତିର କାର୍ଯ୍ୟପ୍ରଣାଳୀ- ସ୍ୱାଭାବିକ ଓ ସ୍ୱତଃସ୍ଫୁର୍ତ୍ତ । ହଟଚମକ ଦେଖାଇ ଦିବ୍ୟଶକ୍ତି ନିଜର ବିଭୂତି ଜାହିର୍ କରେନା, ସାବଲୀଳ ଭାବରେ ସିଏ ହୃଦୟରେ ପରିସ୍ଫୁଟ କରାଏ ପ୍ରତୀତ ଓ ପ୍ରତିଶୃତି । ଅତିମାନସ ଶକ୍ତି ଭବିଷ୍ୟତରେ ଯେତେ ପରିବର୍ତ୍ତନ ରଚନା କରିବ, ସେସବୁ ହଟଚମକ ଧରଣର ହେବ ବୋଲି ଆଶା କରିବା ଠିକ୍ ନୁହେଁ । ସେସବୁ ହେବ ମହନୀୟ ଅଥଚ ସ୍ୱାଭାବିକ । ତେବେ ମଣିଷ ନିଜକୁ ଯେତିକି ମାତ୍ରାରେ ପ୍ରସ୍ତୁତ କରିବ, ସେ ସେତେ ଅଧିକ ମାତ୍ରାରେ ଅନୁଭବ କରିବ ସେ ଶକ୍ତିର ଆଭ୍ୟନ୍ତରୀଣ... ....

ଏକ ଦଶନ୍ଧିରୁ ଅଧିକ କାଳ ବିତିଗଲାଣି । ସେ ପ୍ରତୀତି ମ୍ଳାନ ହେବା ପରିବର୍ତ୍ତେ ଉଜ୍ଜ୍ୱଳତର ହୋଇଛି ।

ଶ୍ରୀଅରବିନ୍ଦ ଆଶ୍ରମ ଏକ ଅନନ୍ୟ ସ୍ଥାନ, ଏକ ବିଚିତ୍ର ଚେତନା ସଙ୍ଗମ । କେତେ ପରମ୍ପରା, କେତେ ମାନସିକ ଗଠନ, କେତେ ଧରଣର ମଣିଷ । ଅଭ୍ୟାସ ଓ ସଂସ୍କାରରେ କିଏ ବୈରାଗୀ, କିଏ ବ୍ୟବସାୟୀ; ଆଚାର ବିଚାର ଓ ସଂସ୍କୃତିରେ କିଏ ଘନ ଭାରତୀୟ, କିଏ ଗୋଟିପଣ ୟୁରୋପୀୟ; ଐତିହ୍ୟରେ କିଏ ହିନ୍ଦୁ, କିଏ ଖ୍ରୀଷ୍ଟଆନ୍; ଶିକ୍ଷା ଦୃଷ୍ଟିରୁ କିଏ ପ୍ରବୀଣ ପଣ୍ଡିତ, କିଏ ନିରକ୍ଷର; କିଏ ତିକ୍ଷ୍ଣଧୀ, କିଏ ଗୋଜାତୀୟ; କିଏ ଧନୀକ ପରିବାର ସମ୍ଭୂତ, କିଏ ସର୍ବହରା; ରଚିବୋଧ ଓ ଶାଳୀନତାରେ କିଏ ଏକାନ୍ତ ସମ୍ଭ୍ରାନ୍ତ, କିଏ ବା ସାହିତ୍ୟ-ସଂଗୀତ-କଳା-ବିହୀନ । କିନ୍ତୁ ସବୁ ସ୍ୱାତନ୍ତ୍ର୍ୟବୋଧ, ସବୁ ଅହଂ ଅବନତ ଯୋଡ଼ିଏ ଆଖି ଆଗରେ । ମର୍ମସ୍ଥଳ ଭେଦ କରି ସେ ଆଖି ଆମକୁ ଦେଖେ, କିନ୍ତୁ ସଙ୍କୋଚ ବା ଭୟ ପରିବର୍ତ୍ତେ ଦିଏ ସାନନ୍ଦ ବରାଭୟ । ପ୍ରାଜ୍ଞ ବା ମୂଢ଼, ଲାଞ୍ଛିତ ବା ତୃପ୍ତ, ସବୁରି ପାଇଁ ସେ ଆଖିର ଏକ ବିଶେଷ ବାଣୀ ଥିଲା । ସାଫଲ୍ୟରେ ଉନ୍ମତ୍ତ, ଶକ୍ତିରେ ଉଦ୍ଧତକୁ ସେ ଆଖି ଯେପରି ସ୍ନିଗ୍ଧ ଭାବରେ ହେଜାଇ ଦେଉଥିଲା ଯେ ସେ ସାଫଲ୍ୟ ଓ ଶକ୍ତି ଉନ୍ମତ୍ତତା ଓ ଔଦ୍ଧତ୍ୟ ପାଇଁ ଉଦ୍ଦିଷ୍ଟ ନୁହେଁ, ପ୍ରତାରିତ ଓ ଅଭିଶପ୍ତକୁ ସେ ଆଖି ସେହିପରି କହି ଦେଉଥିଲା, ଅବଶେଷରେ ଯେତେବେଳେ ମୋ ପାଖକୁ ଆସିଛୁ, ଏଥର ନିଶ୍ଚିନ୍ତ ରହିବାକୁ ଚେଷ୍ଟା କର; ମୁଁ ତୋତେ ବଞ୍ଚିତ କରି ନ ପାରେ ।

ଦଶବର୍ଷ ଭିତରେ ବାରମ୍ବାର ମନେ ହୋଇଛି, ଏଡ଼େ ପ୍ରଖର ଅଥଚ ସ୍ନିଗ୍ଧ ସତ୍ୟର ଏଡ଼େ ନିକଟରେ ରହିବାର ଅଧିକାର ମୋର ନାହିଁ । ସସମ୍ମାନେ ଦୂରରେ ରହିବା ଉଚିତ୍ । ଜୀବନକୁ ଯେଉଁ ଭଳି ମହାନ ଭାବରେ ନିୟୋଜିତ କରିବାରେ ସ୍ୱର୍ଗୀୟ, ନିର୍ଭୟ ସୁଯୋଗ ଶ୍ରୀମା ଦେଇଛନ୍ତି,

ସେ ସୁଯୋଗର କିୟଦଂଶ ଗ୍ରହଣ କରିବାର ଯୋଗ୍ୟତା ନାହିଁ ବୋଲି ଅନୁଭବ କରି ଏକ ପ୍ରକାର ବିମର୍ଷତାରେ ପୀଡ଼ିତ ହୋଇଛି । କିନ୍ତୁ ତାଙ୍କ ଆଶ୍ରୟ ଛାଡ଼ି ଯାଇନାହିଁ, କାରଣ ଶ୍ରୀମା କେବଳ ଗୁରୁ, ଅବତାର ନୁହନ୍ତି, ସେ 'ମା' । ଜୀବନରେ ମୁହୂର୍ତ୍ତକ ପାଇଁ ମଧ୍ୟ ଯାହାକୁ ସେ ଦେଖିଛନ୍ତି, ତା' ପାଇଁ ନିଜକୁ ଦାୟୀ ମନେ କରିଛନ୍ତି- ଏଡ଼େ ଅମାପ କରୁଣାମୟୀ ମା' ସିଏ ।

ଆମେ ଅଯୋଗ୍ୟତା, କୃତଘ୍ନତାକୁ ସହ୍ୟ କରିନେବାର ଓ ବିମଳ ହସ ହସି କ୍ଷମା କରିବାର ଅପରିସୀମ ଶକ୍ତିକୁ ଥରେ ଜାଣିଲେ ହୃଦୟରେ ଯେଉଁ ସାର୍ଥକତା ବୋଧ ଆସେ, ସେ ବୋଧର ତୁଳନା ନାହିଁ । ସବୁ ଐଶ୍ୱର୍ଯ୍ୟ, ସବୁ ଜ୍ଞାନ, ସବୁ ପ୍ରତିଭାର ଗର୍ବ ତା' ଆଗରେ ହାସ୍ୟକାର ଭାବରେ ତୁଚ୍ଛ ।

ଶ୍ରୀମା ଥିଲେ ଦିବ୍ୟ ଜନନୀଙ୍କର ଅବତାର । ଦିବ୍ୟଜନନୀଙ୍କ ପାଖରୁ ଯୁଗେ ଯୁଗେ ଶୋକାର୍ତ୍ତ ମଣିଷ ଯେଉଁ ଆଶ୍ୱାସନା ଓ ସହାୟତା ସକାଶେ ପ୍ରାର୍ଥନା କରେ, ସେସବୁ ସେ ଦେଇଛନ୍ତି ଓ ଦେଉଥିବେ । ଏଇ ନିର୍ଦ୍ଦିଷ୍ଟ ଅବତାରରେ ତାଙ୍କର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଥିଲା- ଅତିମାନସ ରୂପାନ୍ତର ପାଇଁ ପଥ ଦେଖାଇବା । ତାହା ସେ ଦେଖାଇଛନ୍ତି ଓ ତାଙ୍କ ପ୍ରବର୍ତ୍ତିତ ଶକ୍ତି ସେ କାର୍ଯ୍ୟ ଅବ୍ୟାହତ ରଖିବ ।

ଶ୍ରୀମା ମମତାର ହିମବନ୍ତ, କରୁଣାର ଦିଗନ୍ତ । ସେଇ ଦିଗନ୍ତରେ ଦିନେ ହେବ ରୂପାନ୍ତରିତ ନବ ଜୀବନର ସୂର୍ଯ୍ୟୋଦୟ ।

(ଶ୍ରୀମା'ଙ୍କ ମହାପ୍ରୟାଣ ପରେ ୧୯୭୩ ମସିହାରେ ଲିଖିତ)

# ମାତୃଭବନ

**ଶ୍ରୀମତୀ ନିରୁପମା ନାୟକ**

ମାତୃଭବନ ମାତୃଭବନ
ମାତୃଭବନ ଆମ
ଦିବ୍ୟ ଜନନୀଙ୍କ ଦିବ୍ୟ ଜୀବନର
ନୂତନ ସରଗଧାମ । -୧-

କରିଥିଲ ତୁମେ କେତେ ଯେ ତପସ୍ୟା
କରିଥିଲ କେତେ ପୂଣ୍ୟ
ପ୍ରଭୁଙ୍କ ଦେହାଂଶ କୋଳେ ଧରି କରି
ହୋଇଅଛ ତୁମେ ଧନ୍ୟ । -୨-

କେତେ ସାଧକଙ୍କ ଚରଣ ଧୂଳିରେ
ତୁମ କୋଳ ହୁଏ ପୂର୍ଣ୍ଣ
ତୁମରି ମାଟିରେ ପାଦ ଦେଉ ଦେଉ
ପୁଲକିତ ହୁଏ ପ୍ରାଣ । -୩-

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଯୋଗର
ପବିତ୍ର ସାଧନାପୀଠ
ପୂର୍ଣ୍ଣାଙ୍ଗ ଶିକ୍ଷାର ଗବେଷଣାଗାର
ଦେଖାଇଛ ନୂଆ ବାଟ । -୪-

କେତେ ସମ୍ମିଳନୀ କେତେ ଯେ ଶିବିର
ହୋଇଛ ତୁମରି ବକ୍ଷେ
କେତେ ଯେ ଦିବସ କେତେ ଯେ ରଜନୀ
ଯାପିଛି ତୁମରି କକ୍ଷେ । -୫-

ସାରା ଓଡ଼ିଶାର ମାତୃକର୍ମୀଙ୍କର
ହୋଇଛ ଆବାସ ସ୍ଥଳ
ମା'ଙ୍କର ଘରେ ସବୁରି ଆଶ୍ରୟ
ନାହିଁ ବଡ଼ ସାନ କା'ର । -୬-

ତୁମେ ଯେ ଶାଶ୍ୱତ ତୁମେ ଚିରନ୍ତନ
ତୁମେ ଅଟ ଅନୁପମ
ଯୁଗ ଯୁଗ ପାଇଁ ତୁମରି କଣ୍ଠରୁ
ଶୁଭୁଥାଉ ମାତୃନାମ । -୭-
।

# ଦୁଇଟି କବିତା

ଶ୍ରୀ ନାରାୟଣ ବୀରବର ସାମନ୍ତ

## (୧)

ବିରାଜିତ ନିତ୍ୟ ତୁମ୍ଭେ    ହେ ପ୍ରାଣ ବଲ୍ଲଭ    ଏ ଜୀବନ ତନ୍ତ୍ରେ
ପବିତ୍ରି ଦେଉଛି ମୋର    ଅନନ୍ତ ପାତକ    କି ମଙ୍ଗଲ ମନ୍ତ୍ରେ
ଘୋର ଶୋକେ ଅଭିଭୂତ    ଯେବେ ପ୍ରିୟସଖା    କି ପ୍ରସାଦ ମୋର
ଫୁଟାଇ ଦେଇଛ ହାସ    ସ୍ନିଗ୍ଧ ରେଖାଟିକ    ଛେଦି ଦୁଃଖ ଘୋର ।
ପାଷାଣ ହୃଦୟ ଆହା    ତରଳ ତରଙ୍ଗେ    ଭାସିଯାଏ ଧାଇଁ
କାହା କୃପା ପାରାବାର    ଆକର୍ଷଣ ଲଭି    କା’ ଶ୍ରୀମୁଖ ଚାହିଁ
ନିବିଡ଼ ତିମିର ଘଟା    ରଜନୀ ନିରେଖି    ଆକୁଳ ନୟନେ
ଭରି ଦିଅ ଧୀରେ ଧୀରେ    ଭୁଲାଇ ହେ କେଉଁ    ଶିଥିଳ ଶୟନେ
ଅବା କୋଟି ତାରା ଚନ୍ଦ୍ରେ    ବିଚିତ୍ର ରୀତିରେ    ମଣ୍ଡାଇ ଗଗନ
ସୁପ୍ତିହୀନ ପ୍ରାଣେ ଦିଅ    ଅନନ୍ତ ଭାବର    ପ୍ରେମ ଆଲିଙ୍ଗନ
ନୈରାଶ୍ୟର ଝଞ୍ଜାଯେବେ    ପ୍ରବଲ ବେଗେ ହେ    ବହେ ହୃଦ ଦେଶେ
ଆଚମ୍ବିତେ ବରଷାଇ    ସ୍ନିଗ୍ଧ ଆଶାବାରି    ତୋଷ ଅବଶେଷେ
ସଂସାର ଅନନ୍ତ ମରୁ    ଭ୍ରମି ଭ୍ରମି କ୍ଲିଷ୍ଟ    ବ୍ୟର୍ଥ ମନୋରଥ
ପଥିକକୁ ପେଷିଦିଅ    ଦେଖାଇ ମରଣ    ଶାନ୍ତିମୟ ପଥ
ଛିନ୍ନ କରି ମୋହଜାଲ    ଅନିତ୍ୟ ଜଞ୍ଜାଲେ    ନିତ୍ୟ ସଖା ତୁମ୍ଭେ
ଏକା ସହଯାତ୍ରୀ ମୋର    ସେହି ବଡ଼ଦାଣ୍ଡେ    ଚଲାଇବ ଶୁଭେ
ସେ ଉନ୍ମୁକ୍ତ ମହାପଥ    ମୋତେ ଦେଖାଇ ହେ    ଦିଅ ପ୍ରାଣ ଭିକ୍ଷା
ଆସ ଚିତ୍ତ ଚିନ୍ତାମଣି    ଦିଅ ମୋତେ ଶିକ୍ଷା    ମୃତ୍ୟୁ ମୁକ୍ତି ଦୀକ୍ଷା
।

*With Best Compliments From* :

M/s. Kanpur Chappal

Ranihat, Cuttack

## ( ୨ )

ନିଦ୍ରା ଭାଙ୍ଗି ଦେଲା
ସ୍ୱପ୍ନ ଭାଙ୍ଗି ଦେଲା
ସେ ଦିନର ଡାକ ଅତର୍କିତ
କାତରରେ ଥର ଥର ବିହ୍ୱଳ କଲା ଅନ୍ତର
ଦୀର୍ଘଶ୍ୱାସ ତରତର ହୋଇ ତ ଗଲା ମନ୍ଥର
ଅର୍ଥହୀନ; ପଥ ଦିଶିଗଲା ଆଚମ୍ବିତ । – ୧ –
ଦୁଃଖ ନିରାଶାର କଥା ଯେତେ ଯେତେ ପୀଡ଼ା ବ୍ୟଥା
ବାଧାବିଘ୍ନ ଆଦି ପ୍ରଥା ଏଡ଼ି ହୋଇଗଲା ସତ୍ତା
ଯଥାଯଥ କେନ୍ଦ୍ର ହେଲା ନନ୍ଦିତ ମନ୍ଦ୍ରିତ । – ୨ –
ଇନ୍ଦ୍ରିୟ ଯୁଥ ଅବଶ ତତକ୍ଷଣେ ହେଲେ ବଶ
କି ମଧୁର ହସ ସହ ଲାବଣ୍ୟ ଲଳିତ ରସ
ଧ୍ୱଂସ କଲା ଦ୍ୱିଧା ଆଦି ଅଂଶ ଅନିଶ୍ଚିତ । –୩–
କେଉଁ ପାରିଜାତ ଗନ୍ଧେ ପରିମଳ ମନ୍ଦେ ମନ୍ଦେ
ରନ୍ଧ୍ରେ ରନ୍ଧ୍ରେ ଛନ୍ଦେ ଛନ୍ଦେ ଅଟକି ରହିଲା ବନ୍ଧେ
ଆହା ଆହା ତାହା ସିନା ଏକା ଆଶାତୀତ । –୪–
ପୁଲକିତ କରି ଅଙ୍ଗ ତରଙ୍ଗିଲା ଯେଉଁ ରଙ୍ଗ
ଲାଭ ହେଲା ଯେଉଁ ସଙ୍ଗ ଜନ୍ମ ମୃତ୍ୟୁ କରି ଭଙ୍ଗ
ଅସଙ୍ଗତେ କୃପାରସେ ସଙ୍ଗତ ଇଙ୍ଗିତ । –୫–
ବିଦାରୀ ବଜ୍ର ଅର୍ଗଳ କଳକଣ୍ଠ ଅନର୍ଗଳ
ବାଣୀ ଶୁଣି ଅଶ୍ରୁଜଳ ଅସରନ୍ତା ଛଳ ଛଳ
ବହିଗଲା ହୋଇ ଜନ୍ମ ପାଇଁ ଅବାରିତ । –୬–
ଦେଖାଗଲା ଯେଉଁ ଠାଣୀ ଶୁଣାଗଲା ଯେଉଁ ବାଣୀ
ଛାର ଏ ନିର୍ମାଖୀ ପ୍ରାଣୀ ଅଜଣା ହେଲା ତ ଜାଣି
ପଲକରେ ହେଲା ସିନା ସବୁ ବିପରୀତ । –୭–

(୨୧ ଫେବୃୟାରୀ ୧୯୬୧ ନବଜ୍ୟୋତିରୁ ସଂଗୃହୀତ)

।

*With Best Compliments From* :

**M/s. ORISSA ELECTRIC CORPORATION**

**Buxi Bazar, Cuttack**

# ଅବତାରଙ୍କ କାମରେ ଅଂଶଗ୍ରହଣର ସୁଯୋଗ

**ଶ୍ରୀ ବିଶ୍ୱମ୍ଭର ସାମନ୍ତ**

ଯଦି କେହି କୁହେ ଯେ ଆମେ ସମସ୍ତେ ସବୁବେଳେ ଭଗବାନଙ୍କ କାମ ହିଁ କରିଚାଲିଛୁ ତେବେ ସେଥିରେ କିଛି ଭୁଲ ନାହିଁ । କାରଣ ଭଗବାନ ହିଁ ଏକମାତ୍ର ସତ୍ୟ, ତାଙ୍କ ଛଡ଼ା ଅନ୍ୟ କିଛିର ଅସ୍ତିତ୍ୱ ନାହିଁ ବା ରହି ନପାରେ । ସମଗ୍ର ବିଶ୍ୱସୃଷ୍ଟି, ତାହାର ସମସ୍ତ ବସ୍ତୁ, ସମସ୍ତ ଉଦ୍ଭିଦ ଓ ପ୍ରାଣୀ ଜୀବନ, ସମସ୍ତ ଚେତନା, ନାନା ସ୍ତର ଓ କ୍ରମ ବିନ୍ୟାସ ଭିତର ଦେଇ କେବଳ ଭଗବାନଙ୍କର ହିଁ ପ୍ରକାଶ । ସେହି ଏକ ଓ ଅଦ୍ୱିତୀୟ ପରମ ଦିବ୍ୟଚେତନା ନିଜକୁ ନାନା ରୂପ, ନାନା ଆକାର ପ୍ରକାର ଦେଇ, ନାନା ବେଶ ପୋଷାକ ପିନ୍ଧି, ସୃଷ୍ଟି ଲୀଳାର ରଙ୍ଗମଞ୍ଚରେ ନିତ୍ୟ ନିରନ୍ତର ଏପରି ଏକ ନାଟକର ଅଭିନୟ କରିଚାଲିଛନ୍ତି, ଯାହାର କୌଣସି ଆରମ୍ଭ ନାହିଁ କି ଶେଷ ନାହିଁ । ସେହି ପରମ ଦିବ୍ୟ ଚେତନା ହିଁ ସ୍ୱୟଂ ନାଟ୍ୟକାର, ପୁଣି ନାଟକ, ସେ ହିଁ ରଙ୍ଗମଞ୍ଚ ତଥା ତାହାର ନାନା ବିୟୋଗାନ୍ତକ ଓ ମିଳନାନ୍ତକ ଦୃଶ୍ୟ, ସେହି ଉଭୟ ନାୟକ ଓ ଖଳ ନାୟକ । ସେ ହିଁ ପୁଣି ସେହି ନାଟକର ଦେଖଣାହାରୀ । ଯେହେତୁ ଆମେ ସମସ୍ତେ ସେହି ନାଟକର କିଛି ନା କିଛି ଅଂଶ ବିଶେଷ ତେଣୁ ଆମେ ସମସ୍ତେ ସବୁବେଳେ ଭଗବାନଙ୍କ କାମରେ ଭାଗ ନେଇ ଚାଲିଛୁ, ତାଙ୍କର କାମ ହିଁ କରିଚାଲିଛୁ । ଅନ୍ୟକଥାରେ ବିଶ୍ୱ ପ୍ରକୃତି ଆମକୁ ସୃଷ୍ଟି କରି ଆମରି ଭିତର ଦେଇ ଭଗବାନଙ୍କ କାମ କରି ଚାଲିଛି । ଏହି ସୃଷ୍ଟି ଲୀଳାକୁ କୁହାଯାଏ ବିଶ୍ୱ ପ୍ରକୃତିର ଯୋଗ, ଯାହାର ଲକ୍ଷ୍ୟ ହେଉଛି ସମ୍ପୂର୍ଣ୍ଣ ଅଜ୍ଞାନ, ନିଶ୍ଚେତନ, ଜଡ଼ମୟ ଚେତନାକୁ ବିବର୍ତ୍ତନ ଓ କ୍ରମ ବିକାଶ ଭିତର ଦେଇ ଦିବ୍ୟ ଭଗବତ ଚେତନାରେ ରୂପାନ୍ତରିତ କରିବା ।

ଆମେ ନିତ୍ୟ ନିରନ୍ତର ଭଗବାନଙ୍କ କାମରେ ଅଂଶଗ୍ରହଣ କରି ଚାଲିଥିଲେ ମଧ୍ୟ ଅବତାରଙ୍କ କାମରେ ଅଂଶ ଗ୍ରହଣ କରିବାର ସୁଯୋଗ କଦବା କ୍ୱଚିତ ଆସେ, ଯେତେବେଳେ ପରମ ଭଗବତ୍ ଚେତନା ଏକ ଦେହ ଧରି ଅବତାର ରୂପରେ ପ୍ରକଟିତ ହୁଅନ୍ତି । ବିଶ୍ୱସୃଷ୍ଟିର ପରମ ଅଧୀଶ୍ୱର, ସ୍ୱୟଂ ବିଶ୍ୱସୃଷ୍ଟିର ଆକାର ନେଇ ବିଶ୍ୱଲୀଳାରେ ଲିପ୍ତ ରହିଥିଲେ ମଧ୍ୟ ସେ ସର୍ବଦା ଏହାର ଊର୍ଦ୍ଧ୍ୱ ଓ ଅତୀତ ହୋଇ, ଏହାକୁ ଅତିକ୍ରମ କରି ରହିଛନ୍ତି; ଏ ସମସ୍ତର ପରମପ୍ରଭୁ ରୂପେ ଏହି ସୃଷ୍ଟି କ୍ରିୟାକୁ ସତତ ପର୍ଯ୍ୟବେକ୍ଷଣ କରୁଛନ୍ତି । ଯେତେବେଳେ ସେ ଅନୁଭବ କରନ୍ତି ଯେ ସେହି ସମୟ ଉପସ୍ଥିତ ଯେତେବେଳେ କି ପୃଥିବୀ ପୃଷ୍ଠରେ ଚେତନାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବାକୁ ହେବ, ସମ୍ଭାବନାର ନୂତନ ଦ୍ୱାର ସବୁକୁ ଖୋଲି ଦେବାକୁ ହେବ, ସେତେବେଳେ ଅବତାର ରୂପ ନେଇ ସେ ହସ୍ତକ୍ଷେପ କରନ୍ତି । ଭଗବାନଙ୍କର ଅବତାର ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ହେଲା ଚେତନାର ଏକ ନୂତନ ଗୁଣାତ୍ମକ ବିକାଶକୁ ପୃଥିବୀ ପୃଷ୍ଠରେ ରୂପ ଦେଇ, ବାସ୍ତବ ଓ ସାର୍ଥକ କରି ଗଢ଼ି ତୋଳିବା । ସେତେବେଳେ ସେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି ଓ ସର୍ବୋଚ୍ଚ ଦିବ୍ୟ ଭଗବତ୍ ଚେତନାର, ସର୍ବନିମ୍ନ ଜଡ଼ ଚେତନା ସହ ଏକ ସଂଯୋଗ ଆପେ ଆପେ ସ୍ଥାପିତ ହୋଇଥାଏ ଏବଂ ସେହି ଦିବ୍ୟ ସଂଯୋଗ ସେତୁର ମୂର୍ତ୍ତିମତୀ ରୂପ ନେଇ ଦେହ ଧରି ଅବତୀର୍ଣ୍ଣ ହୋଇଥାଆନ୍ତି । ଭଗବାନଙ୍କ ପରାଶକ୍ତି ସ୍ୱୟଂ ଭଗବତୀ ଦିବ୍ୟଜନନୀ । ସାରା ପୃଥିବୀ ପାଇଁ, ତାହାର ଶ୍ରେଷ୍ଠ ଜୀବ ସମଗ୍ର ମାନବ ସମାଜପାଇଁ ଏକ ନୂତନ ଚେତନାରେ ନବଜନ୍ମ ଲାଭ କରିବାର ସୁଯୋଗ ଆସି ଉପସ୍ଥିତ ହୁଏ । ମନର ଚେତନା ସ୍ଥାନରେ ତା'ର ବହୁ ଊର୍ଦ୍ଧ୍ୱରେ ରହିଥିବା ଅତିମାନସ ଚେତନାକୁ ପୃଥିବୀ ପୃଷ୍ଠରେ ଅବତରଣ କରାଇ ଆଣି ତାହାକୁ ଏଠାରେ ବାସ୍ତବ ଓ କାର୍ଯ୍ୟକାରୀ ରୂପ ଦେବା ହିଁ ଥିଲା ଅବତାର ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ କାମ । ମା'ଙ୍କ କଥାନୁସାରେ ପୃଥିବୀର ଲୋକମାନେ ଆଦୌ କିଛି ଜାଣନ୍ତୁ ବା ନ ଜାଣନ୍ତୁ ଯେଉଁ କାମଟି ପାଇଁ ଅବତାର ଆସିଥାଆନ୍ତି, ସେ ଏପରିକି ଗୋଟିଏ କକ୍ଷରେ ଆବଦ୍ଧ ହୋଇ ରହୁଥିଲେ ମଧ୍ୟ ସେହି କାମଟିକୁ ସମ୍ପନ୍ନ କରିଥାଆନ୍ତି । ଅବତାର ତାଙ୍କ

କାମ ସମ୍ପନ୍ନ କରିଯାଇଛନ୍ତି । ଅତିମାନସ ଅବତରଣ କରି ପୃଥିବୀପୃଷ୍ଠରେ ନିତ୍ୟ ନିରନ୍ତର କ୍ରିୟା କରିଚାଲିଛି । ତାହାର କ୍ରିୟାରେ ବାଧା ଦେଇ, ତାହାର ବିଜୟକୁ ପ୍ରତିହତ କରିବାପାଇଁ ନିମ୍ନତର ଚେତନା ଓ ବିରୋଧୀଶକ୍ତି ଗୁଡ଼ିକ ଯେତେ ଭୟାବହ ରୂପେ ସକ୍ରିୟ ହୋଇ ଉଠିଲେ ମଧ୍ୟ ସର୍ବଜୟୀ ଅତିମାନସ ଶକ୍ତିର ଦିବ୍ୟକ୍ରିୟା ଅପ୍ରତିହତ ଏବଂ ତା'ର ବିଜୟ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ।

ଦିବ୍ୟ ଅତିମାନସ ଶକ୍ତିର ବିଜୟ ଅଭିଯାନ-ଅବତାରଙ୍କ ଏହି କାମରେ ଅଂଶଗ୍ରହଣ କରିବା ପାଇଁ ଆମ ଆଗରେ ଯେଉଁ ସୁଯୋଗ ଉପସ୍ଥିତ ହୋଇଛି, ବିପୁଳ ସମ୍ଭାବନାପୂର୍ଣ୍ଣ ସେହି ସୁଯୋଗ ଓ ସମୟର ସଦ୍‌ବ୍ୟବହାର ପାଇଁ ଆମେ କେତେଦୂର ପ୍ରସ୍ତୁତ ହେଉଛେ ? ଶ୍ରୀଅରବିନ୍ଦଙ୍କ କଥାରେ "The inner fruit of the Avatar's coming is gained by those... who delivered from the lower nature, attain to the Divine being and Divine nature" ''ଅବତାରଙ୍କ ଆଗମନର ଅନ୍ତର୍ଫଳ ସେହିମାନେ ଲାଭ କରିବେ, ଯେଉଁମାନେ ନିମ୍ନ ପ୍ରକୃତିରୁ ମୁକ୍ତ ହୋଇ ଭଗବତ ସତ୍ତା ଓ ଭଗବତ ପ୍ରକୃତିରେ ଉତ୍ତୀର୍ଣ୍ଣ ହେବେ ।'' ଆମପାଇଁ ଭଗବତ୍ ସତ୍ତା ଓ ଭଗବତ ପ୍ରକୃତିରେ ଉତ୍ତୀର୍ଣ୍ଣ ହେବା ତ ପରର କଥା, ପ୍ରଥମେ ନିମ୍ନ ପ୍ରକୃତିର ବନ୍ଧନରୁ ମୁକ୍ତ ହେବାପାଇଁ ଆମେ କେତେ ଟିକେ ଯତ୍ନ ଓ ପ୍ରୟାସ କରୁଛୁ ? ଯେଉଁ ଅହଂ ଓ କାମନା ବାସନାକୁ ଆଶ୍ରୟ କରି ନିମ୍ନ ପ୍ରକୃତି ଆମ ଭିତରେ ତା'ର ଅଭେଦ୍ୟ ଦୂର୍ଗ ନିର୍ମାଣ କରିଛି ବା ଅନ୍ୟପକ୍ଷରେ ଯେଉଁ ନିମ୍ନ ପ୍ରକୃତିକୁ ଅବଲମ୍ବନ କରି ଅହଂ ତା'ର ଆସନ ଜମାଇ ବସିଛି ସେ ବିଷୟରେ ଆମେ ଆଦୌ ସଚେତ କି ? ଆମେ ମା'ଙ୍କୁ ପ୍ରାର୍ଥନା କରୁ ଆମ ଭିତରୁ କାମନା ବାସନାକୁ ଦୂର କରି ଦେବାପାଇଁ ନା ସେଗୁଡ଼ିକର ପରିପୂରଣ ପାଇଁ ? ନିଜର ଅହଂକୁ ବଜାୟ ରଖି ଜାହିର କରି ତାହାର ଦାବୀ ଗୁଡ଼ିକୁ ଅନ୍ୟ ଉପରେ ଲଦି ଦେବାପାଇଁ ଆମେ କେତେ ତତ୍ପର ହୋଇପଡୁ ? ଏସବୁ ବିଷୟରେ ଆମର ଆତ୍ମ ବିଶ୍ଳେଷଣର କୌଣସି ଆଗ୍ରହ ଅଛି କି ? ବିଶେଷକରି ଆଜିର ଭୋଗାଭିମୁଖୀ ସମାଜ ଓ ସଂସ୍କୃତି ଯେତେବେଳେ ନାନା ପ୍ରଲୋଭନ ଓ ଆକର୍ଷଣ ଦେଖାଇ ଆମକୁ ମୋହିତ କରୁଛି, ଭୋଗର କେତେ କେତେ ନୂଆ ଉପକରଣ ଓ ସାଜ ସରଞ୍ଜାମକୁ ଆମ ଆଗରେ ଆଣି ରଖୁଛି ଓ ସେଗୁଡ଼ିକର ଭୋଗ ପାଇଁ ଆମକୁ ପ୍ରବର୍ତ୍ତାଉଛି ସେତେବେଳେ ସମସ୍ତ ସଂଯମକୁ ଭୁଲିଯାଇ ଆମେ କେତେ ନିରବ ଭାବରେ ସେଗୁଡ଼ିକର ଶିକାର ନହେଉଛୁ ? ଭୋଗର ଆୟୋଜନ ପାଇଁ ଅର୍ଥ ସଂଗ୍ରହ କରିବାକୁ ଆମ ଭିତରେ କେତେ ଚିନ୍ତା, କେତେ ଆବେଗ ଓ ଉତ୍କଣ୍ଠା ? ଏସବୁ ଦିଗରେ ଆମର ଚିନ୍ତା କର୍ମଶକ୍ତି ଓ ପ୍ରାଣାବେଗ ଯେତିକି ଏକାଗ୍ର ହୁଏ ତା ତୁଳନାରେ ନିମ୍ନ ପ୍ରକୃତିର କବଳରୁ ମୁକ୍ତ ହେବାପାଇଁ ଓ ଚେତନାର ବିକାଶ ସାଧନା ପାଇଁ ଆମେ କେତେ ମନ ଦେଉ ? ଅଥଚ ସମସ୍ତ ଆଧ୍ୟାତ୍ମିକ ତତ୍ତ୍ୱଦର୍ଶୀମାନେ ଆମକୁ ଏକ ସ୍ୱରରେ କହିଯାଇଛନ୍ତି ଯେ ବହିର୍ମୁଖୀ ଚେତନାକୁ ଅନ୍ତର୍ମୁଖୀ କରିବା ହିଁ ହେଉଛି ସମସ୍ତ ସାଧନା ଓ ଚେତନା ବିକାଶର ମୂଳକଥା । ସମୟର ଅଧିକାଂଶ ଭାଗ ଯଦି ନିଜର ବିଷୟ ସମ୍ପଦ, ଯଶଖ୍ୟାତି ଓ କ୍ଷମତା ପ୍ରତିପତ୍ତି ବଢ଼ାଇବାରେ ବ୍ୟୟିତ ହୁଏ ତା'ହେଲେ ଚେତନା ଅନ୍ତର୍ମୁଖୀ ହେବ କିପରି ? ଏହି ସମସ୍ତ ବାହ୍ୟ ଜିନିଷ ଗୁଡ଼ିକର ପ୍ରାପ୍ତିକୁ ଯଦି ସାଫଲ୍ୟର ମାପକାଠି ବୋଲି ବିଚାର କରିବୁ ତେବେ ଅନ୍ତର୍ସତ୍ତାର ବିକାଶ ପାଇଁ ଚେତନାକୁ ଅନ୍ତର୍ମୁଖୀ କରିବାର ପ୍ରୟୋଜନ ଅନୁଭବ କରିବୁ କିପରି ଓ ସେଥିପାଇଁ ଆଗ୍ରହ ଓ ଉତ୍ସାହ ଆସିବ କେଉଁଠୁ ?

ବାହ୍ୟ ବସ୍ତୁ ଗୁଡ଼ିକର ଭୋଗ ଉପରେ ନିର୍ଭର କରୁଥିବା ଆନନ୍ଦ ଯେ ନିତାନ୍ତ କ୍ଷଣସ୍ଥାୟୀ ଏବଂ ସେହି ଆନନ୍ଦ ପାଇଁ ପ୍ରେରଣାର ଉତ୍ସ ଯେ ନିମ୍ନ ପ୍ରକୃତିରେ ରହିଛି, ଏହି ସାଧାରଣ ସତ୍ୟଟି ନବୁଝିଲା ଯାଏ ଆମେ ନିମ୍ନ ପ୍ରକୃତିର କବଳରୁ ମୁକ୍ତ ହେବା ପାଇଁ ପ୍ରୟାସ କରିବୁ କିପରି ? ଅନ୍ତର୍ଚେତନାର ଗଭୀରରୁ ଗଭୀରକୁ ବୁଡ଼ିଯାଇ ବା ଚେତନାର ଉର୍ଦ୍ଧ୍ୱତର ସ୍ତରସବୁକୁ ଉଠିଯାଇ ଭଗବତ୍ ଚେତନାର ସଂସ୍ପର୍ଶରେ ଆସିଲେ, ଯେଉଁ ଆନନ୍ଦ ମିଳେ, ତା' ତୁଳନାରେ ଏହି କ୍ଷଣସ୍ଥାୟୀ ପ୍ରାଣିକ ଭୋଗର ଆନନ୍ଦ ଯେ ନିତାନ୍ତ ତୁଚ୍ଛ ଓ ନିରସ, ଆମର ଏହି ସର୍ବନିମ୍ନ ଧାରଣା ଓ ପ୍ରତ୍ୟୟ ଆସିବା ଆବଶ୍ୟକ । ତା'ହେଲେ ଯାଇ ସେହି ଦିବ୍ୟ ଭଗବତ୍ ଚେତନାର ସଂସ୍ପର୍ଶରେ ଆସିବା ପାଇଁ ଆମେ ନିଜକୁ ଯୋଗ୍ୟ ଓ ପ୍ରସ୍ତୁତ କରି ଗଢ଼ିତୋଳିବୁ । ମୁଖ୍ୟତଃ ଅବତାରଙ୍କର କାମ ହେଉଛି ଚେତନାର ପରିବର୍ତ୍ତନର କାମ;

ଚେତନାର ଗତାନୁଗତିକ ସଂସ୍କାର, ପୁରାତନ ଅଭ୍ୟାସ ଓ ଗଠନଗୁଡ଼ିକୁ ଭାଙ୍ଗି ଦେଇ ତା' ସ୍ଥାନରେ ଚେତନାର ନୂତନ ବିନ୍ୟାସ ଓ ଗଠନକୁ ରୂପ ଦେବାପାଇଁ ହିଁ ତାଙ୍କର ଶକ୍ତି କ୍ରିୟା କରିଥାଏ । କିନ୍ତୁ ଆମେ ଯଦି ମନର ଚିରାଚରିତ ବିଚାର, ପ୍ରାଣ ଭୋଗଲିପ୍ସା ଓ କାମନା ବାସନା ପୂରଣର ସଂସ୍କାର ଓ ବଦ୍ଧମୂଳ ଅଭ୍ୟାସସବୁକୁ ଜାବୁଡ଼ି ଧରୁ, ତେବେ ନିମ୍ନ ପ୍ରକୃତିର କବଳରେ ଆବଦ୍ଧ ରହିବା ପାଇଁ ହିଁ ଆମେ ସମ୍ମତି ଦେଉଛୁ ବୋଲି ବୁଝିବାକୁ ହେବ ଏବଂ ତହିଁରୁ ମୁକ୍ତ ହୋଇ ବାହାରି ଆସିବାପାଇଁ ଅବତାରଙ୍କ ଆହ୍ୱାନର ଆମପାଇଁ କୌଣସି ଅର୍ଥ ରହିବ ନାହିଁ । ଅବତାରଙ୍କ ଆହ୍ୱାନ ପଛରେ ଯେଉଁ ମହାନ୍ ଶକ୍ତି କ୍ରିୟା କରୁଥାଏ, ଆମେ ତାହାକୁ ଗ୍ରହଣ କରିବାକୁ ଅସମର୍ଥ ହେବୁ ଏବଂ ଅବତାରଙ୍କ କାମରେ ଅଂଶଗ୍ରହଣ କରିବାର ସୁଯୋଗରୁ ବଞ୍ଚିତ ହେବୁ ।

ବିଶେଷକରି ଯେଉଁମାନେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ଅବତାର ବୋଲି ଗ୍ରହଣ କରିଛନ୍ତି, ସେମାନେ ଯଦି ନିଜ ନିମ୍ନପ୍ରକୃତିର ବନ୍ଦୀଗୃହରେ ଅଟକି ଯାଇ ଚେତନା ପରିବର୍ତ୍ତନ ପାଇଁ ଅବତାରଙ୍କ କାମରେ ଅଂଶଗ୍ରହଣର ସୁଯୋଗ ହରାଇ ବସନ୍ତି, ତା'ଠାରୁ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ ? ନିଜର ସତ୍ତା ଓ ପ୍ରକୃତିକୁ ଦିବ୍ୟତ୍ୱରେ ରୂପାନ୍ତରିତ କରିବା ଦିଗରେ ଆଗେଇ ଯିବା ପାଇଁ ଏପରି ସୁଯୋଗ ସହସ୍ର ସହସ୍ର ବର୍ଷରେ କେବେ ଥରେ ଆସେ, ଯେତେବେଳେ ସ୍ୱୟଂ ପରମ ଦିବ୍ୟଚେତନା ଅବତାର ରୂପରେ ପୃଥିବୀକୁ ଆସିଥାଆନ୍ତି । ସ୍ଥୂଳ ଭାବରେ ହେଉ ବା ସୂକ୍ଷ୍ମ ଭାବରେ ହେଉ ଆମେ ତାଙ୍କର ପ୍ରତ୍ୟକ୍ଷ ଉପସ୍ଥିତି ଓ ସାନ୍ନିଧ୍ୟର ସୁଯୋଗ ପାଇ, ତାଙ୍କର ଦିବ୍ୟବାର୍ତ୍ତା ଓ ଆହ୍ୱାନ ଶୁଣୁ, ତାଙ୍କ କୃପା ଓ ଶକ୍ତିର ସକ୍ରିୟ ସହାୟତା ଲାଭ କରୁ । ଆମ ତରଫରୁ ଆନ୍ତରିକ ସମର୍ପଣର ଭାବ ନେଇ, ଅବତାରଙ୍କର କାମରେ ଅଂଶଗ୍ରହଣ କରିବା ପାଇଁ ଦୃଢ଼ ସଙ୍କଳ୍ପ ଓ ଅଭିପ୍ସା ସହ ସେହି ଦିବ୍ୟକୃପା ଓ ଶକ୍ତି ପାଖରେ ନିଜକୁ ଖୋଲିଧରିବା ହିଁ ଆଜି ଆମ ଆଗରେ ଏକମାତ୍ର ପଥ ।

।

ସକଳ ସଂଶୟ ଓ ଅବସାଦ ସମୟରେ କହିବୁ, ''ମୁଁ ଭଗବାନଙ୍କର, ମୋର ଚେଷ୍ଟା ବ୍ୟର୍ଥ ହୋଇ ନପାରେ;'' ଅଶୁଦ୍ଧତା ଓ ଅଯୋଗ୍ୟତାର ଇଙ୍ଗିତ ମାତ୍ରକେ ଉତ୍ତର ଦେବୁ, ''ମୁଁ ଅମୃତର ସନ୍ତାନ, ଭଗବାନ ମୋତେ ବରଣ କରିଛନ୍ତି; ମୋ ନିଜ ପ୍ରତି ଓ ତାଙ୍କ ପ୍ରତି ମୋତେ ସତ୍ୟନିଷ୍ଠ ହେବାକୁ ହେବ– ତାହାହେଲେ ଜୟଲାଭ ସୁନିଶ୍ଚିତ; ମୁଁ ଯଦି ପଡ଼ିଯାଏ, ତେବେ ପୁଣି ଉଠି ଠିଆହେବି ।'' ଫେରି ଚାଲିଯିବାର ଓ କୌଣସି କ୍ଷୁଦ୍ରତାର ଆଦର୍ଶକୁ ଅନୁସରଣ କରିବାର ପ୍ରେରଣାକୁ ଏହି ଜବାବ ଦେବୁ– ''ଏହାହିଁ ହେଲା ସର୍ବୋତ୍ତମ ସତ୍ୟ, କେବଳ ଏହି ସତ୍ୟହିଁ ମୋର ଅନ୍ତରର ଆତ୍ମାକୁ ସନ୍ତୁଷ୍ଟ କରିପାରେ, ମୁଁ ସକଳ ପରୀକ୍ଷା ଓ ଦୁଃଖକଷ୍ଟ ମଧ୍ୟଦେଇ ଏହି ଦିବ୍ୟ ପଥର ଯାତ୍ରାର ଶେଷପର୍ଯ୍ୟନ୍ତ ସବୁ ସହ୍ୟ କରି ଚାଲିବ ।'' ଏହାକୁହିଁ ମୁଁ କହେ ଦିବ୍ୟ ଜ୍ୟୋତି ଓ ଦିବ୍ୟ ଆହ୍ୱାନ ପ୍ରତି ନିଷ୍ଠା ।

**– ଶ୍ରୀଅରବିନ୍ଦ**


*With Best Compliments From* :

**M/s. UTKAL SALES CORPORATION**

**Tinikonia Bagicha, Cuttack**
**Phone : 616088**

Deals in USHA, BAJAJ & PHILIPS
Domestic home appliances & Fans etc.

# ସୁଇଡେନ୍‌ର ପାଗଳ ବୃଦ୍ଧ

**ଶ୍ରୀ ନିରଞ୍ଜନ ନାୟକ**

ଇଂଲଣ୍ଡର ଉତ୍ତର ପୂର୍ବକୁ ସୁଇଡେନ୍ ବୋଲି ଗୋଟିଏ ଦେଶ ଅଛି । ୧୯୫୬ ମସିହା ଜୁଲାଇ ଦୁଇ ତାରିଖର କଥା । ଏଇ ସୁଇଡେନ୍‌ର ହାପାରାନ୍ତା ନାମକ ଏକ ସ୍ଥାନର ରାସ୍ତା ଲୋକାରଣ୍ୟ । ରାସ୍ତାର ଦୁଇକଡ଼ରେ ହଜାର ହଜାର ଲୋକ ଛିଡ଼ା ହୋଇଛନ୍ତି । ଆଉ ଅଳ୍ପ ସମୟ ପରେ ସାଇକେଲ ପ୍ରତିଯୋଗିତା ଆରମ୍ଭ ହେବ । କିଛି କମ୍ ବାଟ ନୁହେଁ, ହଜାରେ ମାଇଲ । ହାପାରନ୍ତା ଠାରୁ ବଲ୍‌ଟିକ୍ ସାଗରରେ ଅବସ୍ଥିତ ଇୟାସ୍‌ଟାଓ ପର୍ଯ୍ୟନ୍ତ ୪ଘଣ୍ଟା ନୁହଁ, ୫ଘଣ୍ଟା ନୁହଁ, ନିରବଚ୍ଛିନ୍ନ ୫ ଦିନରୁ ବେଶି ସାଇକେଲ ଚାଳନା କରିବାକୁ ପଡ଼ିବ । ଏଥିରେ ଯେଉଁମାନେ ଯୋଗ ଦେଉଛନ୍ତି ସେମାନେ ଯୁବକ । ୩୫ ବର୍ଷରୁ କମ୍ । ସମସ୍ତଙ୍କୁ ଡାକ୍ତର ପରୀକ୍ଷା କରି ପ୍ରତିଯୋଗିତା ନିମନ୍ତେ ଉପଯୁକ୍ତ ବୋଲି ସାର୍ଟିଫିକେଟ ଦେଇଛନ୍ତି । ପନ୍ଦରଶହ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୫୦ ଜଣଙ୍କୁ ଅନୁମତି ମିଳିଛି । ରାସ୍ତା ଦୁଇକଡ଼ରେ ରୁଣ୍ଡ ହୋଇଥିବା ଲୋକମାନଙ୍କ ହାତରେ ଫୁଲର ତୋଡ଼ା । ସାଇକେଲ ଚାଳନାକାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣେଇବେ । ଦେଖୁ ଦେଖୁ ସାଇକେଲ ଚାଳନା ଆରମ୍ଭ ହୋଇଗଲା । ହଜାର ହଜାର ଲୋକଙ୍କ କରତାଳିରେ ସେ ସ୍ଥାନ ଉଚ୍ଛୁଳି ପଡ଼ିଲା, ପ୍ରତ୍ୟେକ ପ୍ରତିଯୋଗୀଙ୍କ ବେକରେ ଫୁଲର ହାର ଜମା ହୋଇ ପଡ଼ିଲା ।

ଗୋଟିକ ପରେ ଗୋଟିଏ ହୋଇ ୫୦ ଜଣ ତରୁଣ ସାଇକେଲ ଚଢ଼ାଳି ଅତିକ୍ରମ କରିଗଲେ । କିନ୍ତୁ ଶେଷରେ ଯାହା ଦେଖାଗଲା ତାହା ଏକ ଅଦ୍ଭୁତ ଦୃଶ୍ୟ । ଜଣେ ପାକଲା ମୁଣ୍ଡିଆ, ଚମସବୁ ନୋଚାକୋଚା ହୋଇଯାଇଥିବା ଦୁର୍ବଳ ବୃଦ୍ଧ ଜଣେ ସାଇକେଲରେ ଚଢ଼ି ସେ ୫୦ ଜଣଙ୍କ ପଛରେ ଚାଲିଛନ୍ତି । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଛନ୍ତି । ବିଶ୍ୱାସ କରିପାରୁନାହାନ୍ତି ଏ ବୃଦ୍ଧ ବି ସାଇକେଲ ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି । କିନ୍ତୁ ପ୍ରତିଯୋଗିତାରେ ଯୋଗ ଦେଇ ନଥିଲେ ଏମାନଙ୍କ ପଛରେ କାହିଁକି ସାଇକେଲ ଚଳାଉ ଥାଆନ୍ତେ ? ସମସ୍ତଙ୍କ ଆଗ୍ରହ ବର୍ତ୍ତମାନ ବୃଦ୍ଧଙ୍କ ଉପରେ ନିବଦ୍ଧ ହେଲା । ତାଳି ଉପରେ ତାଳିମାରି ଜନତା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲା ଏଇ ବୃଦ୍ଧଙ୍କୁ । ଶ୍ରାବଣ ମାସର ବର୍ଷାଭଳି ତାଙ୍କ ଉପରେ ଫୁଲ ବୃଷ୍ଟି ହେଲା । ତାଙ୍କରି ସାଇକେଲ ପଛରେ ଲୋକମାନଙ୍କର ଭିଡ଼ ଜମିଲା । ବୃଦ୍ଧ ସମସ୍ତଙ୍କୁ ହାତ ହଲେଇ ଅଭିବାଦନ ଜଣାଉଥାଆନ୍ତି । ବେଶିଗୁଡ଼ାଏ ଉଲ୍ଲସିତ ନହୋଇ ଶାନ୍ତ ଗମ୍ଭୀର ଭାବରେ ତାଙ୍କ ସାଇକେଲ୍‌ରେ ପେଡ଼ େଲ୍ ମାରୁଥାଆନ୍ତି ।

ସେ ବୃଦ୍ଧ ହେଉଛନ୍ତି ସୁଇଡେନ୍ ଦେଶର ରାଜଧାନୀ ଷ୍ଟକ୍-ହୋମ୍ ସହରରେ ରହୁଥିବା ଜଣେ ବ୍ୟକ୍ତି, ବୟସ ତାଙ୍କୁ ୭୦ । ନାମ ତାଙ୍କର ଗୁସ୍ତାଭ ହ୍ୟାକାନ୍‌ସନ୍ । ଦିନେ ରାତି ତିନିଟା ବାଜିଲାଣି । ସମଗ୍ର ଷ୍ଟକ୍-ହୋମ୍ ସହର ନିଦରେ ଶୋଇପଡ଼ିଛି । ସବୁ ଘରୁ ଆଲୁଅ ଲିଭି ଯାଇଛି; କିନ୍ତୁ ଜଣକ ଘରେ ସେ ପର୍ଯ୍ୟନ୍ତ ଆଲୁଅ ଜଳୁଥାଏ । ସେ ହେଉଛନ୍ତି ଏ ବୃଦ୍ଧ ଗୁସ୍ତାଭ । ହାତରେ ଖଣ୍ଡିଏ ଖବର କାଗଜ ଧରି ସେ ଶୂନ୍ୟ ଦୃଷ୍ଟିରେ ଛାତକୁ ଚାହୁଁଥାଆନ୍ତି । ମୁଣ୍ଡବାଳକୁ ଜାବୁଡ଼ି ଧରୁଥା'ନ୍ତି । ଉପରକୁ ଚାହିଁ ବେଳେ ବେଳେ ବକର ବକର ହୋଇ କ'ଣ କହୁଥାଆନ୍ତି । ତାଙ୍କର ଏପରି ଅବସ୍ଥା ଦେଖି ଘରେ ମଧ ଅନ୍ୟମାନଙ୍କୁ ନିଦ ନାହିଁ । ପୁଅବୋହୁ ନାତିନାତୁଣୀରେ ଘର ଭର୍ତ୍ତି । ସମସ୍ତେ ଭାବୁଛନ୍ତି ବୃଦ୍ଧଙ୍କର ମୁଣ୍ଡ ଖରାପ ହୋଇଯାଇଛି । ଡାକ୍ତର ଡକାଇବା ପାଇଁ ବ୍ୟବସ୍ଥା କରିଛନ୍ତି ।

''କନ୍ତୁ ବୃଦ୍ଧ ଯେତେବେଳେ ଶୁଣିଲେ ଯେ ପିଲାମାନେ ତାଙ୍କ ଲାଗି ଡାକ୍ତର ଡକାଇଛନ୍ତି, ସେ ବହୁତ ବିରକ୍ତ ହେଲେ । କହିଲେ, 'ତମେମାନେ କ'ଣ ଭାବିଚ ମୁଁ ପାଗଳ ? ହାଃ... ହାଃ.. ହାଃ., ମୁଁ କାହିଁକି ପାଗଳ ହେବି ! ତମେ ସବୁ ପାଗଳ ।'' ପୁଅ ବୋହୁ ବୃଦ୍ଧଙ୍କର ଏପରି କଥା ଶୁଣି ଆହୁରି ଆଶ୍ଚର୍ଯ୍ୟ ହେଲେ । ତାଙ୍କ ପୁଅ ଖୁବ୍ ବିନମ୍ର ଭାବେ ପାଖକୁ ଯାଇ କହିଲା, ''ବାପା ତମେ ଏପରି କାହିଁକି ହେଉଛ ? ତମର କ'ଣ ହୋଇଛି କହିଲେ ଆମେ ଯଦି ପାରୁ ତା'ର ପ୍ରତିକାର କରିବୁ ।''

ପୁଅ କଥା ଶୁଣି ବୃଦ୍ଧ ଟିକିଏ ଆଶ୍ୱସ୍ତ ହେଲେ । ଆଖିରୁ ତାଙ୍କର ଧାର ଧାର ଲୁହ ଗଡ଼ି ପଡ଼ିଲା । ନାକ ଦେଇ ଦୀର୍ଘଶ୍ୱାସ ବାହାରିଗଲା । ସମସ୍ତଙ୍କୁ ଥରେ କରୁଣ,

ଦୁଃଖପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ, 'ଶୁଣ ତେବେ ପିଲାମାନେ ! ମୁଁ ଏବେ ବୁଢ଼ା ହେଲିଣି । ଭାବୁଛି ମୋ ଜୀବନଟାକୁ ମୁଁ ବିଅର୍ଥରେ କଟେଇ ଦେଇଛି । ଏବେ ମୁଁ ମରିବାକୁ ଯାଉଛି; କିନ୍ତୁ ମୋ ଦେଶପାଇଁ କି ମୋ ପାଇଁ ଏପରି କିଛି କରିଗଲି ନାହିଁ ଯାହା ଫଳରେ ମୁଁ ସବୁଦିନ ପାଇଁ ଅମର ହୋଇଥାଆନ୍ତି । ଆଉ ତ ଏବେ ସମୟ ନାହିଁ, ଭାବିଲା ବେଳକୁ ଛାଡି ବିଦାରି ହୋଇଯାଉଛି । ମୁଁ ଚାହେଁ ତୁମେମାନେ ଯେପରି ମୋ ପରି ନ ହୁଅ ।

ପୁଅ ତାଙ୍କର ଏପରି କଥା ଶୁଣି କହିଲା, 'ବାପା, କ'ଣ କହୁଛନ୍ତି ଆପଣ ! କିଛି କରିପାରି ନାହାନ୍ତି, ଆଉ କ'ଣ କରିଥାଆନ୍ତେ ? ଏ ଘର, ଦ୍ୱାର, ସମ୍ପତ୍ତି, ବାଡ଼ି, ସବୁ ତ ଆପଣ କମେଇଛନ୍ତି । ଆଉ ପୁଅଝିଅ, ନାତିନାତୁଣୀରେ ଆପଣଙ୍କ କୋଳ ହସି ଉଠୁଛି । ଆଉ କ'ଣ କରିଥାଆନ୍ତେ ଯେ ! ସଂସାରୀ ଲୋକ ଯା ଛଡ଼ା ଆଉ ବଡ଼ କଥା କ'ଣ କରିପାରେ ଯେ ଆପଣ ଦୁଃଖ କରୁଛନ୍ତି ?''

ପୁଅର କଥା ଶୁଣି ବୃଦ୍ଧ ଟିକିଏ ହସିଲେ । କହିଲେ, 'ଆରେ ପାଗଳା, ମୁଁ ମରିଯିବା ପରେ ତ ଏ ଧନସମ୍ପତ୍ତି ନାତିନାତୁଣୀ ତମର ହୋଇ ରହିବ, ଦିନ କେଇଟା ପରେ ତମେମାନେ ବି ମତେ ଭୁଲିଯିବ । ମୋର ପ୍ରିୟ ଦେଶ ଯାହାର ପାଣି ପବନ ଆଲୁଅରେ ମୁଁ ମଣିଷ ହୋଇଛି ସିଏ ବି ମତେ ଭୁଲିଯିବ । ମୋ ପ୍ରିୟ ଦେଶର ଇତିହାସରେ ମୋର ନାଁ ତ ଆଉ ରହିପାରିବ ନାହିଁ ।''

ଏକଥାର ଉତ୍ତର ପୁଅ ଆଉ କିଛି ଦେଇପାରିଲା ନାହିଁ । ବୃଦ୍ଧ ସମସ୍ତଙ୍କୁ ଶୋଇବାକୁ ପଠେଇ ଦେଲେ । ସମସ୍ତେ ଶୋଇ ପଡ଼ିଲେ । ସକାଳ ହେଲା । ବୃଦ୍ଧଙ୍କ କୋଠରୀ ଦେଖିଲା ବେଳକୁ ସେ ନାହାନ୍ତି, କୋଠରୀ ଶୂନ୍ୟ । ଚାରିଆଡ଼େ ଖୋଜା ପଡ଼ିଲା । ଶେଷକୁ ଦେଖିଲାବେଳକୁ ବୃଦ୍ଧ ଯାଇ ଠିଆ ହୋଇଛନ୍ତି ସୁଇଡେନ୍‌ରେ ବାର୍ଷିକ ସାଇକେଲ୍ ରେସ୍ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀମାନଙ୍କ ପାଇଁ ହେଉଥିବା ଶାରୀରିକ ପରୀକ୍ଷା କେନ୍ଦ୍ରରେ । ସବୁଠାରୁ ପଛରେ ସେ ଛିଡ଼ା ହୋଇଥାଆନ୍ତି । ପୂର୍ବଦିନ ଖବର କାଗଜରୁ ବିଜ୍ଞାପନ ପଢ଼ି ବୃଦ୍ଧ ଆଉ ଥୟ ଧରି ରହିପାରି ନାହାନ୍ତି ।

କିନ୍ତୁ ଡାକ୍ତର କ'ଣ ଏଡ଼େ ନିର୍ବୋଧ ହୋଇଛନ୍ତି ଯେ ଏ ପାକଲା ମୁଣ୍ଡିଆ, ହନୁହାଡ଼ ବାହାରି ପଡ଼ିଥିବା ଏବଂ ଲୋଳିତ ଚର୍ମଯୁକ୍ତ ଦୁର୍ବଳ ବୃଦ୍ଧଙ୍କୁ ସାର୍ଟିଫିକେଟ ଦେବେ । ହଜାରେ ମାଇଲର ପ୍ରତିଯୋଗିତା । ସେଥିରେ ପୃଥିବୀର ଯେକୌଣସି ଦେଶର ଲୋକ ଯୋଗ ଦେଇପାରିବ । ଡାକ୍ତର ପ୍ରଥମେ ଭାବିଥିଲେ ବୃଦ୍ଧ ବୋଧହୁଏ ତା'ର କେହି ପୁଅ କିମ୍ବା ଆତ୍ମୀୟଙ୍କ ଲାଗି ସୁପାରିଶ କରିବାକୁ ଆସିଛନ୍ତି । କିନ୍ତୁ ବୃଦ୍ଧ ଯେତେବେଳେ କହିଲେ, 'ମୁଁ କାହାରି ସୁପାରିଶ୍ କରିବାକୁ ଆସି ନାହିଁ । ମୁଁ ନିଜେ ସାଇକେଲ ଦୌଡ଼ରେ ଭାଗ ନେବି । ମୁଁ ସାଇକେଲ ଚଳାଇବାକୁ ଭଲପାଏ । ମାତ୍ର ହଜାରେ ମାଇଲ୍ ତ ! ମୁଁ ତ ସାରା ସୁଇଡେନକୁ କେତେଥର ବୁଲି ଆସିଛି । ଅବଶ୍ୟ ସେତେବେଳେ ମୁଁ ଟ୍ରକ୍ ଡ୍ରାଇଭର ଥିଲି, ମତେ ଅନୁମତି ପତ୍ର ଦିଅନ୍ତୁ । ସେଥିରୁ ବଞ୍ଚିତ କରନାହିଁ ।' ବହୁତ ଅନୁନୟ ବିନୟ ହୋଇ ଡାକ୍ତରଙ୍କୁ କହିଲେ ବି ଡାକ୍ତର ଟିକିଏ ବି ଟଳିଲେ ନାହିଁ । କେମିତି ବା ଟଳନ୍ତେ । ପନ୍ଦର ଶହ ଯୁବକମାନଙ୍କ ମଧ୍ୟରୁ ଯେତେବେଳେ ମାତ୍ର ୫୦ ଜଣ ବଛାଯାଇଛନ୍ତି ସେଥିରେ ବୃଦ୍ଧଙ୍କୁ କିପରି ବାଛିବେ । ଜାଣୁ ଜାଣୁ ତାଙ୍କୁ ମୃତ୍ୟୁମୁଖକୁ ପଠେଇବେ । ସଫା ସଫା ସେ ମନା କରିଦେଲେ, କହିଲେ , 'ବୟସ ଥିଲାବେଳେ ଗାଡ଼ିରେ ବହୁତ ସୁଇଡେନ୍ ସାରା ବୁଲିଛନ୍ତି, ବର୍ତ୍ତମାନ ଯାଇ ଘରେ ଗରମ ଦୁଧ ପିଇ ବିଶ୍ରାମ କରନ୍ତୁ । ମାତ୍ର ତିନି ଶହ ପାଉଣ୍ଡ୍ ପୁରସ୍କାର ଲୋଭରେ ଜୀବନଟାକୁ ନଷ୍ଟ କରନ୍ତୁ ନାହିଁ । ମୁଁ ଯଦି ଆପଣଙ୍କୁ ଅନୁମତି ପତ୍ର ଦିଏ ତେବେ ମତେ ସମସ୍ତେ ପାଗଳ ଛଡ଼ା ଆଉ କ'ଣ କହିବେ ?''

ବୃଦ୍ଧ ଜାଣିପାରିଲେ ତାଙ୍କୁ କେବେ ବି ଡାକ୍ତର ଅନୁମତି ପତ୍ର ଦେବେ ନାହିଁ । ନିରୁପାୟ ହୋଇ ସେ ଘରକୁ ଫେରିଲେ । କିନ୍ତୁ ଆଶା ହରେଇଲେ ନାହିଁ । ତାଙ୍କ ଭିତରର ଜ୍ୱଳନ୍ତ ଇଚ୍ଛା ନିର୍ବାପିତ ହୋଇପାରିଲା ନାହିଁ । ବିନା ଅନୁମତି ପତ୍ରରେ ସେ ପ୍ରତିଯୋଗୀମାନଙ୍କ ପଛରେ ତାଙ୍କ ସାଇକେଲ ଧରି ଚାଲିଲେ । ଡାକ୍ତର ତାଙ୍କ ଯୋଗଦେବାକୁ ସମର୍ଥନ ନ କଲେ ବି ପଥଧାରର ହଜାର ହଜାର ଜନତା ଉଚ୍ଛସିତ ସମର୍ଥନ ଜଣେଇଲେ । ମାଇଲ ପରେ ମାଇଲ ପଚାଶ ମାଇଲ ରାସ୍ତା ଚାଲିଗଲା । ପ୍ରଥମ ଆରୋହୀ ଆଉ ବୃଦ୍ଧଙ୍କ ମଧ୍ୟରେ ବ୍ୟବଧାନ ରହିଲା ଦଶ ମାଇଲ୍ । ତିନିଶହ ମାଇଲ ଯିବା ପରେ ବି ସେଇ ଏକା ବ୍ୟବଧାନ । ଏହା ମଧ୍ୟରେ ତିନି ଦିନ ତିନି ରାତି ବିତିଗଲା । କ୍ରମାଗତ ସାଇକେଲ ଚାଲିଛି । ମଝିରେ ମାତ୍ର ୫ଘଣ୍ଟା ପାଇଁ ଯାହା ବିଶ୍ରାମ ଥିଲା ।

୭୨ ଘଣ୍ଟା ପରେ ସମସ୍ତଙ୍କୁ ପଛରେ ପକେଇ ବୃଦ୍ଧ ଆଗୁଆ ହୋଇଗଲେ । ପରଦିନ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ଖାଲି ବୃଦ୍ଧଙ୍କ ଛବି, ବୃଦ୍ଧଙ୍କ ସମ୍ବାଦ - କିଏ ଏଇ ବୃଦ୍ଧ ? ସାରା ଦେଶ ତାଙ୍କୁ ଦେଖିବା ପାଇଁ ଉଦ୍‌ବିଗ୍ନ ହୋଇ ଉଠିଲା । ବିଜୁଳି ବେଗରେ ତାଙ୍କର ନାଁ ସାରା ଦେଶରେ ଖେଳିଗଲା । ଗୁସ୍ତାଭ ହ୍ୟାକାନ୍‌ସନ୍- ଗୁସ୍ତାଭ । ସତରେ କ'ଣ ଏଇ ବୃଦ୍ଧ ଗୁସ୍ତାଭ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ? ବିଜୟ ତ ଦୂରର କଥା ।

ଚତୁର୍ଥ ଦିନ ଦେଖିଲା ବେଳକୁ ବୃଦ୍ଧ ଆହୁରି ଆଗୁଆ ହୋଇଛନ୍ତି । ଏଥର ପ୍ରାୟ ଦେଢ଼ଶହ ମାଇଲ । ଛୟାନବେ ଘଣ୍ଟା ମଧ୍ୟରେ ବିଶ୍ରାମର ପରିମାଣ ମାତ୍ର ୭ଘଣ୍ଟା । କିନ୍ତୁ ଗୁସ୍ତାଭ ପୂର୍ଣ୍ଣ ଭାବରେ ବିଶ୍ରାମ ନେଉନଥିଲେ । ପଥ ଧିରେ ଧିରେ ସରି ଆସୁଥାଏ । ଲକ୍ଷ୍ୟ ନିକଟ ହୋଇ ଆସୁଥାଏ, କିନ୍ତୁ ଗୁସ୍ତାଭଙ୍କ ଶରୀର ଅଧିକରୁ ଅଧିକ ଅସୁସ୍ଥ ହୋଇପଡୁଥାଏ । ୭୦ ବର୍ଷର ବୃଦ୍ଧ, ଚାରିଦିନ କାଳ କ୍ରମାଗତ ସାଇକେଲ ଚଲେଇଲେଣି । ଗୋଡ଼ ତାଙ୍କର ଫୁଲିବାକୁ ଲାଗିଲାଣି । କିନ୍ତୁ ପେଡ୍ରେଲ୍ ଉପରେ ରହିଛି,ସେଠୁ କେବେ ବାହାରୁ ନାହିଁ ।

ପଞ୍ଚମ ଦିନ । ଗୁସ୍ତାଭଙ୍କ ଶରୀର ଆହୁରି ଅସୁସ୍ଥ । ସାଇକେଲରୁ ଓହ୍ଲାଇ ସେ ପଥ ଧାରରେ ଟିକେ ଛିଡ଼ା ହେଲେ । ପଥଧାରର ଦର୍ଶକମାନେ ଧାଇଁ ଆସିଲେ ତାଙ୍କ ପାଖକୁ । ଏଇଠି ତେବେ କ'ଣ ବୃଦ୍ଧ ଗୁସ୍ତାଭଙ୍କର ସାଧନାର ପରିସମାପ୍ତି ଘଟିଲା ? ତା'ହେଲେ ସେ ଶେଷରେ ପରାଜୟ ସ୍ୱୀକାର କଲେ । କ'ଣ ଆଉ ବା କରନ୍ତେ । ଏତେ ବୃଦ୍ଧ, ଏତିକି ଯଥେଷ୍ଟ । କିନ୍ତୁ ବୃଦ୍ଧ ଗୁସ୍ତାଭଙ୍କ ଆଖିରେ ନାଚି ଉଠୁଥାଏ ବିଜୟର ମଞ୍ଚ, ଯାହା ଉପରେ ବିଜୟ ଟିକା ପିନ୍ଧି ସେ ଛିଡ଼ା ହୋଇଛନ୍ତି । ବିଜୟ ମଞ୍ଚ ଉପରେ ବିଜୟଟିକା ପିନ୍ଧି ଛିଡ଼ା ହେବାକୁ ହେଲେ ଏଇ ପାଞ୍ଚଦିନର ଝାଳୁଆ, ଗନ୍ଧିଆ ପୋଷାକ ପିନ୍ଧି କ'ଣ ସେ ଛିଡ଼ା ହେବେ ! ତେଣୁ ସାଇକେଲରେ ଝୁଲୁଥିବା ବ୍ୟାଗ୍‌ରୁ ସେ ବାହାର କଲେ ଇସ୍ତ୍ରୀ କରା ପୋଷାକ । ତାକୁ ଶୀଘ୍ର ଦେହରେ ଗଳେଇ ପକାଇ ପୁଣି ସାଇକେଲରେ ଉଠିଲେ । ପୁଣି ଥରେ ଜନତାର ଉଚ୍ଛ୍ୱସିତ ତାଳି ବାଜି ଉଠିଲା । ସମସ୍ତଙ୍କ ମୁହଁରୁ ଖାଲି ଶୁଣାଗଲା ଗୁସ୍ତାଭ.. ଗୁସ୍ତାଭ.. ।

ଆଉ ମାତ୍ର ଅଧମାଇଲିଏ ବାଟ ବାକି । ଏତିକି ବାଟ ପାର ହୋଇଗଲେ ସେ ହୋଇଯିବେ ସୁଇଡେନ୍‌ର ଜାତୀୟ ବୀର । ଗୁସ୍ତାଭ ଆନନ୍ଦ ବିହ୍ୱଳ ହୋଇ ଉଠିଲେ । ଭୁଲିଗଲେ ତାଙ୍କର ଶାରୀରିକ ପୀଡ଼ା, ଦୀର୍ଘ ପଥକ୍ଳାନ୍ତି, ଅନାହାର, ଅନିଦ୍ରା । ମୁହଁରେ ଖେଳିଗଲା ଆସନ୍ନ ବିଜୟର ତୃପ୍ତି । ଏକ ଉଜ୍ଜ୍ୱଳ ହସର ରେଖା କିନ୍ତୁ ସଙ୍ଗେ ସଙ୍ଗେ ସେହି ଉଜ୍ଜ୍ୱଳ ହସ ରେଖାକୁ ଢାଙ୍କି ଦେଲା ଖଣ୍ଡେ କଳା ବଉଦ । ଢୁ କରି ଫାଟିଗଲା ତାଙ୍କ ସାଇକେଲ୍‌ର ପଛ ଚକାଟି । ଆରୋହୀ ଏତେ କଷ୍ଟ ସହିଲେ ବି ସାଇକେଲଟି ଏତେ ଦୀର୍ଘ ପଥର କଷ୍ଟ ସହିପାରିଲା ନାହିଁ । ନିଜର ଅକ୍ଷମତା ଜଣାଇଲା । ବୃଦ୍ଧ ଗୁସ୍ତାଭଙ୍କ ଆଖିରେ ହସର ଉଜ୍ଜଳିମା ପରିବର୍ତ୍ତେ ଜକେଇ ଆସିଲା ବେଦନାର ଅଶ୍ରୁ । କରୁଣ, ଅସହାୟ ଦୃଷ୍ଟିରେ ସେ ଚାରିଆଡ଼କୁ ଅନେଇଲେ । ଏତିକିବେଳେ ସେ ଶୁଣିପାରିଲେ ଯେପରି କିଏ କହୁଛି- ଗୁସ୍ତାଭ, ଆଉ ବିଳମ୍ବ କାହିଁକି ?.. ସାରା ଦେଶ ଯେ ତୁମକୁ ଅପେକ୍ଷା କରିଛି ବିଜୟର ପୁଷ୍ପମାଲ୍ୟ ନେଇ । ଏଇଠି କ'ଣ ଅଟକି ଯିବ ? କ'ଣ ଭାବୁଛ.. ଆଗେଇ ଚାଲ ।

ଗୁସ୍ତାଭ ନୂଆ ବଳ ପାଇଲେ, ହତାଶାର କଳା ବଉଦ ଅପସରି ଗଲା । ସେ ପୁଣି ସାଇକେଲ୍‌ରେ ଉଠିଲେ । ବିନା ପମ୍ପ୍‌ରେ ସାଇକେଲ ଚଳାଇ ବାକି ଅଧମାଇଲ ରାସ୍ତା ଶେଷ କଲେ । ସମୁଦାୟ ତାଙ୍କୁ ପାଞ୍ଚଦିନ ପାଞ୍ଚଘଣ୍ଟା ଲାଗିଲା ହଜାର ମାଇଲ୍ ଶେଷ କରିବାକୁ ତାଙ୍କ ପରେ ଯେଉଁ ଆରୋହୀ ଆସିଲେ ସେ ଗୋଟିଏ ଦିନ ପରେ ପହଞ୍ଚିଲେ । ପଇଁତିରିଶ୍ ବର୍ଷରୁ କମ୍ ଯୁବକ ଯାହା କରିପାରିଲା ନାହିଁ ସତୁରି ବର୍ଷର ବୃଦ୍ଧ ତାହା ସମ୍ପାଦନା କରିପାରିଲେ ।

ଚାରିଦିନ ପରେ ରାଜଧାନୀ ଷ୍ଟକ୍‌ହୋମ୍‌ରେ ଗୁସ୍ତାଭଙ୍କୁ ଦିଆଗଲା ଏକ ରାଜକୀୟ ସମ୍ବର୍ଦ୍ଧନା । ସେହି ଦିନଠାରୁ ଲୋକମାନେ ତାଙ୍କୁ ଆଦରରେ ଡାକିଲେ 'ବାଇକିଂ ବିୟାର୍ଡ଼' ଅର୍ଥାତ୍ 'ଦାଢ଼ିବାଲା ସାଇକେଲ ଚାଳକ' ଓ 'ଷ୍ଟିଲ୍ ଗ୍ରାଣ୍ଡ୍‌ଫାଦର' ଅର୍ଥାତ୍ 'ଇସ୍ପାତ ଜେଜେବାପା' । କିନ୍ତୁ ସବୁଠାରୁ ଲୋକପ୍ରିୟ ନାଁ ହେଲା 'ସୁଇଡେନ୍‌ର ପାଗଳ ବୃଦ୍ଧ' । ସେ ଦେଖାଇ ଦେଲେ ଅଭୀପ୍‌ସାର ଶିଖାକୁ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଦ୍ୱାରା ଜାଳି ରଖିଲେ ଯେ କୌଣସି ଅସମ୍ଭବ ସମ୍ଭବ ହୋଇପାରେ । ସେଥିପାଇଁ ମା' କହିଛନ୍ତି 'The aspiration is always the sign of the possibility and perseverance leads to the certitude of realisation."

''ଅଭୀପ୍ସା ହେଉଛି ସବୁବେଳେ ସମ୍ଭାବନାର ସୂଚନା ଓ ଅଧ୍ୟବସାୟ ଏହାକୁ ସିଦ୍ଧିର ନିଶ୍ଚୟତା ଦିଗରେ ନେଇଯାଏ ।''

।

# ସଙ୍ଗତି ଫେରି ଆସିବ

**ଶ୍ରୀ ପ୍ରସାଦ ତ୍ରିପାଠୀ**

''ହଠାତ୍ ବିଶୃଙ୍ଖଳା ! ଆଜ୍ଞା, ସବୁ ଠିକ୍ ଚାଲୁଥିଲା । ପରମପ୍ରଭୁଙ୍କ ଦେହାବଶେଷ ଆଣିବା ପାଇଁ ଅନେକ ଉଦ୍ୟମ । ଅନେକ ପ୍ରକାରର ଚେଷ୍ଟା । ସତରେ ଆମେ କ'ଣ ପ୍ରଭୁଙ୍କର ଦେହାବଶେଷ ଆଣି ପାରିବା ! କେତେ ଆକୁଳ ପ୍ରାର୍ଥନା- କେତେ ବିକଳ ସମସ୍ତେ ନ ହୋଇଚୁ ! ସମସ୍ତେ ମିଶି ରାତିଦିନ ସମାନ କରି ଦେଇଚୁ । ଦେହାବଶେଷଙ୍କୁ ପାଇ ସମସ୍ତଙ୍କର ଚକ୍ଷୁରୁ ଆନନ୍ଦାଶ୍ରୁ ବହିଯାଇଛି । ଆମର ଜୀବନ ଧନ୍ୟ ହୋଇଛି । ଆମରି ଗହଣରେ ପ୍ରଭୁଙ୍କର ଜାଗ୍ରତ ଉପସ୍ଥିତି । ଏ ପ୍ରକୃତରେ ସୌଭାଗ୍ୟ - ପୂର୍ବ ଅନେକ ଜନ୍ମର ତପସ୍ୟାର ଫଳ ।''

''ମାତ୍ର ଏ କ'ଣ ହେଲା ? ଦେହାବଶେଷ ଆଣୁ ଆଣୁ ଅଳ୍ପ କିଛିଦିନ ମଧ୍ୟରେ ବିଶୃଙ୍ଖଳା । ଆମ ଭିତରେ ସମ୍ପୂର୍ଣ୍ଣ ଅସଙ୍ଗତି । ଯେଉଁମାନେ ପାଠଚକ୍ର ବୁଝୁଛନ୍ତି ସେମାନେ ଗୋଟିଏ ଦଳ । ଯେଉଁମାନେ ସ୍କୁଲ ବୁଝୁଛନ୍ତି ସେମାନେ ଗୋଟିଏ ଦଳ । ଆମ ଆମ ଭିତରେ ଅନେକ ସମସ୍ୟା, ଅନେକ ଦ୍ୱନ୍ଦ୍ୱ, ଝଗଡ଼ା ।  କଥା ଯାଇ ଆହୁରି କେତେ ଦୂରରେ ପହଞ୍ଚିଲାଣି । ଅଳ୍ପ ଦିନ ତଳେ ଯେ ଆମେ ସମସ୍ତେ ମିଶି ପ୍ରକୃତରେ ପରମପ୍ରଭୁଙ୍କର ଦେହାବଶେଷ ଆଣି ଏଠାରେ ପ୍ରତିଷ୍ଠା କରିଚୁ ଏହାର ମଧ୍ୟ ଆଉ ବିଶ୍ୱାସ ହେଉ ନାହିଁ । ଖାଲି ପ୍ରତିଷ୍ଠା- ନାମ- କ୍ଷମତା- ଏଥିପାଇଁ ଲଢ଼େଇ । କିପରି ବଗିଚା ହେବ । କିପରି ଫୁଲ ଫୁଟିବ, କିପରି ଅଧିକ ସୁନ୍ଦର ସ୍କୁଲର ବାତାବରଣ ହେବ, ଅଧିକରୁ ଅଧିକ ମାତୃ ଅଭିମୁଖୀ ହେବ, ସେଥିପାଇଁ ଆଉ କାହାରି ଉଦ୍ୟମ ନାହିଁ । ଏ ସବୁ କ'ଣ ପାଇଁ ହେଲା ?'' ଏ ଥିଲା କୌଣସି ଏକ ସଂସ୍ଥାର ଜଣେ କର୍ମକର୍ତ୍ତାଙ୍କର ପ୍ରଶ୍ନ ।

ଏହାର ଏକମାତ୍ର ପ୍ରମାଣ ହେଲା ଯେ ଆପଣ ପ୍ରକୃତରେ ପ୍ରଭୁଙ୍କର ଦେହାବଶେଷ ଆଣିଛନ୍ତି । ଯେଉଁ ସ୍ଥାନରେ ବ୍ୟକ୍ତିମାନଙ୍କର ଅନ୍ତର ପ୍ରସ୍ତୁତି ଯଥେଷ୍ଟ ନଥାଇ ଦେହାବଶେଷ ଅଣା ହୋଇଥାନ୍ତି-ସେଠାରେ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଉପସ୍ଥିତି ସେ ସମସ୍ତଙ୍କ ଭିତରେ ଥିବା ଅଚେତନ, ଅଣଆଧ୍ୟାତ୍ମିକ, ଅସଙ୍ଗତ ବସ୍ତୁ ଉପରେ ତାଙ୍କର ଚାପ ପକାନ୍ତି । ଫଳରେ ସବୁକିଛି ମଇଳା ଭିତରୁ ପ୍ରକାଶ ପାଇଯାଏ । ସବୁକିଛି ମଇଳା ଭିତରେ ପ୍ରକାଶ ପାଇଲେ ତାହା ଆମପାଇଁ ପ୍ରକୃତରେ କୃପା ବୋଲି ଆମେ ଅନୁଭବ କରିବା । କାରଣ ଆମେ ଯେତେ ଉଦ୍ୟମ କଲେ ମଧ୍ୟ ଆମ ନିଜ ଚେଷ୍ଟାରେ ଆମ ଭିତରର ସମସ୍ତ ଦୁର୍ବଳତାକୁ ଚିହ୍ନି ପାରିନଥାନ୍ତୁ । ମାତ୍ର ପ୍ରଭୁ ବହୁ କୃପାକରି ସେ ସବୁକୁ ପ୍ରକାଶ କରିଦେଲେ । ଆମ ଭିତରେ ଦୁର୍ବଳତା ପ୍ରକାଶ ପାଇବା ମାତ୍ରକେ ସେ ସବୁ ଅହଙ୍କାର, ସ୍ୱାର୍ଥ, ଲୋଭ, କ୍ଷମତା, ଇତ୍ୟାଦି ମାଧ୍ୟମରେ ରୂପ ଗ୍ରହଣ କରନ୍ତି ।

ତେଣିକି ଦାୟିତ୍ୱ ଆମର । ଆମେ ଚାହିଲେ ସେହି ପ୍ରଭୁଙ୍କର କୃପାବଳରେ ସେସବୁକୁ ସଂଶୋଧନ କରିପାରିବା । ନଚେତ୍ ଚାହିଲେ ନିଜର ଧ୍ୱଂସ ସାଧନ କରି ପାରିବା । ଆମ ଭିତରର ଦୁର୍ବଳତାଗୁଡ଼ିକୁ ଜାଣି ସାରିଲାପରେ ସେ ସବୁକୁ ପ୍ରଶ୍ରୟ ଦେବା ନା ସେସବୁକୁ ତ୍ୟାଗ କରିବା ସେ ସିଦ୍ଧାନ୍ତ ଆମକୁହିଁ ନେବାକୁ ହେବ । ଯେ ପର୍ଯ୍ୟନ୍ତ ଡାକ୍ତର ରୋଗ ଚିହ୍ନିପାରି ନଥାନ୍ତି- ସେ ପର୍ଯ୍ୟନ୍ତ ଅନ୍ଦାଜରେ ଔଷଧ ଦେଉଥାଆନ୍ତି । ମାତ୍ର ଯେଉଁ ମୁହୂର୍ତ୍ତରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଫଳରେ ରୋଗକୁ ଚିହ୍ନିପାରନ୍ତି- ତେଣିକି ଚିକିତ୍ସା ସହଜ ହୋଇଯାଏ । ଅବଶ୍ୟ ତାଙ୍କ ପରାମର୍ଶରେ ଔଷଧ ସେବନ କରି ରୋଗ ମୁକ୍ତ ହେବା ରୋଗୀର ଦାୟିତ୍ୱ ।

ଏଣିକି ସବୁ ବୁଝି ହେଲା । ଆମେ  ପ୍ରଭୁଙ୍କ ଦେହାବଶେଷ ଆଣିବା ସମୟରେ ଆମ ଭିତରର ପ୍ରସ୍ତୁତି ଯଥେଷ୍ଟ ନଥିଲା । ତେଣୁ ତାକୁ ଶୁଦ୍ଧ କରି ପ୍ରସ୍ତୁତ କରିବାପାଇଁ ସେ ନିଜେ ହିଁ ଦାୟିତ୍ୱ ନେଲେ ଏବଂ ଆମ ଭିତରର ସମସ୍ତ ଦୁର୍ବଳତାକୁ ପ୍ରକାଶ କରିଦେଲେ । ତା'ରି ପ୍ରଭାବରେ ଆମ ଭିତରେ ଆକସ୍ମିକ ଭାବରେ ଦ୍ୱନ୍ଦ୍ୱ, କଳହ, ଝଗଡ଼ା,

ଅବିଶ୍ୱାସ, ମନାନ୍ତର ପ୍ରଭୃତି ଯାବତୀୟ ପ୍ରକାରର ଅସଙ୍ଗତି ପ୍ରକାଶ ପାଇଲା । ଆମେ ଏବେ ପୁଣି ସଚେତ ହେଲେ ନିଜର ଦୁର୍ବଳତାକୁ ଚିହ୍ନିପାରିବା ଏବଂ ରୋଗ ଚିହ୍ନିପାରି ତା'ର ଚିକିତ୍ସାର ବ୍ୟବସ୍ଥା କଲେ ନିରୋଗ ମଧ୍ୟ ହୋଇପାରିବା ।

ଆମ ଭିତରର ଦୁର୍ବଳତା ପ୍ରକାଶ ପାଇବାର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହେଲା ଆମକୁ କେବଳ ଅନ୍ୟମାନଙ୍କର ଦୋଷତ୍ରୁଟି ଦିଶିବ ଏବଂ ନିଜର ଦୋଷତ୍ରୁଟି ଆଦୌ ଦିଶିବ ନାହିଁ । କେବଳ ଅନ୍ୟମାନେ ଦୋଷୀ ଲାଗିବେ ଏବଂ ସେମାନେ ବଦଳିଗଲେ ସମସ୍ୟା ସମାଧାନ ହୋଇଯିବ ବୋଲି ମନେ ହେବ । ସମସ୍ୟା ସମାଧାନରେ ମୋର ଯେ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି ଏବଂ ମୋତେ ନିଜକୁ ପରିବର୍ତ୍ତନ କରିବା ହିଁ ମୋର ଏକମାତ୍ର ଦାୟିତ୍ୱ ଏକଥା ଆଦୌ ମନେ ପଡ଼ିବ ନାହିଁ । ଯେତେବେଳେ ମୋତେ ଅନ୍ୟମାନଙ୍କର ଦୋଷ ଦେଖାଯାଉଛି ଏବଂ ନିଜର ଦୋଷତ୍ରୁଟି ଆଦୌ ଦେଖାଯାଉନାହିଁ- ସେତେବେଳେ ନିର୍ବିଘ୍ନରେ ଆମେ ସିଦ୍ଧାନ୍ତ ନେଇପାରୁ ଯେ ଆମର ସମସ୍ତ ଦୁର୍ବଳତା ସିଧାସଳଖ ପ୍ରକାଶ ପାଇଯାଇଅଛି ।

ଏତିକି ବେଳେ ଆଉ ଗୋଟିଏ ଅତ୍ୟନ୍ତ ମର୍ମନ୍ତୁଦ ଘଟଣା ଘଟେ । ଆମେ ସମସ୍ୟା ଭିତରେ ଘାଣ୍ଟି ହେଉଥାଉ ଏବଂ ଅନେକ ସମୟରେ ମା'ଙ୍କୁ ଭୁଲିଯାଉ । ଯିଏ ପ୍ରକୃତରେ ସମସ୍ୟାର ସମାଧାନ ଦିଅନ୍ତେ ଆମେ ତାଙ୍କୁ ଭୁଲିଯାଇ ସମାଧାନ ଖୋଜୁ । କାରଣ ଆମେ ଭାବୁ ଯେ ସମାଧାନର ଦାୟିତ୍ୱ ଆମ ହାତରେ । ଏଥିକୁ ଉପାୟ କ'ଣ ?

ଆମକୁ ମନେ ରଖିବାକୁ ହେବ ମୋର ଦାୟିତ୍ୱ କେବଳ ମୋତେ ଶୁଦ୍ଧ କରିବା-ପରିବର୍ତ୍ତନ କରିବା, ଅନ୍ୟକୁ ନୁହେଁ । ଯିଏ ପରିବର୍ତ୍ତନ ହେବା ପାଇଁ ନ ଚାହିଁବ ତା'ର ଦାୟିତ୍ୱ ମା ନେବେ ମୁଁ ନୁହେଁ ।

ସମସ୍ତ ସମସ୍ୟାର ଦାୟିତ୍ୱ ମା'ଙ୍କ ହାତରେ ଦେଇ ନିଜେ ନିଜକୁ ପରିବର୍ତ୍ତନ କରିବାପାଇଁ ଚେଷ୍ଟା କରନ୍ତୁ- ଦେଖିବା କେମିତି ସଙ୍ଗତି ଫେରି ନଆସିବ !

।

ଆନ୍ତର ମୁକ୍ତି, ସମ୍ପୂର୍ଣ୍ଣ ଆନ୍ତରିକତା, ପୂର୍ଣ୍ଣାଙ୍ଗ ଶୁଦ୍ଧିର ଫଳସ୍ୱରୂପ ଯାବତୀୟ ଦୁଃଖକ୍ଳେଶ ଦୂରୀଭୂତ ହୁଏ, କାରଣ ଚରମ ଲକ୍ଷ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ଚେତନାର କ୍ରମୋନ୍ନତି ପାଇଁ ସେମାନଙ୍କର (ଦୁଃଖ-କ୍ଳେଶର) ଆଉ ଆବଶ୍ୟକତା ନଥାଏ ।

-ଶ୍ରୀମା

*With Best Compliments From* :

**M/s. MODI FURNISHING**

**Tinikonia Bagicha, Cuttack**

(In front of Metro Plaza)
A house of Vinyl Flooring, Carpets,
Door Mats & Coirmats, Adhesive

*With Best Compliments From* :

**M/s. RALSON INDIA LTD.**

**Ludhiana**

Deals in Ralson Cycle &
Rickshaw Tyre, Tube and Hub

# ତୁମ କାର୍ଯ୍ୟହିଁ ତୁମ ସାଧନା

**ଶ୍ରୀ ଅନାଦି ଚରଣ ସ୍ୱାଇଁ**

ପରମପୂଜ୍ୟ ବାବାଜୀ ମହାରାଜଙ୍କର ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଦେଶ । ଆମେ ସାଧାରଣତଃ ଯେପରି ବୁଝୁ ଅନେକ ବ୍ୟକ୍ତି ସେମିତି କାର୍ଯ୍ୟ କରନ୍ତି- ସାଧନା କରନ୍ତି ନାହିଁ । ଅନେକ ବ୍ୟକ୍ତି ସାଧନା କରନ୍ତି କାର୍ଯ୍ୟ କରନ୍ତି ନାହିଁ । କାର୍ଯ୍ୟ ଏବଂ ସାଧନା ଦୁଇଟି ପୃଥକ୍ କଥା ନୁହେଁ, କିନ୍ତୁ କାର୍ଯ୍ୟ ଓ ସାଧନାକୁ ପୃଥକ୍ କରି ଦେଖିବାକୁ ହୁଏ ଯେଉଁମାନେ ଅଲଗା ଅଲଗା ଭାବନ୍ତି । ସାଧନା ଗୋଟିଏ ଭିତରର ଚେତନା କଥା ଏବଂ କାର୍ଯ୍ୟ ବ୍ୟାବହାରିକ ଜୀବନର ଏକ କ୍ରିୟା ଯେପରି ଜୀବନ ଏବଂ ଭଗବାନ । ଅର୍ଜୁନ କହିଲେ, ''*କିଂ ଘୋର କର୍ମେ ମାଂ ନିୟୋଜୟସି କେଶବଃ !*''- ଭଗବାନ, କି ଘୋର କର୍ମରେ ମୋତେ ନିଯୁକ୍ତ ଦେଲେ ପ୍ରଭୁ ! ଆମେ ସବୁବେଳେ ଏହି କଥାଟି କହୁ । ଶ୍ରୀକୃଷ୍ଣ କହିଲେ, ''*କର୍ମଂ ତଦ୍ ପ୍ରବକ୍ଷ୍ୟାମି ଯଜଜ୍ଞାତ୍ୱା ମୋକ୍ଷ ସେ ଅଶୁଭାତ୍*''- କି ପ୍ରକାର କର୍ମ କରିବୁ ମୁଁ ତୋତେ କହିବି ଏବଂ ସେପରି କଲେ ତୁ ସକଳ ଅଶୁଭରୁ ମୁକ୍ତି ହୋଇଯିବୁ । ବର୍ତ୍ତମାନ ଶ୍ରୀକୃଷ୍ଣଙ୍କର ଏହି କଥାକୁ ଆନ୍ତରିକତାର ସହିତ ଅର୍ଜୁନଙ୍କୁ କାର୍ଯ୍ୟ କରିବାକୁ ହେଲେ ଅଷ୍ଟାଦଶ ଅଧ୍ୟାୟ ଯୋଗକୁ ଅର୍ଜୁନଙ୍କୁ ସାଧନା କରି ଯୁଦ୍ଧ ରୂପକ ଭୟଙ୍କର କାର୍ଯ୍ୟକୁ ଅର୍ଜୁନଙ୍କୁ ସମ୍ପାଦିତ କରିବାକୁ ହେବ । ଶ୍ରୀମା'ଙ୍କ କାର୍ଯ୍ୟଧାରା ଅନନ୍ୟ । ସେ କହୁଛନ୍ତି, ପ୍ରଭୁ, ତୁମରି ରୂପାନ୍ତର କାର୍ଯ୍ୟ ସମ୍ପାଦିତ କରିବାକୁ ଆମ୍ଭେମାନେ ପୃଥିବୀପୃଷ୍ଠରେ ରହିଛୁ । ରୂପାନ୍ତର କାର୍ଯ୍ୟ ଦିବ୍ୟଜୀବନ ପ୍ରତିଷ୍ଠା କାର୍ଯ୍ୟ ଶ୍ରୀଅରବିନ୍ଦଙ୍କର ଏବଂ କାର୍ଯ୍ୟକାରିଣୀ ମହାଶକ୍ତି ସ୍ୱୟଂ ଶ୍ରୀମା । ଶ୍ରୀଅରବିନ୍ଦ କହୁଛନ୍ତି, ମା'ଙ୍କୁ ଭଲପାଅ, ତାଙ୍କ ଉପରେ ବିଶ୍ୱାସ ରଖ, ସେ ସବୁ କାର୍ଯ୍ୟ କରିବେ । ଶ୍ରୀମା କହୁଛନ୍ତି, ତୋର କିଛି ଅସୁବିଧା ହେଲେ ମା'.. ମା'.. ନାମଜପ କର । ମୋତେ କେବଳ ସ୍ମରଣରେ ରଖ । ମୁଁ ତୋ ପାଇଁ ସବୁକିଛି କରିବି । ବର୍ତ୍ତମାନ କଥା ହେଲା ମା'ଙ୍କୁ ଭଲ ପାଇବା । ମା'ଙ୍କୁ ସ୍ମରଣରେ ସବୁବେଳେ ରଖିବା । ମା'ଙ୍କ ଉପରେ ବିଶ୍ୱାସ, ଭରସା ଓ ଆସ୍ଥା ସ୍ଥାପନ କରିବା, ତାଙ୍କ ଆଡ଼କୁ ନିଜକୁ ଖୋଲି ଧରିବା, ଉନ୍ମିଳିତ ହୋଇ ଉଠିବା, ତାଙ୍କୁ ଗ୍ରହଣ କରିବା । ତାଙ୍କଠାରେ କୃତଜ୍ଞ, ନମନୀୟ ଏବଂ ସମର୍ପିତ ହୋଇ ଉଠିବା ଏପରି ଚେତନାରେ ଯେ ମା'ଟିଏ ତା'ର ଶିଶୁ ସନ୍ତାନଟି ଲାଗି ସକଳ କାର୍ଯ୍ୟ କରିଦେଲା ପରି ମା' ଆମପାଇଁ ସକଳ କାର୍ଯ୍ୟ କରିଦେବେ । କାର୍ଯ୍ୟଟି ହେଉଛି ଶ୍ରୀମା ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରତି ଘରେ, ପ୍ରତି ଲୋକଙ୍କ ପାଖରେ ପହଞ୍ଚାଇବା । ଆଧାରଟି ହେଲା ଶରୀର, ପ୍ରାଣ, ମନ ଓ ଆତ୍ମା । ଏହି ସମସ୍ତଙ୍କୁ ସଚେତନ କରାଇବା- ଏହା ଏକ ନବୀକରଣ ବା ନବନିର୍ମାଣର ରାସ୍ତା । ଆମର ଲକ୍ଷ୍ୟ ହେଲା ଭଗବତ୍ ପ୍ରାପ୍ତି ବା ପୃଥିବୀପୃଷ୍ଠରେ ଦିବ୍ୟଜୀବନ ପ୍ରତିଷ୍ଠା । କର୍ମ ହେଲା ଚେତନାର ଆମୂଳଚୂଳ ରୂପାନ୍ତର । କର୍ମର ପ୍ରଣାଳୀ ବା ସାଧନାର ସର୍ବଉତ୍ତମ ମାର୍ଗ ହେଲା ମା'ଙ୍କୁ ସ୍ମରଣ, ଜପ, ଧ୍ୟାନ ଓ ମା'ଙ୍କ ସହିତ ଜ୍ଞାନ, ଭକ୍ତି ଓ କର୍ମରେ ଶିଶୁଟି ପରି ସମ୍ପର୍କ ସ୍ଥାପନ କରିବା । ବାବାଜୀ ମହାରାଜଙ୍କ ସହିତ କଥୋପକଥନ ବେଳେ ସେ ଯାହାସବୁ କହିଥିଲେ ତାହାସବୁ ଏହିପରି କରିବାକୁ ଚେଷ୍ଟା କରିବା ।

୧. ବର୍ଷସାରା ବା ମାସସାରା ଯୋଜନାବଦ୍ଧ ଭାବରେ କାର୍ଯ୍ୟକ୍ରମଟିଏ ପ୍ରସ୍ତୁତ କରିବା । ଯଥା ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ର ସମାଜ, ସଭା, ସମ୍ମିଳନୀ, ଶିବିର ଓ ବିବିଧ ଶ୍ରୀମା ଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ କେଉଁଠିକୁ ଯିବା, କେଉଁମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା, କେଉଁମାନଙ୍କୁ ଦେଖା ସାକ୍ଷାତ ବା ଯୋଗାଯୋଗ କରିବା ଉକ୍ତ କାର୍ଯ୍ୟର ସମ୍ପ୍ରସାରଣ ଓ ସଫଳତା ଲାଗି ।

୨. ଯୋଜନା ଫର୍ଦ୍ଦଟି ପ୍ରସ୍ତୁତ ହେଲାପରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ବିନମ୍ରତା ସହିତ ଧୂପ, ପୁଷ୍ପ ଅର୍ପଣ ଓ ଧ୍ୟାନ ପ୍ରାର୍ଥନା ପୂର୍ବକ ନିବେଦନ କରିବା ଓ ଆଶୀର୍ବାଦ ପ୍ରାର୍ଥନା କରିବା ।

୩. ମା'ଙ୍କ ପାଇଁ ନିବେଦିତ କର୍ମଟି ତାଙ୍କ ସ୍ୱୀକୃତି ସ୍ୱରୂପ ଗ୍ରହଣ କରି ନିରବଚ୍ଛିନ୍ନ ସମ୍ପାଦିତ କରିବାକୁ ଉଦ୍ୟମଶୀଳ ଓ କର୍ମୀ ହେବା । ତାଙ୍କୁ ଭଜନ କରିବା ତାଙ୍କ ନାମଜପ କରିବା । ଅସୁବିଧା ସମୟରେ ବାରମ୍ବାର ତାଙ୍କୁ ଅଧିକରୁ ଅଧିକ ଡାକିବା ।

୪. ଏବେ ସଙ୍ଗଠନରେ ଦଶଟି କାର୍ଯ୍ୟକ୍ରମ ଗୃହୀତ ହେଲାଣି, ସେହି ଅନୁସାରେ କେଉଁ କେଉଁ ମୁଖ୍ୟ କର୍ମରେ ଭାଗ ନେବାକୁ ହେବ, ନିଜ ଭିତରୁ ପ୍ରସ୍ତୁତ ହୋଇ ଉଠିବା ଯେପରି ଗୋଟିଏ ଗୋଟିଏ ଅଗ୍ନିଶିଖା ।

୫. କାର୍ଯ୍ୟରେ କେବେହେଲେ ଅନ୍ୟ କାହାରି ନିନ୍ଦା ପ୍ରଶଂସା ଶୁଣିବା ନାହିଁ, ଶୁଣିଲେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ନକରି ମା'ଙ୍କୁ ସମର୍ପଣ କରିବା ଏବଂ ସର୍ବତୋ ଭାବରେ ଶାନ୍ତ, ସ୍ଥିର, ନିର୍ଲିପ୍ତ ଓ ଅନ୍ୟମାନଙ୍କ ସହଯୋଗୀ ହେବାକୁ ନିରନ୍ତର ପ୍ରୟାସୀ ହେବା ।

୬. କାର୍ଯ୍ୟର ଅସଲ ଦିଗଟି ହେଉଛି ସ୍ମରଣ ଓ ସମର୍ପଣ, ମା' ଏହି ନାମ ନିରନ୍ତର ଜପ, କର୍ମରେ ଭାତୃତ୍ୱ ଓ ସଙ୍ଗତି ପ୍ରତିଷ୍ଠା କରିବା । ଅନୁଷ୍ଠାନ ସକଳ ସଚଳ ଯୋଗକେନ୍ଦ୍ରରେ ରୂପାୟିତ ହୋଇଉଠିବ । ମା'ଙ୍କ ପାଇଁ ଏହିପରି କାର୍ଯ୍ୟକୁ ସମ୍ପାଦିତ କଲେ ମା'ଙ୍କର ନିକଟତର ହେବା । ।

# କଥା ହେଉ ହେଉ

**ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ**

ଜଣେ ଦାଦାଙ୍କୁ ପ୍ରଶ୍ନ କଲେ, ଦାଦା, ଆପଣ ଯେ ପ୍ରାୟ ସବୁ ସମୟ ମା'ଙ୍କ ଘରେ ପାଖେ ପାଖେ ରହୁଥିଲେ, ଆପଣ କ'ଣ କରୁଥିଲେ ସେଇ ସମୟରେ ?

ଦାଦା ଟିକେ ଚୁପ୍ ରହିଯାଇ କହିଲେ, କ'ଣ ଆଉ ? ଏଇ ଅଳ୍ପକିଛି ମା' ଯାହା କହନ୍ତି କରେ । ହୁଏତ ଟିକିଏ ପାଣି ଚାହିଲେ ପାଣି ଦେଲି । ଗୋଟେ କାଗଜ ଚାହିଁଲେ ଲେଖିବାପାଇଁ କାଗଜଟିକୁ ବଢ଼େଇ ଦେଲି । ହୁଏତ ଶୋଇ ରହିଛନ୍ତି ତକିଆଟିକୁ ଟିକେ ଉପରକୁ କରିଦେଲି ।

ପ୍ରଶ୍ନ : କେବଳ ଏହା ? ଆଉ କିଛି ନୁହେଁ ? ଶୁଣିଛି ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ପରେ ଆପଣ ପ୍ରତ୍ୟେକ ସମୟ ମା'ଙ୍କ ସଙ୍ଗେ ସଙ୍ଗେ ରହୁଥିଲେ । ମା' ଆପଣଙ୍କୁ କହିଥିଲେ, ପ୍ରଣବ, ତୁମେ ଏକ ମୁହୂର୍ତ୍ତ ପାଇଁ ମଧ ମୋତେ ଛାଡ଼ି ରହିବନି । ତାହା କ'ଣ କେବଳ ଏହି ଅଳ୍ପ କିଛି କାମପାଇଁ ?

ଦାଦା କହିଲେ, ନା, ତାହା ଠିକ୍ ନୁହେଁ । ପ୍ରକୃତରେ ମୁଁ ଯେ ମା'ଙ୍କ ସହ କାହିଁକି ରହୁଥିଲି, କ'ଣ କରୁଥିଲି, କ'ଣ ତା'ର ଆଧ୍ୟାତ୍ମିକ ଗୁରୁତ୍ୱ ଓ ତାତ୍ପର୍ଯ୍ୟ, ସେ କଥା ମା' ମଝିରେ ମଝିରେ ମୋତେ ଲେଖି ଜଣାଉଥିଲେ । ତେବେ ଅନ୍ୟକେହି ସେତେବେଳେ ସେ କଥା ଜାଣନ୍ତୁ ମା' ତାହା ଚାହୁଁନଥିଲେ । ସମସ୍ତଙ୍କର ସବୁ ଜିନିଷ ଜାଣିବାର ଅଧିକାର ଏବଂ ଯୋଗ୍ୟତା ନଥାଏ । ଜାଣିଲେ ସେମାନେ ବୁଝନ୍ତି ନାହିଁ । କିମ୍ବା ହୁଏତ ଭୁଲ୍ ବୁଝିବେ । ସେମାନଙ୍କର ହୁଏତ ଇର୍ଷା ହେବ, ହିଂସା ହେବ । ସେଥିରେ ସେମାନଙ୍କରହିଁ କ୍ଷତି । ମା'ଙ୍କ କାର୍ଯ୍ୟର ମଧ କ୍ଷତି ହେଉଥିଲା । ତେଣୁ ମା' ଚାହୁଁନଥିଲେ ଅନ୍ୟକେହି ତାହା ଜାଣନ୍ତୁ । ଅନ୍ତତଃ ସେ ସମୟରେ ।

କିନ୍ତୁ ଆଦୌ କେହି କେବେବି ଏକଥା ନଜାଣୁ ମା' ତାହା ନିଶ୍ଚୟହିଁ ଚାହୁ ନଥିଲେ । ତାହା ନହେଲେ ସେ ସମୟ ସମୟରେ ସେସବୁ ମୋତେ ଲେଖି ଦିଅନ୍ତେ ନାହିଁ । ସେ ତ ମୋତେ ମୁହଁରେ କହି ଦେଇପାରିଥାଆନ୍ତେ । ଲେଖି ଜଣାଉ ନଥାନ୍ତେ ।

ପୁଣି ଯଥାର୍ଥ ସତ୍ୟଟି କେହି ଯଦି କେଉଁ ଦିନବି ନଜାଣିବ ତାହାବି ଭଲ ନୁହେଁ । ଏଥିରେ ଭୁଲ୍ ଧାରଣା ସୃଷ୍ଟି ହୁଏ । ମିଥ୍ୟାଭାବ ବିକୃତଭାବେ ମନରେ ଜମିରହେ । ସେଥିରେ ବିରୁଦ୍ଧ କଥା ବିକୃତ ଭାବନା ସୃଷ୍ଟି କରେ । ସେଇଟା ବି ଭଲ ନୁହେଁ ।

ତେଣୁ ମୋର ଯେଉଁମାନେ ଘନିଷ୍ଠ ସେମାନଙ୍କ ମଧ୍ୟରୁ ଅନେକହିଁ କହନ୍ତି, ଦାଦା, ଆପଣ ଜଣାଇ ଦିଅନ୍ତୁ, ମା'ଙ୍କ ନିକଟରେ ଆପଣଙ୍କର ସ୍ଥାନ ଓ ଗୁରୁତ୍ୱ କେତେ ପରିମାଣରେ ଥିଲା ଓ ଅଛି । ଲୋକମାନେ ସତ୍ୟକୁ ଜାଣନ୍ତୁ । ତାହାପରେବି ଯଦି ଭୁଲ୍ ଧାରଣା କରନ୍ତି, ଭୁଲ୍ କଥା କୁହନ୍ତି, ତାହାହେଲେ ସେମାନେ ତାହା କରନ୍ତୁ, ଜାଣିଶୁଣି କରନ୍ତୁ । ସେଇ ଦୋଷ ସେତେବେଳେ ଆପଣଙ୍କର ହେବନାହିଁ ।

ଆଉ ଯେଉଁମାନେ ସତ୍ୟକୁ ଚାହାନ୍ତି, ସେମାନେ ଜାଣିଲେ ଲାଭବାନ୍ ହେବେ । ସେମାନଙ୍କର ବିଶ୍ୱାସ ଭିତରେ କୌଣସି ଅନିଶ୍ଚୟତାର ଛାୟା ଆଉ ରହିବ ନାହିଁ । ଭବିଷ୍ୟତ ନିକଟରେ ଆପଣ ଏହି ଦାୟିତ୍ୱ ଅସ୍ୱୀକାର କରି ପାରିବେ ନାହିଁ ।

ଦାଦା କହିଲେ, ଭାବି ଦେଖିଲି, ସେମାନଙ୍କ କଥାରେ ତାତ୍ପର୍ଯ୍ୟ ରହିଛି । ତେଣୁ କିଛି କିଛି ଜଣାଇ ଦେବା ଦରକାର ମନେକଲି । ମା'ଙ୍କ ଲେଖାରେ ଅନେକ କଥା ରହିଛି । ପ୍ରାୟ ବଡ଼ ଗୋଟାଏ ବାକ୍ସ ଭର୍ତ୍ତି ହୋଇଯିବ । ସେଥିରୁ ବାଛି ବାଛି କିଛି ମାତ୍ର ପ୍ରକାଶ କରିବି ବୋଲି ଠିକ୍ କଲି ।

ମା'ଙ୍କ ନିକଟରୁ ଶୁଣିଛି, ଶ୍ରୀଅରବିନ୍ଦ ମୋତେ ପ୍ରଥମରେହିଁ ଦେଖି କହିଥିଲେ, "Pranab has a strong vital" ।

ତା'ର ଉତ୍ତରରେ ମା କହିଥିଲେ, "That's why he can do" ।

ଶ୍ରୀଅରବିନ୍ଦ ପୁଣି କହିଲେ, "He has a grand psychic" ।

କିନ୍ତୁ he can do କହି ମା' ସେତେବେଳେ ଶ୍ରୀଅରବିନ୍ଦଙ୍କୁ କ'ଣ କହିବାକୁ ଚାହିଁଥିଲେ, ସେତେବେଳେ ତାହା ବୁଝିପାରି ନାହିଁ ।

ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ପରେ ମା ଫ୍ରେଞ୍ଚରେ ଗୋଟେ କାଗଜରେ ମୋତେ ଲେଖି ଜଣାଇଥିଲେ–

ମା'ଙ୍କ ଲେଖାଟିର ଅନୁବାଦ ପ୍ରାୟ ଏହିପରି -

ମୁଁ ତୁମକୁ ଜଣାଇବାକୁ ଚାହେଁ, ତୁମର ମୋ ନିକଟରେ କେତେ ଗୁରୁତ୍ୱ ରହିଛି । ଶ୍ରୀଅରବିନ୍ଦ ଯେତେବେଳେ ଦେହତ୍ୟାଗ କଲେ, ସେତେବେଳେ ସେ ତୁମକୁ କ'ଣ ହୋଇଉଠିବାକୁ ହେବ କହି ଯାଇଛନ୍ତି- ତୁମେ ମୋର ଶରୀରର ଜାଗତିକ ଆଶ୍ରୟ ଓ ଶକ୍ତି- ସକଳ କଷ୍ଟ, ଦୁର୍ଯୋଗର ମୁକାବିଲା କରିବାକୁ, ଯାହା ମୋର ଶରୀରକୁ ସମର୍ଥ କରି ଧରିବ, ଗତ ତିରିଶ ବର୍ଷଧରି ଯେଉଁ ପୂର୍ଣ୍ଣ ନିରାପତ୍ତା ଓ ଅନାବିଳ ଆନନ୍ଦ ପାଇ ଆସୁଥିଲି ତାହାଠାରୁ ହଠାତ୍ ଯେ ଅପୂରଣୀୟ ବିପର୍ଯ୍ୟୟ ଘଟି ଗଲା ତାହା ମଧ୍ୟରୁ ।

★

ନଭେମ୍ବର ୧୯୫୩ ମସିହାରେ
ଦାଦାଙ୍କୁ ମା' ଖଣ୍ଡେ ବହି ଦେଇ ଲେଖିଛନ୍ତି -

ପ୍ରଣବକୁ

ମହାନ୍ ଭବିଷ୍ୟତର ଭିତ୍ତିପ୍ରସ୍ତର -

(ନଭେମ୍ବର ୧୯୫୩)

**- ଶ୍ରୀମା**

ଦାଦା କହିଲେ, ଦିନେ ଭୋର ସାଢ଼େ-ପାଞ୍ଚଟାରେ ମା ମୋତେ କହିଲେ, ତୁମ୍ଭମାନଙ୍କ ପରିବାରର ସମସ୍ତଙ୍କର ମା, ବାପା, ଭାଇମାନଙ୍କ ସମସ୍ତଙ୍କଠାରେ, ଶ୍ରୀଅରବିନ୍ଦଙ୍କ ଦିବ୍ୟ ଚିହ୍ନର ବିଶେଷ ଲକ୍ଷଣ ମୁଁ ଦେଖିବାକୁ ପାଉଛି । ତେଣୁ ତୁମ ସମସ୍ତଙ୍କୁ ମୁଁ ମୋର ଗ୍ରହଣ କରି ନେଇଛି । ଆବଶ୍ୟକ ହେଲେ ପୂରା ସହରକୁ ମଧ୍ୟ ମୁଁ ନେଇଯାଇ ପାରେ । ତୁମେ ତ ମୋ ମଧ୍ୟରେ ନବଜନ୍ମ ଲାଭ କରିଛ । ଏହା କହି ମା ମୋତେ ଲେଖି ଦେଲେ -

ତୁମ ଭିତରେ ଅତ୍ୟାଶ୍ଚର୍ଯ୍ୟ ଦିବ୍ୟ ଘଟଣାର କୌଣସି ସୀମା ନାହିଁ । ତୁମ ସମସ୍ତ ପରିବାରର ପରିପୂର୍ଣ୍ଣ ଶୁଦ୍ଧ ସ୍ୱରୂପ ନେଇ ତୁମେ ଏବେ ମୋ ମଧ୍ୟରେ ନବଜନ୍ମ ଲାଭ କରିଛ ।

★

ମା ଲେଖି ଦାଦାଙ୍କୁ ଜଣାଇଲେ –

ପୃଥିବୀରେ ମନୁଷ୍ୟ ଉପରେ ଭଗବତ୍ କୃପାର ଦୁଇଟି ଧାରା, ଦୁଇଟି ଧାରାହିଁ ସମାନ ଭାବରେ ଅପରିହାର୍ଯ୍ୟ କିନ୍ତୁ ସମାନ ଭାବରେ ଉପଲବ୍ଧ ହୁଏ ନାହିଁ । ମହାନ୍ ଓ ଅପରିବର୍ତ୍ତନୀୟ ଶାନ୍ତି, ଯାହା ସକଳ ଉଦ୍‌ବେଗ ଉତ୍କଣ୍ଠା ଓ ଯନ୍ତ୍ରଣାଠାରୁ ମୁକ୍ତ କରେ । ସବଳ ଶକ୍ତିଶାଳୀ ଅଗ୍ରଗତି ଯାହା ସକଳ ବନ୍ଧନ ଆସକ୍ତି ଓ ଜଡ଼ତା ଠାରୁ ମୁକ୍ତ କରେ । ଭଗବତ୍ କରୁଣା ଭାବେ ଶାନ୍ତିକୁ ସମସ୍ତେ ଉପଲବ୍ଧି କରି ପାରନ୍ତି ବୁଝି ପାରନ୍ତି କିନ୍ତୁ କେବଳ ଯାହାର ଅଛି ତୀବ୍ର ଓ ସାହସୀ ଆସ୍ପୃହା ସେମାନେହିଁ ଅଗ୍ରଗତିକୁ ଗ୍ରହଣ କରି ପାରନ୍ତି ।

**- ଶ୍ରୀମା**


★

(ମନୁଷ୍ୟ ଉପରେ ପରିଚାଳନା କର୍ତ୍ତୃତ୍ୱ କିପରି ହେବ ସେ ସମ୍ବନ୍ଧରେ ଦାଦାଙ୍କୁ ମା ଲେଖି ଜଣାଇଛନ୍ତି)-

ସାଧାରଣ ଚେତନାର ମନୁଷ୍ୟ ଯେ ତାହାରି ଭଳି ସମାନ ସ୍ତରରେ ଅଛି ବୋଲି ମନେହୁଏ ଏମିତି କୌଣସି ମନୁଷ୍ୟର କର୍ତ୍ତୃତ୍ୱ ସେମାନଙ୍କ ଉପରେ ଚାପି ଦେଲେ ସେମାନେ ସହ୍ୟ କରେ ନାହିଁ ।

ଅନ୍ୟପକ୍ଷରେ, ଅନ୍ୟ ଉପରେ କର୍ତ୍ତୃତ୍ୱ ଆରୋପ କରିବାକୁ ହେଲେ ମନୁଷ୍ୟର କର୍ତ୍ତୃତ୍ୱ ଜ୍ଞାନାଲୋକପ୍ରାପ୍ତ, ନିରପେକ୍ଷ ଓ ନିଃସ୍ୱାର୍ଥ ହେବ ଯାହାର ମୂଲ୍ୟ ନେଇ କେହି ପ୍ରଶ୍ନ କରିବେ ନାହିଁ ।

**- ଶ୍ରୀମା**




ନିଜର ଶରୀର ଉପରେ ପ୍ରଭୁତ୍ୱ ଅର୍ଜନ କର ଯାହା ତୁମକୁ ନେଇଯିବ ମୁକ୍ତି ନିକଟକୁ ।

**- ଶ୍ରୀମା**

★

ଦାଦା କହିଲେ, ମା ପ୍ରତିଥର ମୋର ଜନ୍ମଦିନରେ ଦୁଇଟି ଲେଖାଏଁ କାର୍ଡ଼ ଲେଖି ଦେଉଥିଲେ । ଗୋଟିଏ ସାଧାରଣ ସମସ୍ତଙ୍କୁ ଦେଖାଇବା ଉଦ୍ଦେଶ୍ୟରେ, ଅନ୍ୟଟି କାହାକୁ ନଦେଖାଇବା ଉଦ୍ଦେଶ୍ୟରେ । ସେଗୁଡ଼ିକ ସବୁ ଏତେଦିନ ଗୋପନ ରଖିଥିଲି । ଏବେ ସେ ସବୁଥିରୁ କେତୋଟି ମାତ୍ର ପ୍ରକାଶ କଲି । ଆହୁରି ଅନେକ ରହିଛି, ମା'ଙ୍କର ସେହି ସବୁ ଏକାନ୍ତ କଥା ଏବେବି ଏକାନ୍ତରେ ରହିଥାଉ-

18-10.52

En route
vers
la Victoire

ବିଜୟପଥରେ

**- ଶ୍ରୀମା**

★

ପ୍ରଣବକୁ

ଶୁଭ ଜନ୍ମଦିନ

ତୋ'ର ଜୟ ହେଉ ।

ଯେଉଁ ବିଜୟ ପାଇଁ ତୁମେ ଗଭୀର ଆସ୍ପୃହା କର
ସେହି ବିଜୟପାଇଁ-

ମୋର ଆଶିର୍ବାଦ

**- ଶ୍ରୀମା**

To Pranab

Let it be the
assurance of an integral
Victory.

With my love and
blessings

18.10.54

୧୮.୧୦.୫୪
ପ୍ରଣବକୁ

ପରିପୂର୍ଣ୍ଣ ବିଜୟର ଏହା ହେଉ ବରାଭୟ ଆଶ୍ୱାସ ।

ମୋର ସ୍ନେହ ଓ ଆଶିର୍ବାଦ ସହ

**- ଶ୍ରୀମା**

To Pranab
With all my love
and confidence

18.10.56


He shall be victorious.

ପ୍ରଣବକୁ

ମୋର ପୂର୍ଣ୍ଣ ପ୍ରେମ ଓ ଆସ୍ଥା ସହ

ତା'ର ନିଶ୍ଚୟ ବିଜୟ ହେବ ।

**- ଶ୍ରୀମା**


18-10-57

To my beloved child and
faithful companion in the
building up of the New World
With my love, my trust
and my blessings for ever

ନୂତନ ଜଗତର ଗଠନ ନିମନ୍ତେ ମୋର ପ୍ରିୟ
ସନ୍ତାନ, ମୋର ବିଶ୍ୱସ୍ତ ସାଥୀକୁ-
ଚିରକାଳ ନିମନ୍ତେ ମୋର ପ୍ରେମ, ମୋର ଆସ୍ଥା,
ମୋର ଆଶିର୍ବାଦ ।

**- ଶ୍ରୀମା**

ପ୍ରଣବକୁ

ଶୁଭ ଜନ୍ମଦିନ
ଆଗେଇ ଚାଲ, ନବସୃଷ୍ଟିର ବିଜୟ ଦିଗରେ
ସର୍ବଦା ଆଗେଇ ଚାଲ...

**- ଶ୍ରୀମା**

... ନବସୃଷ୍ଟି ।


**- ଶ୍ରୀମା**

ପ୍ରଣବକୁ ଶୁଭଜନ୍ମ ଦିନ
ଚିରନ୍ତନ ପ୍ରେମ ସହ ।

**- ଶ୍ରୀମା**


ପ୍ରଣବ ଭଗବାନ ତୋତେ ଭଲପାଆନ୍ତି ।

**- ଶ୍ରୀମା**


18-10-63
To Pranab with perfect Love
After the manifestation of the Truth
will come the supreme manifestation of
the perfect essential Love.
Then, your being will be fulfilled.

ପ୍ରଣବକୁ ସମ୍ପୂର୍ଣ୍ଣ ପ୍ରେମ ସହ
ଦିବ୍ୟସତ୍ୟର ଅଭିବ୍ୟକ୍ତି ପରେ ଆସିବ
ପ୍ରୟୋଜନୀୟ ପୂର୍ଣ୍ଣ ଦିବ୍ୟପ୍ରେମର ପରମ ପ୍ରକାଶ ।
ସେତେବେଳେ ହିଁ, ତୋ'ର ସତ୍ତା ପରିପୂର୍ଣ୍ଣ ହେବ ।

**- ଶ୍ରୀମା**


It is only an uncontested rule
upon earth of Truth and Love
that can satisfy our aspiration.

ପୃଥିବୀପୃଷ୍ଠରେ ଦିବ୍ୟସତ୍ୟ ଓ ଦିବ୍ୟପ୍ରେମର
ଅପ୍ରତିଦ୍ୱନ୍ଦି ଶାସନ-
ତାହାହିଁ କେବଳ ଆମ୍ଭମାନଙ୍କ
ଆସ୍ପୃହାକୁ ତୃପ୍ତ କରିବ ।

**- ଶ୍ରୀମା**

In true love
for ever

ଚିରକାଳ ନିମନ୍ତେ ଯଥାର୍ଥ ପ୍ରେମ ସହ ।

**- ଶ୍ରୀମା**

ମୋର ଶରୀରର ଶକ୍ତି

ମୋର ସମସ୍ତ ପ୍ରେମ ଏବଂ ମୋର କୃତଜ୍ଞତା ।

**- ଶ୍ରୀମା**

Love Divine

With love we fight.
For love we conquer
Through love we transform
In love we realise.

ଭଗବାନଙ୍କୁ ଭଲପାଅ

ପ୍ରେମକୁ ସାଥିରେ ନେଇ ଆମେ ଯୁଦ୍ଧ କରୁଛୁ ।
ପ୍ରେମ ନିମନ୍ତେ ଆମ୍ଭେମାନେ ବିଜୟ ହାସଲ କରୁ ।
ପ୍ରେମ ମଧ୍ୟ ଦେଇ ଆମ୍ଭେମାନେ ରୁପାନ୍ତର ଆଣୁ ।
ପ୍ରେମ ମଧ୍ୟ ଦେଇ ଆମ୍ଭେମାନେ ସିଦ୍ଧି ପ୍ରାପ୍ତ କରୁ ।

**- ଶ୍ରୀମା**

18.10.66

To Pranab

Let the Divine's
Love
be with you at
every moment and
in everything.

ପ୍ରଣବକୁ

ଭଗବାନଙ୍କ ପ୍ରେମ ସର୍ବଦା ତୋ ସହ ରହୁ

ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ଘଟଣାରେ

**- ଶ୍ରୀମା**

ଦିବ୍ୟସତ୍ୟ ଓ ଦିବ୍ୟପ୍ରେମର ସିଦ୍ଧି ନିମନ୍ତେ ହିଁ

ଆମମାନଙ୍କୁ ସହ୍ୟ କରିବାକୁ ହେବ,

ଚରମ ବିଜୟର ନିମନ୍ତେ ଯୁଦ୍ଧ କରିବାକୁ ହେବ ।

**- ଶ୍ରୀମା**

ଦିବ୍ୟ ସ୍ନେହ ଓ ଦିବ୍ୟପ୍ରେମ ତୋତେ ଜଣାଉଛି

ଶୁଭଜନ୍ମଦିନ ଶୁଭ ନବବର୍ଷ ।

**- ଶ୍ରୀମା**

ଶୁଭ ଜନ୍ମଦିନ ପ୍ରଣବକୁ

ତୁମେ ଦିବ୍ୟଆଲୋକ, ଦିବ୍ୟଶକ୍ତି ଓ

ଦିବ୍ୟ ଆନନ୍ଦରେ ବାସ କରିବା ନିମନ୍ତେ

ସ୍ୱର୍ଗ ଓ ପୃଥିବୀ ସହଯୋଗୀତା କରୁ ।

ପ୍ରେମ ସହ


**- ଶ୍ରୀମା**

ପ୍ରଣବକୁ

ଦିବ୍ୟପ୍ରେମ ମଧ୍ୟ ଦେଇ ଦିବ୍ୟପ୍ରେମ ପ୍ରକାଶହିଁ
ପରମ ବିଜୟୀ ଏବଂ ତାହାହିଁ
ଦିବ୍ୟଜୀବନ ନିମନ୍ତେ ପୃଥିବୀକୁ ଜୟ କରିବ ।

ପ୍ରେମ ସହ


**- ଶ୍ରୀମା**


18.10.69
mon aimé
The Divine's love
is with you always
and for ever.

ପ୍ରିୟ ଶିଶୁ ମୋର
ଦିବ୍ୟପ୍ରେମ ତୋ ସହିତ ରହିଛି
ସର୍ବଦା ଚିରକାଳ ନିମନ୍ତେ ।

**- ଶ୍ରୀମା**

(ମା'ଙ୍କର ଦୁଇଟି ବାଣୀ ଦେଇ ଏହି ଲେଖା ଶେଷ କରାଯାଉଛି କାହିଁକି ନା ଏହାପରେ ଆଉ କିଛି ଲେଖାଯାଇପାରିବ ନାହିଁ । ବର୍ତ୍ତମାନ ନୀରବରେ ଆମେ ଆତ୍ମମଗ୍ନ ହୋଇ ଅନୁଭବ କରିବା ମା'ଙ୍କ ନିକଟରେ ଦାଦାଙ୍କର ମୂଲ୍ୟ କ'ଣ ।)


18-10-61
To Pranab
For his birthday
Realisation
That is what we aspire for and for which we shall strive unceasingly however long it may take to achieve.
With love and blessings

୧୮.୧୦.୬୧

ଦାଦାଙ୍କ ଜନ୍ମଦିନରେ ମା' ଲେଖିଥିଲେ

ପ୍ରଣବକୁ ତାଙ୍କ ଜନ୍ମଦିନ ନିମନ୍ତେ

ଭାଗବତ ସିଦ୍ଧି

ତାହା ନିମନ୍ତେହିଁ ଆମେ ଆସ୍ପୃହା କରୁ ଯେତେ ଦୀର୍ଘ ସମୟ ଲାଗୁ ନା କାହିଁକି ଯାହାର ପ୍ରାପ୍ତି ନିମନ୍ତେ ଆମ୍ଭେମାନେ ଅବିରତ ପ୍ରୟାସ କରିବୁ ।

ମୋର ପ୍ରେମ ଓ ଆଶୀର୍ବାଦ ସହ

**- ଶ୍ରୀମା**


ପ୍ରଣବକୁ ଶୁଭଜନ୍ମଦିନ
ମୋର ସମସ୍ତ ପ୍ରେମ ସହ ତୋ'ର ସିଦ୍ଧି ନିମନ୍ତେ
ମୁଁ ପ୍ରାର୍ଥନା କରୁଛି ।

**- ଶ୍ରୀମା**

Space of this page is offered by :

**KESHARI DEVI**

**Rover's Street, Cuttack**


18-10-62
Bonne Fête
à
Pranab
to he who is my physical strength
One in the aspiration
One in the endeavour
One in the endurance
One in the Realisation.
With love and certitude

ପ୍ରଣବକୁ ତା'ର ଜନ୍ମଦିନ ନିମନ୍ତେ
ଯିଏ ମୋର ଶାରୀରିକ ଶକ୍ତି
ମୋର ଆସ୍ପୃହା ସହ ଏକୀଭୂତ
ମୋର ତପସ୍ୟା ସହ ଏକୀଭୂତ
ମୋର ସହନଶୀଳତା ସହ ଏକୀଭୂତ
ମୋର ଦିବ୍ୟସିଦ୍ଧି ସହ ଏକୀଭୂତ
ପ୍ରେମ ଓ ନିଶ୍ଚିତତା ସହ ।

**- ଶ୍ରୀମା**

●

## WHAT WE MUST DO NOW

**We must try to:**

1. Do our work as properly and as perfectly as we can.
2. Develop our mind, life and body, with proper culture and study, to the maximum of their possibilities.
3. Keep a constant contact with our psychic being by Japa, Prayer, Meditation or simply by remembering.
4. Keep ourselves open upward so that when the higher forces come down, they can enter into us and do their work.
5. Remain quietly happy all the time.

As learnt from Mother

**-PRANAB-**
18.10.200

Space of this page is offered by :

***Arun***

# The Sprit Behind

**Sri Pranab Kumar Bhattacharya**

It is particulary important, that those of us who are involved in teaching Physical Education to students and others, to be transparently clear of the Ideal for which we exist.

When I started Physical Education here in the Ashram in 1945 the object was to provide health and physical fitness to our children and to develop in them certain moral and inner qualities that would be helpful in their integral life.

But the role of physical education became more clear and precise when Sri Aurobindo gave us the ideal in his message to us published in our first Bulletin in 1949.

"The perfection of the body, as great a perfection as we can bring about by the means at our disposal, must be the ultimate aim of Physical Culture, Perfection is a true aim of all culture, the spiritual and psychic, the mental, the vital, and it must be the aim of our Physical culture also. If our seeking is for total perfection of the being, the physical part of it cannot be left aside; for the body is the material basis, the body is the instrument which we have to use. Shariram Khalu Dharma Sadhanam, says the old Sanskrit adage, the body is the means of fullfilment of dharma, and dharma means every ideal which we can propose to ourselves and the law of its working out and its action. A total perfection is the ultimate aim which we set before us, for our ideal is the Divine Life which we wish to create here, the life of the Spirit fulfilled on earth, life accomplishing its own Spiritual Transformation even here on earth in the condition of the material universe. That cannot be unless the body too undergoes a transformation, unless its action and functioning attain to a supreme capacity and the perfection which is possible to it or which can be made possible."

This ideal then is the only raison d'etre behind the existence of the Department of Physical Education. And to realise this ideal The Mother gave us all her help and guidance. Following is the process that I learnt from The Mother and share it with you.

1. In this approach for the work of integral transformation, the first thing necessary is the True Consciousness. To be conscious first about the truth of our being- the psychic being. Then we have to know in detail the parts and activities of our Complete being. Then with true knowledge and understading we have to organise our mind, life and body with all their innumerable parts around this Central Truth. We have to train and educate ourselves to be guided only by the psychic inspiration.

The qualities which will help us in this process are faith, aspiration, devotion, sincerity and surrender. The result of the achivement will be that the psychic will express True Love. True Love which is the source of joy, is pure and desireless. It gives freely without any demand or bargain. Hatred and jealousy on the other hand destroy the body and have no part in this True Love.

2. The vital and the mind- the two great forces must not rule over the body. Their excessive demands spoil the body with their ideas, their impulses and their desires. But cooperation of the mind and vital are essential for this work. They have to be taught and trained in the custom of discipline, obedience and order so that they become plastic and receptive enough to receive the higher light and

allow it to make the necessary changes.

This is a long process but with patience and perseverance the control is possible and the final achievement will be that the mind will express True Knowledge, the vital indomitable power and the physical will express Beauty in form and beauty in action.

3. Growth of the body consiousness- "One development of utmost value is the awakening of the essential and instinctive body consciousness which can see and do what is necessary without any indication from mental thought and which is equivalent in the body to swift insight in the mind and spontaneus and rapid decision in the will", says Sri Aurobindo. Through all sorts of games, sports and physical activities we aim to build up this body consciousness, leading to a gradual control, mastery and transformation of the body.

4. Since the body is the main instrument of this work, it has to be protected and taken care of by an application of the knowledge of health, hygiene, physical exercises. preventive and curative medicine, etc. Basic knowledge of all the above subjects in theory and practice is an essential aid in the process of developing the 'body consiousness'.

5. The body must be kept in a perfectly balanced state. With he proper amount of work and rest, food, exercise and sleep, it should always remain in a constant state of Sat-Chit-Ananda. Ananda is our prime mover- it is the rejuvenator and must saturate our whole physical being. The result of this achievement will be prolongation of youth and maintenance of health and physical fitness of the body for a very long period and to stop or slow down the process of deterioration finally leading to immortality.

This work therefore includes both the inner and the outer selves. To get guidance for the inner work, we have to come in contact with the Mother's and Sri Aurobindo's pervading consiousness and their innumerable writings. For the outer work The Mother has organised the Ashram with all the different departments of Education for training the different parts of the being and the departments of work for having opportunities in the material field to express oneself through them.

So many times this thought comes that if we were born in a certain epoch when humanity made a serious attempt to make a progress, we would have put all our best to help in the cause and that way would have enjoyed in doing something truly worth. Perhaps we were born at that time and made a good contribution for that cause.

But now a time has come when we are offered a most valued opportunity to do something for the progress of humanity. And this progress is extremely important in the history of the world when a definite attempt and work is being done for changing the consiousness of man and making out of him a being which is a step further in the terrestrial evolution.

Therefore, with all conviction, I would say to my friends and colleagues that we are fortunate to be born in Sri Aurobindo's age and we have the special privillege of being chosen to do this work in this world. This can be a unique contribution on the part of physical education. I would go to the extent in saying that we stand alone as the only organisation in the educational scence which has the responsibility to teach physical educaion, leading to physical transformation.

Therefore, upon our shoulders falls the responsibility of developing in each boy and girl a will for physical fitness that will persist throughout their lives. The coming generation should not be able to blame us that because of lack of our will, our small and limited vision, our lack of conviction in the ideal, lack of dedication and selflessness we could not exploit our cause sufficiently, we have not been able to do what we could have done.

Do not try to please yourself,
Do not try either to please the others.
Try only to please the Lord.
Because He alone is the Truth.

– The Mother

With Best Compliments From :

**Three Sister Concerns**

**KSHETRA MOHAN SEVA SADAN**
Ranihat, Cuttack - 753 001
Ph. : (0671) 613711

**GRAPHIC ART OFFSET PRESS**
Nuapatna, Mangalabag, Cuttack - 753 001
Ph. : (0671) 623822, 624173, e-mail : graphic@dte.vsnl.net.in

**SRI AUROBINDO ASHRAM STORE**
Matrubhaban, Sri Aurobindo Marg, Cuttack - 753013
Ph. : (0671) 344338, e-mail : matrubha@dte.vsnl.net.in

With Best Compliments From :

**M/s. Venus Steel Furniture**

H.O. : opp. Prabhat Cinema, Buxi Bazar, Cuttack
B.O. : Haripur Road, Cuttack
***(A complete house of PLANET furnitures)***